READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୯ ସଂଖ୍ୟା-୧୮ ୧୨ - ୧୮ ମଇ, ୨୦୨୫ ଭୁବନେଶ୍ୱର Monday Weekly VOL-9 ISSUE-18 12th - 18th MAY, 2025 BHUBANESWAR ₹ 5/- (8 Pages)

# ଅପରେସନ ସିନ୍ଦୂର, ଫେରିବ ପିଓକେ !



**ନୂଆଦିଲ୍ଲୀ :** ପାକ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରି ବାୟୁସେନା କୋଟି କୋଟି ଭାରତୀୟଙ୍କ ଇଚ୍ଛା ପୂରଣ କରିବାର ପଥ ପରିଷ୍କାର କରିଛି। କହିବାର ତାତ୍ପର୍ଯ୍ୟ ଭାରତ ଆରମ୍ଭରୁ କହିଆସୁଛି ଯେ ପିଓକେ ମଧ୍ୟ ଆମର ଅଂଶ, ଯାହା ପାକିସ୍ତାନ ଦ୍ୱାରା ଅବୈଧ ଭାବରେ ଅଧିକୃତ। ପିଓକେକୁ ଭାରତରେ ସାମିଲ କରିବା ପାଇଁ ବହୁ ଦିନ ଧରି ଦାବି ହୋଇଆସୁଛି। ସଂସଦ ଭିତରେ ହେଉ କିମ୍ବା ଅନ୍ୟ କୌଣସି ନିର୍ବାଚନୀ ମଇଦାନ। ପ୍ରତ୍ୟେକ ମଞ୍ଚରେ, ପାକ ଅଧିକୃତ କାଶ୍ମୀରକୁ ଫେରାଇ ଆଣିବା ପ୍ରସଙ୍ଗ ଉଠାଯାଇଛି। ଏବେ ଯେହେତୁ ଭାରତୀୟ ବାୟୁସେନା ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ, ଅପରେସନ 'ସିନ୍ଦୂର' ଚଳାଇ ପାକିସ୍ତାନରେ ୯ଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଦେଇଛି। ଯେଉଁଥିରେ ପାକ ଅଧିକୃତ କାଶ୍ମୀରରେ ଦୁଇଟି ଅନ୍ତର୍ଭୁକ୍ତ। ପିଓକେକୁ ଘରକୁ ଫେରାଇ ଆଣିବାର ପଥ ପ୍ରଶସ୍ତ ହୋଇଥିବା ପରି ମନେ ହେଉଛି। ଦେଶର ଏହି ମିଶନ ସହିତ ଜନସାଧାରଣଙ୍କ ଭାବନା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ସୂଚାଇ ଦେଇଛନ୍ତି ଯେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ପାକିସ୍ତାନକୁ ସମର୍ଥନ କରାଯାଇପାରିବ ନାହିଁ। ଟ୍ରମ୍ପ ଏବଂ ମୋଦିଙ୍କ ମଧ୍ୟରେ ବନ୍ଧୁତା ପୁଣି ଥରେ ଫଳ ପ୍ରଦାନ କରୁଥିବା ପରି ମନେ ହେଉଛି। ଏହାର ଅର୍ଥ ହେଉଛି ପାକିସ୍ତାନ ପ୍ରତ୍ୟେକ କ୍ଷେତ୍ରରେ ଅସହାୟ ହୋଇପଡ଼ିଛି। ଭାରତ ଏହାର ସୁଯୋଗ ନେବା ଉଚିତ। ଏହାକୁ ଏକ ସଂଯୋଗ ବୋଲି ବିବେଚନା କରାଯିବା ଉଚିତ ଯେ ବାଲାକୋଟ ଆକ୍ରମଣ ସମୟରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଥିଲେ ଏବଂ ବର୍ତ୍ତମାନ ଅପରେସନ ସିନ୍ଦୂର ସମୟରେ ଟ୍ରମ୍ପ ଆମେରିକାରେ ଶାସନ କ୍ଷମତାରେ ଅଛନ୍ତି। ଏବେ ପ୍ରଥମ ଥର ପାଇଁ ଭାରତ ପାକିସ୍ତାନର ପ୍ରାୟ ୧୦୦ କିଲୋମିଟର ଭିତରେ ପ୍ରବେଶ କରି ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଛି, ଏହା ଭାରତର ବର୍ଦ୍ଧିତ ଶକ୍ତିର ପ୍ରତୀକ। ଏହି ଆକ୍ରମଣ ପୂର୍ବରୁ ପାକିସ୍ତାନ ଆତ୍ମସମର୍ପଣ କରିଛି। ପାକିସ୍ତାନ ଆଜିକାଲି ଅନେକ ସମସ୍ୟାରେ ଘେରି ରହିଛି। ବେଲୁଚିସ୍ତାନରେ ସ୍ୱାଧୀନତା ଦାବି ଜୋର ଧରିଛି। ସେ ଆର୍ଥିକ ଦୃଷ୍ଟିରୁ ଗରିବ। ଭାରତ ସହିତ ଲଢ଼ିବାକୁ ହେଲେ, ତାକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରୁ ଋଣ କିସ୍ତି ମାଗିବାକୁ ପଡିବ। ଆମେରିକା ହସ୍ତକ୍ଷେପ କରିବାକୁ ମନା କରିଦେଇଛି। କେବଳ ଫ୍ରାନ୍ସ ଏବଂ ରୁଷିଆ ନୁହେଁ ବରଂ ଚାଇନା ମଧ୍ୟ ଆତଙ୍କବାଦକୁ ସମର୍ଥନ କରିବାକୁ ମନା କରିଦେଇଛି। ଏହି ବାୟୁସେନା ଆକ୍ରମଣ ପାକିସ୍ତାନରେ ଆତଙ୍କବାଦର ମେରୁଦଣ୍ଡ ଭାଙ୍ଗି ଦେଇଛି। ଆତଙ୍କବାଦକୁ ପାଣ୍ଠି ଯୋଗାଇବା ପାଇଁ ପାକିସ୍ତାନ ପାଖରେ ଆଉ ଟଙ୍କା ନାହିଁ। ଏହାର ଅର୍ଥ ହେଉଛି ପିଓକେକୁ ଘରକୁ ଫେରିବା ପାଇଁ ଏହା ସଠିକ ସମୟ ପରି ମନେ ହେଉଛି। ପରିସ୍ଥିତି ଦର୍ଶାଉଛି ଯେ ୧୯୭୧ ମସିହାରେ ଭାରତର ସାମରିକ ଶକ୍ତି ଯେଉଁ ଶକ୍ତିରେ ପାକିସ୍ତାନକୁ ଦୁଇ ଭାଗରେ ବିଭକ୍ତ କରିଥିଲା, ➤ ପୃ-୬

## ୨୭ରେ କେରଳ ଛୁଇଁବ ମୌସୁମୀ



**ନୂଆଦିଲ୍ଲୀ :** ଦେଶର ଚାଷୀଙ୍କ ପାଇଁ ଖୁସି ଖବର। ଚଳିତବର୍ଷ ମୌସୁମୀ ଦେଶକୁ ଖୁବ୍ ଶୀଘ୍ର ପହଞ୍ଚିବ ଓ ଭଲ ବର୍ଷିବ। ମୌସୁମୀ ନିର୍ଦ୍ଧାରିତ ସମୟର ୫ ଦିନ ପୂର୍ବରୁ ଆସିବ ବୋଲି ଆକଳନ କରାଯାଉଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) କହିଛନ୍ତି ଯେ ଭାରତର ଦକ୍ଷିଣ ଉପକୂଳରେ ମୌସୁମୀ ମେ ୨୭ରୁ ବର୍ଷି ପାରେ। ଏ ବର୍ଷ ମୌସୁମୀ ଶୀଘ୍ର ଆସୁଥିବାରୁ ଧାନ, ମକା ଓ ସୋୟାବିନ ଭଳି ଫସଲର ବମ୍ପର ଅମଳ ଆଶା ବଢି ଯାଇଛି। ପ୍ରତି ବର୍ଷ ଜୁନ ୧ ତାରିଖ ବେଳକୁ ମୌସୁମୀ ଦେଶର ଦକ୍ଷିଣ ଉପକୂଳ କୁ ଛୁଇଁଥାଏ, ଯାହା ଜୁଲାଇ ୧୦ ତାରିଖ ବେଳକୁ ସାରା ଦେଶକୁ ପହଞ୍ଚିଥାଏ। ଉଲ୍ଲେଖଯୋଗ୍ୟ ଯେ ଦେଶର ୪ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାର ଜୀବନ ରେଖା ହେଉଛି ମୌସୁମୀ। ଭାରତର କୃଷି କ୍ଷେତ୍ରକୁ ପାଣି ଯୋଗାଇ ଦେବା ସହ ଜଳାଶୟଙ୍କୁ ରିଚାର୍ଜ କରିବା ପାଇଁ ମୌସୁମୀ ୭୦% ପାଣି ଯୋଗାଇ ଦେଇଥାଏ। ଭାରତର ପାଖାପାଖି ୫୦% ଚାଷ ଯୋଗ୍ୟ ଜମି ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ। ଏଣୁ ଏହି ସବୁ ଜମିକୁ ଜୁନ-ସେପ୍ଟେମ୍ବର ମୌସୁମୀ ପାଣି ଯୋଗାଇ ଦେଇଥାଏ। ଏଭଳି ପରିସ୍ଥିତିରେ ଚଳିତବର୍ଷ ମୌସୁମୀ ଖୁବ୍ ଶୀଘ୍ର ଦକ୍ଷିଣ ଉପକୂଳକୁ ପହଞ୍ଚିବା ଖବର ନିଶ୍ଚିତ ରୂପେ ଆଶ୍ୱସ୍ତିକର ବୋଲି କୁହାଯାଇ ପାରେ। ଉଲ୍ଲେଖଯୋଗ୍ୟ ଯେ ଗ୍ରୀଷ୍ମ ଋତୁ ଶେଷରେ ୧ ଜୁନ ବେଳକୁ ଭାରତର ଦକ୍ଷିଣ ଉପକୂଳର କେରଳ ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଥାଏ ଓ ମଧ୍ୟ ଜୁଲାଇ ବେଳକୁ ସାରା ଦେଶକୁ ପ୍ରସରିଯାଇଥାଏ। ଏଣୁ ସଅଳ ମୌସୁମୀ ଯୋଗୁ ଧାନ, ମକା, କପା, ସୋୟାବିନ ଓ ଆଖୁ ଭଳି ଫସଲ ପାଇଁ ଚାଷୀ ଖେତ ଯୋଡିବା ଆରମ୍ଭ କରିବେ। ଆଇଏମଡି ଶନିବାର ଏକ ସୂଚନାରେ ଚଳିତବର୍ଷ ୨୭ ମେ ବେଳକୁ ମୌସୁମୀ କେରଳ ଉପକୂଳକୁ ଛୁଇଁବ ବୋଲି ପୂର୍ବାନୁମାନ କରିଛନ୍ତି। ଗତବର୍ଷ ମେ ୩୦ ତାରିଖରେ ମୌସୁମୀ କେରଳ ଛୁଇଁଥିଲା ଓ ୨୦୨୦ ମସିହା ପରେ ପ୍ରଥମ ଥର ଭଲ ବର୍ଷା ହୋଇଥିଲା।

### ତୁର୍କୀର ପର୍ଯ୍ୟଟନ ବିକାଶରେ ଭାରତୀୟଙ୍କ ସହଯୋଗ

## ହେଲେ ପାକିସ୍ତାନକୁ ସମର୍ଥନ




**ନୂଆଦିଲ୍ଲୀ :** ୨୦୨୪ ମସିହାରେ ପର୍ଯ୍ୟଟନ ପାଇଁ ୨.୭୫ ଲକ୍ଷ ଭାରତୀୟ ତୁର୍କୀ ଯାତ୍ରା କରିଥିଲେ। ୨୦୨୪ ମସିହାରେ ପର୍ଯ୍ୟଟନ ପାଇଁ ୨.୫ ଲକ୍ଷ ଭାରତୀୟ ଆଜରବାଇଜାନକୁ ଯାତ୍ରା କରିଥିଲେ। ଭାରତୀୟଙ୍କ ଅଭିବୃଦ୍ଧିଶୀଳ ଅର୍ଥନୀତି ଉପରେ ପ୍ରଭାବ ବିଷୟରେ ଏଠାରେ ୫ଟି ଆଶ୍ଚର୍ଯ୍ୟଜନକ ତଥ୍ୟ ଅଛି। ସେଗୁଡିକ ହେଉଛି, ୨୦୨୨-୨୦୨୪ ମଧ୍ୟରେ ଆଜରବାଇଜାନକୁ ଭାରତୀୟ ପର୍ଯ୍ୟଟକଙ୍କ ଆଗମନ ୬୮% ବୃଦ୍ଧି ପାଇଛି ଏବଂ ଆଜରବାଇଜାନରେ ହାରାହାରି ରହିବା ସମୟ ୪ ରୁ ୬ ଦିନ। ତୁର୍କୀରେ ଭାରତୀୟଙ୍କ ହାରାହାରି ରହଣି ୭ ରୁ ୧୦ ଦିନ। ମୋଟାମୋଟି ଭାବରେ, ଭାରତୀୟମାନେ ଆଜରବାଇଜାନର ଅର୍ଥନୀତିରେ ବାର୍ଷିକ ୧୦୦୦-୧,୨୫୦ କୋଟି ଟଙ୍କା ଯୋଗଦାନ କରନ୍ତି। ଭାରତୀୟମାନେ ତୁର୍କୀର ଅର୍ଥନୀତିରେ ବାର୍ଷିକ ୨୯୦୦-୩,୩୫୦ କୋଟି ଟଙ୍କା ଯୋଗଦାନ କରନ୍ତି। ଇସ୍ତାନବୁଲ, କାପାଡୋସିଆ ଏବଂ ଆଣ୍ଟାଲିଆରେ ଭାରତୀୟମାନେ ସର୍ବାଧିକ ଆଗ୍ରହ ଦେଖନ୍ତି। ପ୍ରତି ଭାରତୀୟ ପର୍ଯ୍ୟଟକ ବିଦେଶରେ ହାରାହାରି ଖର୍ଚ୍ଚ ପ୍ରତି ଯାତ୍ରାରେ ୧ ରୁ ୧.୨୫ ଲକ୍ଷ ଟଙ୍କା। ଭାରତର ମଧ୍ୟବିତ୍ତ ବର୍ଗ ଅତିରିକ୍ତ ଆୟ ସହିତ ➤ ପୃ-୬

### କଟକଣା ସତ୍ତ୍ୱେ ସବ୍-ପ୍ଲଟ ବିକ୍ରି ପଛରେ କାହାର ହାତ !

## ଜଣକୁ ଧର ଜଣକୁ ଛାଡ଼ ନୀତି



**ଭୁବନେଶ୍ୱର :** ଶାସନ କଳ ବଦଳିଲା ପରେ ଲୋକେ ଆଶ୍ୱସ୍ତ ହେଲେ ଯେ ନୂଆ ମନ୍ତ୍ରୀ ଓ ନୂଆ ସରକାର ସବୁ ବୁଝିଦେବେ। ହେଲେ ରାଜସ୍ୱ ମନ୍ତ୍ରୀ ବୁଝି ନବୁଝିଲା ଭଳି ଆଦେଶ ଦେଉଥିବା ଜଣାପଡୁଛି। ସବ୍-ପ୍ଲଟ ବିକ୍ରିକୁ ନେଇ ପୂର୍ବ ସରକାର କରିଥିବା କଟକଣାକୁ ବର୍ତ୍ତମାନର ସରକାରରେ ଥିବା ରାଜସ୍ୱ ମନ୍ତ୍ରୀ ନୂଆ ନୂଆ ବେଳେ ସବୁ ସମାଧାନ କରିଦେବେ କହିଲେ। ଲୋକେ ଭାବିଲେ ସବ୍-ପ୍ଲଟ ବିକ୍ରି କଟକଣା ନିହାତି ଉଠିଯିବ। ଯିଏ ଯାହାର ଆବଶ୍ୟକତା ପୂରଣ ପାଇଁ ନିଜ ଜମିର କିଛି ଅଂଶ ବିକ୍ରି କରି ପରିବାର ସମସ୍ୟା ସମାଧାନ କରିପାରିବେ। ହେଲେ ପଦ୍ମ ଘୁଞ୍ଚି ଘୁଞ୍ଚି ଗଲାପରି ରାଜସ୍ୱ ମନ୍ତ୍ରୀ କଟକଣା ହଟେଇବାର ତାରିଖ ଗଡେଇ ଚାଲିଛନ୍ତି। ସାଧାରଣ ଲୋକ କଟକଣା ଯୋଗୁଁ ହନ୍ତସନ୍ତ ହେଉଥିଲା ବେଳେ ସବ ରେଜିଷ୍ଟ୍ରାର ମାନେ ଗଳା ବାଟରେ ମୋଟା ଅଙ୍କର ମାଲ ନେଇ କାରବାର ଜାରି ରଖିଛନ୍ତି। ଏହାରି ଉପରେ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦେଉଛନ୍ତି ମନ୍ତ୍ରୀ। ଧୀରେ ଧୀରେ ପୁରୁଣା ବର୍ଷ ➤ ପୃ-୬

## ସେନାକୁ ଦୃଢ଼ ସମର୍ଥନ କରିବା ପାଇଁ ରାଜ୍ୟପାଳଙ୍କ ଆହ୍ୱାନ



**ଭୁବନେଶ୍ୱର :** ଆତଙ୍କବାଦର କୌଣସି ଧର୍ମ ନାହିଁ, ହିଂସାର କୌଣସି ଶାସ୍ତ୍ର ନାହିଁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ରାଜ ଭବନର ନ୍ୟୁ ଅଭିଷେକ ହଲ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକ ରେ ରାଜ୍ୟପାଳ ଏପରି କହିଛନ୍ତି। ପହଲଗାମ ରେ ସମ୍ପ୍ରତି ଘଟିଯାଇଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ତତ୍ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉପୁଜିଥିବା ଘଟଣା କ୍ରମ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ବିଭିନ୍ନ ଗୋଷ୍ଠୀର ପ୍ରତିନିଧି ମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ୨୬ ନିରୀହ ଲୋକଙ୍କ ଜୀବନ ନେଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଗଭୀର ଦୁଃଖ ପ୍ରକାଶ କରି ଡ. କମ୍ଭମପାଟି କହିଛନ୍ତି ଯେ, ଏହା କେବଳ ନିରୀହ ନାଗରିକଙ୍କ ଉପରେ ଆକ୍ରମଣ ନୁହେଁ ବରଂ ଭାରତର ଧାରଣା, ଆମର ଏକତା, ଗଣତନ୍ତ୍ର ଏବଂ ଶାନ୍ତି ଉପରେ ଆକ୍ରମଣ। ➤ ପୃ-୬

### ଲୋକସେବା ଭବନରେ 'ଓଡିଶା ଭିଜନ ୨୦୩୬ ଓ ୨୦୪୭' ପାଇଁ ପରାମର୍ଶ କର୍ମଶାଳା

## ଭିଜନ ଡକ୍ୟୁମେଣ୍ଟ ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱପ୍ନର ରୋଡମ୍ୟାପ୍



**ଭୁବନେଶ୍ୱର :** ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ହେବ। ଏଥିପାଇଁ ୩୬ଟି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଓଡିଶାକୁ ୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରାଯିବ। ୨୦୩୬ ସୁଦ୍ଧା ସମାଜର ଶେଷ ସ୍ତରରେ ଥିବା ଲୋକମାନେ ଯେପରି ସବୁ ପ୍ରକାରର ମୌଳିକ ସୁବିଧା ପାଇପାରିବେ, ସେଥିପାଇଁ ପଦକ୍ଷେପ ନିଆଯିବ। ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍ ଠାରେ 'ଭିଜନ ଓଡିଶା ୨୦୩୬ ଓ ୨୦୪୭' ପାଇଁ ଆୟୋଜିତ ରାଜ୍ୟସ୍ତରୀୟ 'ପରାମର୍ଶ କର୍ମଶାଳା'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହି ଭିଜନ ଡକ୍ୟୁମେଣ୍ଟ ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱପ୍ନର ଏକ ରୋଡମ୍ୟାପ୍। ଏହା ଆମ ଭବିଷ୍ୟତର ପିଢିଙ୍କ ପାଇଁ ଏକ ପ୍ରତିଶ୍ରୁତି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଭିଜନ ଡକୁମେଣ୍ଟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ଏକ ଡ୍ରାଫ୍ଟ ଡକୁମେଣ୍ଟ ପ୍ରସ୍ତୁତ କରାଯାଇଛି। ବିଶେଷଜ୍ଞ ମାନଙ୍କ ପରାମର୍ଶ ପରେ ଚୂଡ଼ାନ୍ତ ଡକୁମେଣ୍ଟ ପ୍ରସ୍ତୁତ କରାଯିବ। ଆଜି ଏକ ରାଜ୍ୟ ସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ କରାଗଲା। ଏହା ପରେ ସମ୍ବଲପୁର, ବାଲେଶ୍ୱର ଓ ଜୟପୁରରେ ଆହୁରି ତିନୋଟି ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହେବବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ରାଜ୍ୟସ୍ତରୀୟ କର୍ମଶାଳାରେ ଅଭିଜ୍ଞ ପ୍ରଶାସକ, ଶିକ୍ଷାବିତ୍, ଜନପ୍ରତିନିଧି, ଶିଳ୍ପ ଏବଂ ନାଗରିକ ସମାଜର ପ୍ରତିନିଧି, ଓଡ଼ିଶାର କଳା, ➤ ପୃ-୬

## ବକ୍ରବାଣୀ



ଭାରତୀୟ ସେନା ଇଏ କି କଲା
ଆତଙ୍କୀ ଆଡ୍ଡାରେ ସିନ୍ଦୂର ଦେଲା
ଭାରତ ମିଡିଆ ଗର୍ଜନ କରେ
ପାକିସ୍ତାନୀ ଲେକେ ମଲେଣି ଡରେ
କିଛି ଦିନ ଆଉ ଅପେକ୍ଷା ହଉ
ଜଣାଯିବ ପାକିସ୍ତାନର ଭାଉ
ଯାହା ଘରୁ କେହି ସୈନିକ ନାହିଁ
ଯୁଦ୍ଧ ରଡ଼ି ବେଶୀ ଛାଡ଼ଇ ସେହି
ଦେଖିଛ ଘୁଙ୍ଗୁର ଦେଖିନ ଫାନ୍ଦ
ଦେଖିନ ସହୀଦ ଘରର କାନ୍ଦ।

— ଟୁଟୁ

### ସରକାର ଗଢ଼ିଲେ ଜଷ୍ଟିସ ଚୌଧୁରୀ କମିଟି

## ସୁବ୍ୟବସ୍ଥିତ ହେବ ଲିଙ୍ଗରାଜ ମନ୍ଦିରର ନୀତିକାନ୍ତି



**ଭୁବନେଶ୍ୱର :** ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ନୀତିକାନ୍ତିରେ ବାରମ୍ବାର ବିଶୃଙ୍ଖଳା ଉପୁଜିବା ପରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଡକ୍ଟର ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟି ଶ୍ରୀଲିଙ୍ଗରାଜ ମନ୍ଦିରର ନୀତିକାନ୍ତି, ସେବା-ପୂଜା କାର୍ଯ୍ୟ ସମ୍ପାଦନ କରୁଥିବା ବିଭିନ୍ନ ନିଯୋଗର ଅଧିକାର (ରେକର୍ଡ ଅଫ ରାଇଟସ)ର ସମୀକ୍ଷା ଏବଂ ଚୂଡ଼ାନ୍ତ ନିର୍ଦ୍ଧାରଣ କରି ସରକାରଙ୍କୁ ରିପୋର୍ଟ ଦେବେ। କମିଟିରେ ଜଷ୍ଟିସ ଚୌଧୁରୀଙ୍କ ସମେତ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ରହିଛନ୍ତି। ଲିଙ୍ଗରାଜ ମନ୍ଦିରରେ ସେବା ପ୍ରଦାନ କରୁଥିବା ବିଭିନ୍ନ ନିଯୋଗ ମଧ୍ୟରେ ମତପାର୍ଥକ୍ୟ ଯୋଗୁ ମହାପ୍ରଭୁଙ୍କ ନୀତିକାନ୍ତିରେ ବାରମ୍ବାର ବିଭ୍ରାଟ ହୋଇ ଆସୁଛି। ଶେଷଥର ୨୦୨୫ ଜାନୁୟାରୀ ମାସରେ ମକରସଂକ୍ରାନ୍ତି ବେଳେ ୩ଦିନ ଧରି ନୀତିକାନ୍ତି ବନ୍ଦ ରହିଥିଲା। ପୂର୍ବ ବିଜେଡି ସରକାର ୨୦୨୦ ଡିସେମ୍ବର ମାସରେ ଶ୍ରୀଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶ ଆଣିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହାକୁ ରାଜନୀତିକ କାରଣରୁ କାର୍ଯ୍ୟକାରୀ ନକରିବାରୁ ମନ୍ଦିର ପରିଚାଳନାରେ ବିଶୃଙ୍ଖଳା ଲାଗି ରହିଥିବା କୁହାଯାଉଛି। ଏଥିନେଇ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଡକ୍ଟର ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। କମିଟିରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ରହିଛନ୍ତି। ଏହି ଦୁଇଜଣିଆ କମିଟି ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ସେବା-ପୂଜା କାର୍ଯ୍ୟ ସମ୍ପାଦନ କରୁଥିବା ବିଭିନ୍ନ ନିଯୋଗର ଅଧିକାରର ସମୀକ୍ଷା କରିବେ। ଆବଶ୍ୟକ ପଡ଼ିଲେ ସ୍ୱତ୍ତ୍ୱଲିପି ସମୀକ୍ଷା ଓ ପ୍ରସ୍ତୁତି ମାଧ୍ୟମରେ ମହାପ୍ରଭୁଙ୍କ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ସୁପାରିଶ କରିବେ। ଆଇନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସ୍ଥାୟୀ ସମାଧାନ ପାଇଁ ସ୍ୱତନ୍ତ୍ର ଆଇନର କାର୍ଯ୍ୟକାରିତା, ସେବାୟତଙ୍କ ମଧ୍ୟରେ ସମନ୍ୱୟ ଓ ପ୍ରଶାସନିକ ନିୟନ୍ତ୍ରଣ ସମ୍ପର୍କରେ ମଧ କମିଟି ନିଜର ମତାମତ ଦେବେ ବୋଲି ଆଇନ ବିଭାଗ ସୂତ୍ରରୁ ଜଣାପଡ଼ିଛି।

ସେବାୟତ ଗୋଷ୍ଠୀଙ୍କ ମଧ୍ୟରେ ଅସହଯୋଗ, ପ୍ରଶାସନିକ ନିୟନ୍ତ୍ରଣରେ ବିଫଳତା ଓ ସ୍ୱତନ୍ତ୍ର ଆଇନ କାର୍ଯ୍ୟକାରିତାରେ ନହେବା ଯୋଗୁ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ନୀତିକାନ୍ତିରେ ବାରମ୍ବାର ବିଭ୍ରାଟ ଲାଗି ରହିଛି। ଏହି କାରଣରୁ ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହେବା ସହ ମନ୍ଦିରର ପାରମ୍ପାରିକ ମର୍ଯ୍ୟାଦା ମଧ୍ୟ ପ୍ରଭାବିତ ହେଉଛି। ୨୦୨୫ ଜାନୁୟାରୀ ମାସରେ ମକର ସଂକ୍ରାନ୍ତି ବେଳେ ପ୍ରଭୁ ଲିଙ୍ଗରାଜଙ୍କ ➤ ପୃ-୬

## ଜଳ ପ୍ରଦୂଷଣରୁ କ୍ୟାନସର ଆଶଙ୍କା



**ଭୁବନେଶ୍ୱର :** ଓଡ଼ିଶାର ପ୍ରମୁଖ ସହରରେ ବଢିବାରେ ଲାଗିଛି କ୍ୟାନସର ରିସ୍କ। ଭୁବନେଶ୍ୱର, କଟକ, ରାଉରକେଲା ଓ ବ୍ରହ୍ମପୁର ପରି ସହରବାସୀଙ୍କ ପାଇଁ କ୍ୟାନସର ଆଶଙ୍କା ଅଧିକ। ଆଇସିଏମ୍ଆରର ଏକ ସର୍ଭେରୁ ଜଣାପଡ଼ିଛି, ଦୂଷିତ ଜଳାଶୟ ନିକଟରେ ରହୁଥିବା ଲୋକଙ୍କ ପାଇଁ ବଡ଼ ବିପଦ। ଶିଳ୍ପ ସଂସ୍ଥାର ଦୂଷିତ ବର୍ଜ୍ୟ ବସ୍ତୁ, ଖଣିରୁ ବାହାରୁଥିବା ବିଷାକ୍ତ ସାମଗ୍ରୀ ଓ ଠିକ ଭାବେ ଟ୍ରିଟମେଣ୍ଟ ହେଉନଥିବା ସ୍ୱେରେଜର ବର୍ଜ୍ୟ ଏଥିପାଇଁ ମୁଖ୍ୟତଃ ଦାୟୀ। ଏସବୁ ବର୍ଜ୍ୟବସ୍ତୁ ମହାନଦୀ, କୁଆଖାଇ, କାଠଯୋଡ଼ି, ଦୟା, ବ୍ରାହ୍ମଣୀ, ଋଷିକୁଲ୍ୟା ନଦୀରେ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ବିଗିଡିପାରେ। ଆର୍ଥିକ ସ୍ଥିତି ଦୃଢ଼ ହେବ କିନ୍ତୁ ବ୍ୟବସାୟରେ ସତର୍କତା ଅବଲମ୍ବନ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ଶତ୍ରୁ ବଢ଼ିବେ। ପରିବାରରେ ଝଗଡା ହୋଇପାରେ। (ଶୁଭ ତାରିଖ, ୧-୨,୪) (ଭାଗ୍ୟଫଳ-୬୦%)। ପ୍ରତିକାର : ଭଗବାନ ସୂର୍ଯ୍ୟଙ୍କ ପାଇଁ ରବିବାର ଦିନ ପୂଜାର୍ଚ୍ଚନା କରନ୍ତୁ।

**ବୃଷ** ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ଅନୁଭବ କରିବେ। ଅର୍ଥ ସମସ୍ୟା ଦେଖାଦେବ। ଅନ୍ୟର ସହଯୋଗ ମିଳିବ। ପୈତୃକ ସମ୍ପତ୍ତି ପ୍ରାପ୍ତି ଯୋଗ ଅଛି। ପ୍ରେମରେ ସଫଳ ହେବେ। ଦାମ୍ପତ୍ୟ ଜୀବନ ମଧୁର ହେବ। (ଶୁଭ ତାରିଖ-୨,୪,୫- ଭାଗ୍ୟଫଳ-୭୦%) ପ୍ରତିକାର : ପ୍ରତିଦିନ ଓଁ ହ୍ରୁଂ ଦୁର୍ଗାୟ ନମଃ ୨୧ ଥର ପାଠ କରନ୍ତୁ।

**ମିଥୁନ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ରୋକିଥିବା ଧନପ୍ରାପ୍ତି ଯୋଗ ଅଛି। ପ୍ରତିଯୋଗିତା ମୂଳକ ପରୀକ୍ଷାରେ ସଫଳ ହେବେ। ପରିବାର ଲୋକଙ୍କ ସହଯୋଗ ପାଇବେ। ବିବାହ ସ୍ଥିର ହୋଇପାରେ। (ଶୁଭ ତାରିଖ-୪,୫,୬)-ଭାଗ୍ୟଫଳ-୮୦%) ପ୍ରତିକାର : ଓଁ ବୁ ବୁଧାୟ ନମଃ ୧୧ଥର ଜପ କରନ୍ତୁ।

**କର୍କଟ** ମନ ଶାନ୍ତ ରହିବ। ବ୍ୟବସାୟ ପାଇଁ ସମୟ ଅନୁକୂଳ। ବ୍ୟୟ ବଢ଼ିବ। ପଦୋନ୍ନତି ଓ ଭ୍ରମଣ ଯୋଗ ଅଛି। ପ୍ରେମୀଙ୍କ ପାଇଁ ସମୟ ଅନୁକୂଳ। ଦମ୍ପତ୍ତିଙ୍କର ମତାନ୍ତର ହୋଇପାରେ। (ଶୁଭ ତାରିଖ-୨,୩,) ଭାଗ୍ୟଫଳ-୭୦%) ପ୍ରତିକାର : ଶୁକ୍ରବାର ଦିନ ମାତା ପାର୍ବତୀଙ୍କ ପୂଜାର୍ଚ୍ଚନା କରନ୍ତୁ।

**ସିଂହ** ଥଣ୍ଡା ଶର୍ଦ୍ଦି ହୋଇପାରେ। ଆୟରେ ବୃଦ୍ଧି ହେବ। ନୂଆ ଚାକିରି ବା ପଦୋନ୍ନତି ହୋଇପାରେ। ନିଜର କ୍ରୋଧରେ ଲଗାମ ଦିଅନ୍ତୁ। ଦମ୍ପତ୍ତିମାନେ ନିଜ ବ୍ୟବହାରରେ ସଂଯମତା ରଖନ୍ତୁ। (ଶୁଭ ତାରିଖ-୩, ଭାଗ୍ୟଫଳ-୭୦%) ପ୍ରତିକାର : ଭଗବାନ ଶନିଦେବଙ୍କ ବୀଜ ମନ୍ତ୍ର ଜପନ୍ତୁ।

**କନ୍ୟା** ଗଳାର ସଂକ୍ରମଣ ହୋଇପାରେ। ଆୟର ସ୍ରୋତ ଆସିବ। ସମାଜରେ ସମ୍ମାନ ଓ ପ୍ରତିଷ୍ଠା ବଢ଼ିବ। ଉଚ୍ଚଶିକ୍ଷାରେ ସଫଳତା ମିଳିପାରେ। ବିବାହ ଓ ପ୍ରେମୀ ମାନଙ୍କ ପାଇଁ ସମୟ ବେଶ ଅନୁକୂଳ। (ଶୁଭ ତାରିଖ- ୫,. ଭାଗ୍ୟଫଳ-୮୦%) ପ୍ରତିକାର : ଓଁ ନମଃ ମହାବୈଷ୍ଣବେ ନମଃ ଜପନ୍ତୁ।

**ତୁଳା** ସ୍ୱାସ୍ଥ୍ୟ ଉତ୍ତମ ରହିବ। ପୁରୁଣା କ୍ଷତି ଭରଣା ହେବ। ଆୟରେ ବୃଦ୍ଧି ହେବ। ପରିବାରରେ ସମ୍ପର୍କ ଦୃଢ଼ ହେବ। ପିତାମାତାଙ୍କ ସହଯୋଗ ବଢ଼ିବ। ଜୀବନସାଥୀଙ୍କ ସହ ସମ୍ପର୍କ ମଜବୁତ ହେବ। (ଶୁଭ ତାରିଖ-୧,୪,୫- ଭାଗ୍ୟଫଳ-୮୦%) ପ୍ରତିକାର : ଗଣେଶ ଚାଳିଶା ପାଠ କରନ୍ତୁ।

**ବିଛା** ମନ ଅସ୍ଥିର ରହିବ। ବ୍ୟବସାୟ ଓ କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଖର୍ଚ୍ଚ ବଢ଼ିବ। ଜୀବନସାଥୀଙ୍କ ପୂରା ସହଯୋଗ ମିଳିବ। ତୃତୀୟ ବ୍ୟକ୍ତିଙ୍କ ପାଇଁ ପ୍ରେମୀମାନେ ଅସୁବିଧାରେ ପଡିପାରନ୍ତି। (ଶୁଭ ତାରିଖ- ୧,୩-ଭାଗ୍ୟଫଳ-୭୦%) ପ୍ରତିକାର : ଓଁ ରାଂ ରହବେ ନମଃ ମନ୍ତ୍ର ପାଠ କରନ୍ତୁ।

**ଧନୁ** ଚର୍ମ ରୋଗରେ ପୀଡିତ ହେବେ। ଅର୍ଥ ଲଗାଣରେ ଧନଲାଭ ଯୋଗ ଅଛି। ସରକାରୀ ଅଧିକାରୀଙ୍କ ସହଯୋଗ ବଢ଼ିବ। ଜୀବନସାଥୀଙ୍କ ସହ ସୁନ୍ଦର ସମୟ କଟିବ। (ଶୁଭ ତାରିଖ-୧,୨- ଭାଗ୍ୟଫଳ-୭୦%) ପ୍ରତିକାର: ଓଁ ନମଃ ଶିବାୟ ଜପ କରନ୍ତୁ।

**ମକର** ଆଖିରେ ପୀଡା ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ କାମର ବୋଝ ବଢ଼ିବ। ଛାତ୍ର ମାନଙ୍କ ପାଇଁ ସମୟ ଅନୁକୂଳ। ଦମ୍ପତ୍ତି ମାନଙ୍କ ଝଗଡା ଚରମ ସୀମାରେ ପହଞ୍ଚିପାରେ। ସତର୍କ ରହନ୍ତୁ। (ଶୁଭ ତାରିଖ-୩,୪- ଭାଗ୍ୟଫଳ-୬୦%) ପ୍ରତିକାର : କଳା ରଙ୍ଗର ଛତା ଦାନ କରନ୍ତୁ।

**କୁମ୍ଭ** ସଂକ୍ରମଣର ଶିକାର ହୋଇପାରନ୍ତି। ରୋକିଥିବା ଧନ ଫେରିବ। ଧନ ଉଧାର ଦିଅନ୍ତୁ ନାହିଁ। ପତି ପତ୍ନୀଙ୍କ ମଧ୍ୟରେ ଝଗଡା ହୋଇପାରେ। (ଶୁଭ ତାରିଖ- ୪-ଭାଗ୍ୟଫଳ-୭୦%) ପ୍ରତିକାର: ଓଁ କେତବେ ନମଃ ଜପ କରନ୍ତୁ।

**ମୀନ** ପୁରୁଣା ରୋଗରୁ ମୁକ୍ତି ମିଳିବ। ବ୍ୟବସାୟରେ ଲାଭ ବଢ଼ିବ। ଉପାର୍ଜନର ନୂଆ ଦିଗ ଦେଖାଯିବ। ପ୍ରେମରେ ପଡିପାରନ୍ତି। ଦମ୍ପତ୍ତିଙ୍କ ପାଇଁ ସମୟ ଅନୁକୂଳ। (ଶୁଭ ତାରିଖ-୧,୩- ଭାଗ୍ୟଫଳ-୮୦%) ପ୍ରତିକାର : ଶନିବାର ଦିନ ଗରିବ ଲୋକଙ୍କୁ ଦଦାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ସୀମାବର୍ତ୍ତୀ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଶାହାଙ୍କ ଜରୁରୀ ବୈଠକ

# ସୁରକ୍ଷା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ:** ସୀମାନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଏକ ଜରୁରୀକାଳିନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନଫରେନସିଂ (ଭିସି) ଜରିଆରେ ଗୃହମନ୍ତ୍ରୀ ଅମିତ ଶାହ ସୀମାନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ବୈଠକ କରିଥିଲେ। ଜାମ୍ମୁ-କାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ସିକିମ, ପଶ୍ଚିମବଙ୍ଗ ଏବଂ ଲଦାଖର ମୁଖ୍ୟମନ୍ତ୍ରୀ ଓ ଉପରାଜ୍ୟପାଳମାନଙ୍କ ସହିତ ଏହି ବୈଠକରେ ଗୃହମନ୍ତ୍ରୀ ଶ୍ରୀ ଶାହ ଆଲୋଚନା କରିଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ ମଧ୍ୟ ସାମିଲ ହୋଇଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଜାମ୍ମୁ-କାଶ୍ମୀର, ପଞ୍ଜାବ ଏବଂ ରାଜସ୍ଥାନ ସମେତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ସହିତ ଏକ ବୈଠକ କରିଛନ୍ତି। ଜାମ୍ମୁ-



କାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ସିକିମ ଏବଂ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ। ଜମ୍ମୁ-କାଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳମାନେ ମଧ୍ୟ ଉପସ୍ଥିତ ଥିଲେ। ଗୃହମନ୍ତ୍ରୀ ଶାହଙ୍କ ସହିତ ବୈଠକରେ ଉକ୍ତ ରାଜ୍ୟଗୁଡ଼ିକର ମୁଖ୍ୟ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ମଧ୍ୟ ଉପସ୍ଥିତ ଥିଲେ। ଅପରେସନ ସିନ୍ଦୁର ଆରମ୍ଭ ହେବା ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏହା ଆସିଛି, ଯାହା ଅଧୀନରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଯାଇଥିଲା। ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ଦ୍ୱାରା ଆରମ୍ଭ କରାଯାଇଥିବା ଅପରେସନ ସିନ୍ଦୁର ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଶାହ ପୂର୍ବରୁ ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଅବଦୁଲ୍ଲାଙ୍କ ସହ କଥା ହୋଇଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଜାମ୍ମୁ-କାଶ୍ମୀର ଲେଫ୍ଟନାଣ୍ଟ ରାଜ୍ୟପାଳ (ଏଲଜି) ମନୋଜ ସିହ୍ନା ଏବଂ ସୀମା ସୁରକ୍ଷା ବାହିନୀ (ବିଏସଏଫ)ର ମହାନିର୍ଦ୍ଦେଶକଙ୍କ ସହିତ ମଧ୍ୟ ନିରନ୍ତର ଯୋଗାଯୋଗରେ ଅଛନ୍ତି। ସୀମାନ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଶ୍ରୀ ଶାହ ଡିଜି ବିଏସଏଫଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ, ଲେଫ୍ଟନାଣ୍ଟ ରାଜ୍ୟପାଳ ମନୋଜ ସିହ୍ନା ଆଜି ସକାଳେ ଜମ୍ମୁ ଓ କାଶ୍ମୀରର ସୀମାନ୍ତ ଜିଲାଗୁଡ଼ିକର ପରିସ୍ଥିତି ସମୀକ୍ଷା କରିଛନ୍ତି। ସେ ଜିଲ୍ଲାପାଳମାନଙ୍କୁ ଦୁର୍ଗମ ଅଞ୍ଚଳରୁ ଗ୍ରାମବାସୀମାନଙ୍କୁ ସ୍ଥାନାନ୍ତର କରିବାକୁ ଏବଂ ଅତ୍ୟାବଶ୍ୟକ ସେବା ଉପଲବ୍ଧ ରହିବାକୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଁ ଦୁର୍ଗମ ଅଞ୍ଚଳରୁ ଗ୍ରାମବାସୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ଏବଂ ଖାଇବା, ରହିବା, ଖାଦ୍ୟ, ଔଷଧ ଏବଂ ପରିବହନ ସୁନିଶ୍ଚିତ କରିବା ପାଇଁ ଜିଲାପାଳମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ବୈଦେଶିକ ସଚିବ କହିଛନ୍ତି ଯେ ପହଲଗାମ ଉପରେ ଆକ୍ରମଣ ଜମ୍ମୁ ଏବଂ କାଶ୍ମୀରରେ ମର୍ମାଳ୍ପିର ପୁନରାବୃତ୍ତିକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ କରାଯାଇଥିଲା। ଏହା ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ପାକିସ୍ତାନୀ ଅଞ୍ଚଳରେ ନୂଆଦିଲ୍ଲୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମରିକ କାର୍ଯ୍ୟାନୁଷ୍ଠାନ।

## ରବର୍ଟ ଫ୍ରାନସିସ୍ ପ୍ରିଭୋଷ୍ଟ ନୂଆ ପୋପ୍



**ନୂଆଦିଲ୍ଲୀ :** ଆମେରିକୀୟ ଖ୍ରୀଷ୍ଟିଆନ ଧର୍ମଗୁରୁ ରବର୍ଟ ଫ୍ରାନସିସ ପ୍ରିଭୋଷ୍ଟ ଭାଟିକାନ ସିଟିର ନୂଆ ପୋପ୍ ଭାବେ ଗୁରୁବାର ନିର୍ବାଚିତ ହୋଇଛନ୍ତି। ଲିଓ ଚତୁର୍ଦ୍ଦଶ ଭାବେ ସେ ପରିଚିତ ହେବେ। ଖ୍ରୀଷ୍ଟ ଧର୍ମଗୁରୁ ପୋଟୋଡିକନ ଦୋମିନିକ ମୈମ୍ବର୍ତ୍ତି ରବର୍ଟ ଫ୍ରାନସିସଙ୍କ ନାମକୁ ୨୬୭ତମ ପୋପ୍ ଭାବେ ଘୋଷଣା କରିଛନ୍ତି। ପୋପ୍ ଭାବେ ନିର୍ବାଚିତ ହେବାରେ ରବର୍ଟ ଫ୍ରାନସିସ ପ୍ରଥମ ଆମେରିକୀୟ। ପୂର୍ବରୁ କୌଣସି ଆମେରିକୀୟ ଖ୍ରୀଷ୍ଟିଆନ ଧର୍ମଗୁରୁ ପୋପ୍ ଭାବେ ନିର୍ବାଚିତ ହୋଇ ନ ଥିଲେ।

## ଭାରତକୁ ସମର୍ଥନ ଜଣାଇଲା ନେପାଳ

**ନୂଆଦିଲ୍ଲୀ :** ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ସମର୍ଥନ ଜଣାଇଲା ନେପାଳ। ଗୁରୁବାର ନେପାଳ ପକ୍ଷରୁ ଜାରି ହୋଇଥିବା ଏକ ସରକାରୀ ବିବୃତ୍ତିରେ, ପହଲଗାମ ଆକ୍ରମଣକୁ କଡ଼ା ଶବ୍ଦରେ ନିନ୍ଦା କରାଯାଇଛି। ଏବଂ ଆଞ୍ଚଳିକ ଶାନ୍ତି ଏବଂ ଆତଙ୍କବାଦ ବିରୁଦ୍ଧରେ ବିଶ୍ୱ ଲଢ଼େଇ ପ୍ରତି ତାହାର ଅଟଳ ସମର୍ଥନକୁ ଦୋହରାଇଛି ନେପାଳ। ନେପାଳ କହିଛି ଏହି ଦୁଃଖଦ ସମୟରେ, ନେପାଳ ଏବଂ ଭାରତ ଏକ ହୋଇ ଠିଆ ହୋଇଛି।, ଦୁଃଖ ଏବଂ ଯନ୍ତ୍ରଣାରେ ଏକ ହୋଇ ରହିଥିଛି। କେବଳ ଏତିକି ନୁହେଁ ଭାରତର ବିରୋଧରେ ନେପାଳ ଏହାର ମାଟିକୁ କେବେ ହେଲେ ବି ବ୍ୟବହାର ହେବାକୁ ଦେବ ନାହିଁ ବୋଲି ନେପାଳ କହିଛି। ସରକାର ଜୋର ଦେଇ କହିଛନ୍ତି ଯେ ନେପାଳ କୌଣସି



ଶତ୍ରୁତାପୂର୍ଣ୍ଣ ତତ୍ତ୍ୱକୁ ପଡ଼ୋଶୀ ଦେଶମାନଙ୍କ ବିରୁଦ୍ଧରେ ନିଜ ମାଟି ବ୍ୟବହାର କରିବାକୁ ଦେବ ନାହିଁ। ଏବଂ ନିଜ ଅଞ୍ଚଳ ମଧ୍ୟରେ ସୀମାପାର ବିପଦକୁ ରୋକିବା ପାଇଁ ନିଜର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି ନେପାଳ। ଆଞ୍ଚଳିକ ସୁରକ୍ଷାକୁ ପ୍ରୋତ୍ସାହିତ କରିବାରେ ଏହାର ନୀତିଗତ ଦୃଷ୍ଟିକୋଣକୁ ଉଲ୍ଲେଖ କରି ମନ୍ତ୍ରଣାଳୟ କହିଛି ନେପାଳ କୌଣସି ଶତ୍ରୁ ଶକ୍ତିକୁ ଏହାର ପଡ଼ୋଶୀ ଦେଶମାନଙ୍କ ବିରୁଦ୍ଧରେ ଏହାର ମାଟି ବ୍ୟବହାର କରିବାକୁ ଦେବ ନାହିଁ। ଏପଟେ ଗୁରୁବାର ରାତିରେ ପାକିସ୍ତାନ ଭାରତର ବିଭିନ୍ନ ସ୍ଥାନରେ ଆକ୍ରମଣ ଜାରି ରଖିଛି। ଜମ୍ମୁ, ପଞ୍ଜାବ ଏବଂ ରାଜସ୍ଥାନରେ ଭାରତୀୟ ସହରଗୁଡ଼ିକୁ ଟାର୍ଗେଟ କରିଛି ପାକିସ୍ତାନ। ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ସମର୍ଥନ କରିଥିଲେ ସୁଦ୍ଧା ନେପାଳ ଲାଗି ରହିଥିବା ଉତ୍ତେଜନା ହ୍ରାସ କରିବାକୁ ଭାରତ ଓ ପାକିସ୍ତାନକୁ ଅନୁରୋଧ କରିଛି। ନେପାଳ କହିଛି ଉତ୍ତେଜନା ହ୍ରାସ ହେବ ବୋଲି ନେପାଳ ଆଶା କରୁଛି ଏବଂ ଏହି ଅଞ୍ଚଳରେ ସ୍ଥାୟୀ ଶାନ୍ତି ଏବଂ ସ୍ଥିରତା ପ୍ରତି ଆମ ପ୍ରତିବଦ୍ଧତାକୁ ଦର୍ଶାଉଛି।

# ପାକିସ୍ତାନର ମିଛ ପ୍ରୋପାଗଣ୍ଡାର ମୁଖପାତ୍ର ସାଜିଛି ଚୀନର ଗ୍ଲୋବାଲ୍ ଟାଇମ୍ସ

**ନୂଆଦିଲ୍ଲୀ :** ପାକିସ୍ତାନର ମିଛ ପ୍ରୋପାଗଣ୍ଡାର ମୁଖପାତ୍ର ସାଜିଛି ଚୀନର ସରକାରୀ ମିଡିଆ ଗ୍ଲୋବାଲ ଟାଇମ୍ସ। ପାକିସ୍ତାନ ଏବଂ ପିଓକରେ ଆତଙ୍କବାଦୀ ଆଡ୍ଡା ଉପରେ ଭାରତର କ୍ରୁଜ୍ କ୍ଷେପଣାସ୍ତ୍ର ଆକ୍ରମଣ ବିଷୟରେ ମିଛ ପ୍ରଚାର କରୁଥିବା ଗ୍ଲୋବାଲ ଟାଇମ୍ସକୁ ତାରି ଭାଷାରେ ଜବାବ ଦେଇଛି ଭାରତ। ଚୀନ୍ ସରକାରୀ ଗଣମାଧ୍ୟମର ଅପଚେଷ୍ଟାକୁ ଭାରତ କଡ଼ା ସମାଲୋଚନା କରିଛି। ଗ୍ଲୋବାଲ ଟାଇମ୍ସ 'ଅପରେସନ ସିନ୍ଦୂର' ବାବଦରେ ଦୁର୍ଘଟଣାଗ୍ରସ୍ତ ବିମାନର ପୁରୁଣା ଫଟୋ ବ୍ୟବହାର କରି ରିପୋର୍ଟ ପ୍ରକାଶ କରିଥିଲା। ଯାହାକୁ କଡ଼ା ନିନ୍ଦା କରିବା ଖବର



ପ୍ରକାର ପୂର୍ବରୁ ଫ୍ୟାକ୍ଟ ଚେକ୍ କରିବା ପାଇଁ କହିଛି ଚୀନରେ ଥିବା ଭାରତୀୟ ଦୂତାବାସ। ଚୀନ୍‌ରେ ଥିବା ଭାରତୀୟ ଦୂତାବାସ ଏକ୍ସ'ରେ ଏକ ପୋଷ୍ଟରେ କହିଛି, 'ପ୍ରିୟ ଗ୍ଲୋବାଲ ଟାଇମ୍ସ, ଏହି ପ୍ରକାରର ଭୁଲ ସୂଚନା ପ୍ରସାରଣ କରିବା ପୂର୍ବରୁ ଆପଣଙ୍କର ତଥ୍ୟ ଯାଞ୍ଚ କରନ୍ତୁ ଏବଂ ଆପଣଙ୍କର ସୋର୍ସଗୁଡ଼ିକୁ ଯାଞ୍ଚ କରନ୍ତୁ'। ଏହାସହ ଦୂତାବାସ କହିଛି, 'ଅପରେସନ୍ ସିନ୍ଦୂର ପ୍ରସଙ୍ଗରେ ଅନେକ ପାକିସ୍ତାନ ସମର୍ଥକ ହ୍ୟାଣ୍ଡେଲ ଭିତ୍ତିହୀନ ଦାବି କରୁଛନ୍ତି, ଜନସାଧାରଣଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି। ଯେତେବେଳେ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ସୋର୍ସ ଯାଞ୍ଚ ନକରି ଏପରି ସୂଚନା ସେୟାର କରନ୍ତି, ଏହା ଦାୟିତ୍ୱ ଏବଂ ସାମ୍ବାଦିକତା ନୀତିରେ ଏକ ଗୁରୁତର ତ୍ରୁଟିକୁ ପ୍ରତିଫଳିତ କରେ। ଅପରେସନ ସିନ୍ଦୂର ସହ ଯୋଡ଼ି ସେୟାର କରାଯାଉଥିବା ଦୁର୍ଘଟଣାଗ୍ରସ୍ତ ବିମାନର ଫଟୋ ପୁରୁଣା ଥିବା ଭାରତ କହିଛି। ଗୋଟିଏ ଫଟୋ ସେପ୍ଟେମ୍ବର ୨୦୨୪ରେ ରାଜସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଭାରତୀୟ ବାୟୁସେନାର ମିଗ୍-୨୯ ଲଢୁଆ ବିମାନ, ଅନ୍ୟଟି ୨୦୨୧ରେ ପଞ୍ଜାବର ଆଇଏଏଫ୍ ମିଗ୍-୨୧ ଲଢୁଆ ବିମାନ। ଏହାସହ ଭାରତ ଏପ୍ରିଲ ୨୨ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ କଥା ଗ୍ଲୋବାଲ ଟାଇମ୍ସକୁ ମନେ ପକାଇ ଦେଇଛି। ଭାରତ କହିଛି ଯେ ପହଲଗାମରେ ହୋଇଥିବା ଆକ୍ରମଣ ଅତ୍ୟନ୍ତ ବର୍ବରତାପୂର୍ଣ୍ଣ ଥିଲା। ପୀଡିତମାନଙ୍କୁ ସେମାନଙ୍କ ପରିବାର ସାମନାରେ ଗୁଳି କରି ହତ୍ୟା କରାଯାଇଥିଲା।

## ଭାରତ ନୁହେଁ ଆମ ଶତ୍ରୁ : ମଲାଲା



**ନୂଆଦିଲ୍ଲୀ :** ଭାରତୀୟ ସେନା ପାକିସ୍ତାନରେ ପଶି ଆତଙ୍କୀଙ୍କ ଠିକଣାରେ ଧ୍ୱଂସ ବିଧ୍ୱଂସ କରିବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ନୋବେଲ ବିଜୟୀ ତଥା ସମାଜସେବୀ ମଲାଲା ୟୁସୁଫଜାଇ। ମଲାଲା ଏକ ବଡ ବୟାନ ଦେଇ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଓ ସେନା ମୁଖ୍ୟ ଆସୀମ ମୁନୀରଙ୍କ ମୁହଁ ବନ୍ଦ କରିବା ସହ ଆଇନା ଦେଖାଇଛନ୍ତି। ମଲାଲା କହିଛନ୍ତି 'ଭାରତ ହେଉଛି ଆମର ପଡୋଶୀ ଦେଶ, ଶତ୍ରୁ ନୁହେଁ। ଆମେ ପରସ୍ପର ପ୍ରତି ନଲଢି ବରଂ ଆତଙ୍କବାଦ ଓ ହିଂସା ସୃଷ୍ଟି କରୁଥିବା ବିରୋଧରେ ଲଢିବା ଦରକାର। ମଲାଲା ଆହୁରି ମଧ୍ୟ କହିଛନ୍ତି ଯେ ଯେଉଁମାନେ ପ୍ରିୟଜନଙ୍କୁ ହରାଇଛନ୍ତି ମୁଁ ଏହି ସମୟରେ ସେହି ସମସ୍ତ ପରିବାର ଏବଂ ଲୋକମାନଙ୍କୁ ସମବେଦନ ଜଣାଉଛି। ନୀରିହ ନାଗରିକଙ୍କୁ ହତ୍ୟା କରାଯିବା ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଏହାସହିତ ନୀରିହ ନାଗରିକଙ୍କ ଉପରେ ଆକ୍ରମଣ କରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଆତଙ୍କବାଦୀଙ୍କ ବିରୋଧରେ ଆମେ ଲଢିବା ଉଚିତ, ନା କି ପରସ୍ପର ପ୍ରତି। ପାକିସ୍ତାନ ଏବଂ ପଡୋଶୀ ଦେଶ ଗୁଡିକ ଆତଙ୍କବାଦୀ ଓ ହିଂସା ବିରୋଧରେ ଲଢିବା ଉଚିତ। ସେହି ସବୁ ଶକ୍ତି ବିରୋଧରେ ଏକତ୍ର ହେବା, ଯେଉଁମାନେ ଆମକୁ ବିଭାଜନ କରି ପରସ୍ପର ପ୍ରତି ଲଢେଇବାକୁ ଚାହୁଁଛନ୍ତି। ମଲାଲା କହିଛନ୍ତି ମୋର ଆଶା ଯେ ପାକିସ୍ତାନ ଓ ଭାରତ ଏବଂ ଅନ୍ତରାଷ୍ଟ୍ରୀୟ ସମୁଦାୟ ଏହି ସମୟରେ ଏକ ହୋଇ ସେହି ସବୁ ଶକ୍ତି ବିରୋଧରେ ଲଢିବେ। ଉତ୍ତେଜନାକୁ କମ୍ କରିବା ସହ ଶାନ୍ତି ପାଇଁ ପ୍ରୋତ୍ସହିତ କରିବା ଜରୁରୀ। କାରଣ ଏହା ହିଁ ଆମ ସମସ୍ତଙ୍କ ପାଇଁ ଆଗକୁ ବଢିବାର ଏକମାତ୍ର ଉପାୟ। ମଲାଲା ଆହୁରି ମଧ୍ୟ କହିଛନ୍ତି 'ମୁଁ ନିଜେ ପାକିସ୍ତାନରେ ଉଗ୍ରବାଦ ଓ ଆତଙ୍କବାଦୀଙ୍କ ଶିକାର ହୋଇଛି। ପାକିସ୍ତାନର ଲୋକମାନେ ମଧ୍ୟ ଏହାର ଶୀକାର ହୋଇଛନ୍ତି। କିନ୍ତୁ ଏହାର ମୂଳକାରଣ କଣ ତାହା ଖୋଜିବା ଜରୁରୀ। ଏହି ବିଷୟରେ ଆଷଲୋଚନା କରିବା ଜରୁରୀ। କାରଣ ମୁଁ ବିଶ୍ୱାସ କରେ ନାହିଁ ଯେ କେହି ଜନ୍ମରୁ ଆତଙ୍କବାଦୀ ଓ ଉଗ୍ରବାଦୀ ହୋଇଥାନ୍ତି। ରାଗ ଏବଂ ହିଂସା ଆମର ଶତ୍ରୁ। ମଲାଲା ଉଭୟ ଭାରତ ଓ ପାକିସ୍ତାନର ନେତାମାନଙ୍କୁ ଅନୁରୋଧ କରିଛନ୍ତି ଯେ ଉତ୍ତେଜନାକୁ ରୋକାଯାଉ। ଏଭଳି ଘଡିସନ୍ଧି ସମୟରେ ପାକିସ୍ତାନରେ ପିଲାମାନଙ୍କ ସୁରକ୍ଷା ଖାସକରି ଝିଅଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ଅଛନ୍ତି ମଲାଲା। ଯାହାଙ୍କ ସେ କାମ କରନ୍ତି। ଅନ୍ତର୍ଜାତୀୟ ସମୁଦାୟ ବର୍ତ୍ତମାନ ପଦକ୍ଷେପ ନେବା ଜରୁରୀ। ସାମୂହିକ ସୁରକ୍ଷା ଏବଂ ସମୃଦ୍ଧତା ପାଇଁ ଶାନ୍ତି ହେଉଛି ଏକମାତ୍ର ଉପାୟ ବୋଲି ମଲାଲା କହିଛନ୍ତି।

## ୨୦୨୪ରେ ମନ୍ଥର ଥିଲା ବିଶ୍ୱର ବିକାଶ ଧାରା : ରିପୋର୍ଟ

**ନୂଆଦିଲ୍ଲୀ:** ମିଳିତ ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି ଯେ ୨୦୨୪ରେ ବିଶ୍ୱ ବିକାଶର ଅଗ୍ରଗତି ମନ୍ଥର ହୋଇଥିଲା, ଯାହା ସାମ୍ପ୍ରତିକ ବର୍ଷଗୁଡ଼ିକରେ ଲାଭ ହ୍ରାସ ପାଇପାରେ ବୋଲି ଆଶଙ୍କା ସୃଷ୍ଟି କରିଛି। ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ପକ୍ଷରୁ ପ୍ରକାଶିତ ବାର୍ଷିକ ମାନବ ବିକାଶ ସୂଚକାଙ୍କ ରିପୋର୍ଟ ଅନୁଯାୟୀ, ୨୦୨୩ ସୁଦ୍ଧା କୋଭିଡ୍-୧୯ ମହାମାରୀ ପରେ ସୁଧାର ଆସିଥିଲେ ମଧ୍ୟ ଆୟୁଷ ଓ ଆୟ ଅଭିବୃଦ୍ଧି ଅଟକି ରହିବା ସହ ସଂଘର୍ଷ ସଂଖ୍ୟା ବୃଦ୍ଧି ପାଉଥିବାରୁ ପୁନରୁଦ୍ଧାର ଏବେ ଗତି ହରାଉଛି। ୟୁଏନଡ଼ିପି ମୁଖ୍ୟ ଆଚିମ୍ ଷ୍ଟେନର ଚେତାବନୀ ଦେଇଛନ୍ତି ଯେ ଏହି ଅସ୍ଥିର ମାନ୍ଦାବସ୍ଥା ମାନବ ବିକାଶକୁ ଦଶନ୍ଧି ପର୍ଯ୍ୟନ୍ତ ହ୍ରାସ କରିପାରେ, ଯାହା ବିଶ୍ୱକୁ କମ୍ ସୁରକ୍ଷିତ, ଅଧିକ ବିଭାଜିତ ଏବଂ ଅର୍ଥନୈତିକ ଏବଂ ପରିବେଶଗତ ସମସ୍ୟା ପାଇଁ ଅଧିକ




ଅସୁରକ୍ଷିତ କରିପାରେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ନେତୃତ୍ୱାଧୀନ ଅନେକ ଦେଶ ନିକଟରେ ଅନ୍ତର୍ଜାତୀୟ ସହାୟତା ହ୍ରାସ କରିବା ପ୍ରଭାବକୁ ଆହୁରି ଗମ୍ଭୀର କରିବାରେ ସହାୟକ ହେବ ବୋଲି ଶ୍ରୀ ଷ୍ଟେନର କହିଛନ୍ତି।

## ବଢ଼ିଲା ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ୍‌ଙ୍କ କାର୍ଯ୍ୟକାଳ



**ନୂଆଦିଲ୍ଲୀ :** ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ମନୋନୟନ କମିଟିର ସୁପାରିଶ ଆଧାରରେ କ୍ୟାବିନେଟର ନିଯୁକ୍ତି କମିଟି ଶ୍ରୀ ସୁଦଙ୍କ କାର୍ଯ୍ୟକାଳ ୨୪ ମଇ ପରେ ଆଉ ଗୋଟିଏ ବର୍ଷ ପାଇଁ ବୃଦ୍ଧିକୁ ଅନୁମୋଦନ କରିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କ କାର୍ଯ୍ୟକାଳକୁ ଏକ ବର୍ଷ ବୃଦ୍ଧି କରାଯାଇଛି। ଶ୍ରୀ ସୁଦ ୨୫ ମଇ, ୨୦୨୩ରେ ଦୁଇ ବର୍ଷ ପାଇଁ ସିବିଆଇ ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ।

## ଇତିହାସରେ ପ୍ରଥମ, ସାବରୀମାଳା ମନ୍ଦିର ଯିବେ ରାଷ୍ଟ୍ରପତି

**ନୂଆଦିଲ୍ଲୀ :** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମେ' ୧୯ ତାରିଖରେ କେରଳର ସାବରୀମାଳା ମନ୍ଦିରରେ ଭଗବାନ ଆୟପ୍ପାଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ଦେଶର ଇତିହାସରେ ସେ ହେଉଛନ୍ତି ପ୍ରଥମ ରାଷ୍ଟ୍ରପତି, ଯିଏ ସାବରୀମାଳା ମନ୍ଦିର ଯିବେ। ମନ୍ଦିର ପରିଚାଳନା ସଂସ୍ଥା ତ୍ରାଭଣକୋର ଦେବସ୍ୱୋମ ବୋର୍ଡ(ଟିଡିବି) ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସୂଚନା ଦେଇଛି। ଏଥିସହ ଏହାକୁ ଦେଶର ଇତିହାସରେ ଏକ ଗର୍ବର ମୁହୂର୍ତ୍ତ ବୋଲି ବୋର୍ଡ଼ ପକ୍ଷରୁ କୁହାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଏସପିଜି ଓ ମନ୍ଦିର ପରିଚାଳନା ସଂସ୍ଥା ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସୂଚନା ଅନୁସାରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମେ' ୧୮ ଓ ୧୯ରେ ଦୁଇ ଦିନିଆ କେରଳ ଗସ୍ତରେ ଯିବେ। ୧୮ରେ ସେ କେରଳର କୋଟ୍ଟାୟମ ଜିଲ୍ଲାରେ ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ପରଦିନ ଅର୍ଥାତ୍ ୧୯ ତାରିଖ ସକାଳେ ସେ ସାବରୀମାଳା ମନ୍ଦିର ନିକଟସ୍ଥ ନୀଲକ୍କଲ ହେଲିପ୍ୟାଡକୁ ଯିବେ। ଏଠାରୁ ପମ୍ପା ବେସ୍ କ୍ୟାମ୍ପକୁ ଯିବେ। କୁହାଯାଉଛି ଯେ, ରାଷ୍ଟ୍ରପତି ସାଧାରଣ



ଦର୍ଶନାର୍ଥୀଙ୍କ ପରି ପାହାଡ଼ ଚଢ଼ିପାରନ୍ତି। ତେବେ ଏହାକୁ ନେଇ ଏସପିଜି ସୁରକ୍ଷା ବ୍ୟବସ୍ଥା ଉପରେ ଧ୍ୟାନ ଦେଉଛି। ଟିଡିବି ଅଧ୍ୟକ୍ଷ ପିଏସ ପ୍ରଶାନ୍ତ କହିଛନ୍ତି ଯେ, ପ୍ରଥମ ଥର ପାଇଁ ଜଣେ ରାଷ୍ଟ୍ରପତି ସାବରୀମାଳା ମନ୍ଦିର ଆସୁଛନ୍ତି। ସେ ପାହାଡ଼ ଚଢ଼ିବେ କି ନାହିଁ ସେ ନିଷ୍ପତ୍ତି ଏସପିଜି ନେବ। ଆମେ ନିର୍ଦ୍ଦେଶାବଳୀ ପାଳନ କରିବାକୁ ପ୍ରସ୍ତୁତ। ସେ କହିଛନ୍ତି, ରାଷ୍ଟ୍ରପତିଙ୍କ ସରକାରୀ କାର୍ଯ୍ୟକ୍ରମ ଏପର୍ଯ୍ୟନ୍ତ ଆସିନାହିଁ। କିନ୍ତୁ ପ୍ରସ୍ତୁତି ଚାଲିଛି। ଆମେ ରାସ୍ତାଗୁଡ଼ିକର ମରାମତି ଏବଂ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛୁ। ସରକାରୀ କାର୍ଯ୍ୟକ୍ରମ ଆସିବାପରେ ମୁଖ୍ୟମନ୍ତ୍ରୀ ବିଜୟନ ଏକ ବୈଠକ ଡାକିବେ।

# 'ଗଗନଯାନ ଅଭିଯାନର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ନୌସେନା'

**ନୂଆଦିଲ୍ଲୀ, (ପିଆଇବି):** ଭାରତର ପ୍ରଥମ ମାନବ ମହାକାଶ ଅଭିଯାନ 'ଗଗନଯାନ' କାର୍ଯ୍ୟକ୍ରମ ଏହାର ଅନ୍ତିମ ପର୍ଯ୍ୟାୟରେ ପ୍ରବେଶ କରିଛି। ୨୦୨୭ର ପ୍ରଥମ ତ୍ରୟମାସରେ ଏହାର ଉଡ଼ାଣ ନିର୍ଦ୍ଧାରିତ ହୋଇଛି। କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଭୂବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ତଥା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଣବିକ ଶକ୍ତି ବିଭାଗ, ମହାକାଶ ବିଭାଗ, କାର୍ମିକ, ଜନ ଅଭିଯୋଗ ଏବଂ ପେନସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ନୂଆଦିଲ୍ଲୀର ନେସନାଲ ମିଡିଆ ସେଣ୍ଟରରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ସେ ମିଶନର ବର୍ତ୍ତମାନର ସ୍ଥିତି, ବୈଷୟିକ ପ୍ରଗତି ଏବଂ ଭାରତର ମିତବ୍ୟୟୀ ମହାକାଶ କାର୍ଯ୍ୟକ୍ରମରୁ ମିଳୁଥିବା ଆର୍ଥିକ ଲାଭ ବିଷୟରେ ମଧ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଇସ୍ରୋର ଅଧ୍ୟକ୍ଷ ତଥା ମହାକାଶ ବିଭାଗର ସଚିବ ଡକ୍ଟର ଭି. ନାରାୟଣନ ମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ। ଡକ୍ଟର ଜିତେନ୍ଦ୍ର ସିଂହ କହିଥିଲେ, ଚଳିତ ବର୍ଷ ପ୍ରାରମ୍ଭରେ ଟିଭି-ଡି ୱାନ୍ ଅଭିଯାନ ଏବଂ ପ୍ରଥମ ମାନବବିହୀନ ପରୀକ୍ଷଣ ଯାନ ଏବୋର୍ଟ ଅଭିଯାନ ସଫଳ ସମାପନ ଆଗାମୀ ପରୀକ୍ଷଣ କାର୍ଯ୍ୟକ୍ରମ ପାଇଁ ଏକ ସୁଦୃଢ଼ ମୂଳଦୁଆ ପକାଇଛି। ଦ୍ୱିତୀୟ ପରୀକ୍ଷଣ ଯାନ ମିଶନ (ଟିଭି-ଡି ଟୁ)ର ଶୁଭାରମ୍ଭ ୨୦୨୫ ମସିହା ଶେଷରେ ଧାର୍ଯ୍ୟ ହୋଇଛି। ଏହା ପରେ ଗଗନଯାନର ମାନବବିହୀନ କକ୍ଷପଥ ଉଡ଼ାଣ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ୨୦୨୭ ମସିହାରେ ଭାରତର ପ୍ରଥମ ମାନବ ମହାକାଶ ଉଡ଼ାଣ ସହିତ ସମାପ୍ତ ହେବ, ଯାହା ଭାରତୀୟ ମହାକାଶଚାରୀମାନଙ୍କୁ ଭାରତ ମାଟିରୁ ଏକ ଭାରତୀୟ ରକେଟରେ ପୃଥିବୀର କକ୍ଷପଥକୁ ପଠାଇବ। ଏହାକୁ ଏକ 'ଐତିହାସିକ ଅଭିଯାନ' ଭାବେ ବର୍ଣ୍ଣନା କରି ଡ. ଜିତେନ୍ଦ୍ର ସିଂହ ଦୃଢ଼ତାର ସହ କହିଥିଲେ ଯେ ଗଗନଯାନ କାର୍ଯ୍ୟକ୍ରମ ବୈଜ୍ଞାନିକ ସଫଳତା ଠାରୁ




ଊର୍ଦ୍ଧ୍ୱରେ। ଏହା ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା, ଆର୍ଥିକ ସାମର୍ଥ୍ୟ ଏବଂ ଦୂରଦୃଷ୍ଟିସମ୍ପନ୍ନ ରାଜନୈତିକ ନେତୃତ୍ୱ ଆଧାରରେ ଏକ ବିଶ୍ୱସ୍ତରୀୟ ମହାକାଶ ଶକ୍ତି ଭାବେ ଭାରତର ଉତ୍ଥାନକୁ ଦର୍ଶାଉଛି ବୋଲି ସେ କହିଥିଲେ। ସେ ଏହା ମଧ୍ୟ ମନେ ପକାଇଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାକାଶରେ ଭାରତର ଦୀର୍ଘକାଳୀନ ମହତ୍ୱାକାଂକ୍ଷାକୁ ସ୍ପଷ୍ଟ ଭାବେ ଉପସ୍ଥାପନ କରିଛନ୍ତି, ଯେଉଁଥିରେ ୨୦୩୫ ସୁଦ୍ଧା ଏକ ଭାରତୀୟ ମହାକାଶ କେନ୍ଦ୍ର ପ୍ରତିଷ୍ଠା ଏବଂ ୨୦୪୦ ସୁଦ୍ଧା ଚନ୍ଦ୍ରରେ ପ୍ରଥମ ଭାରତୀୟଙ୍କ ଅବତରଣ ସାମିଲ ରହିଛି। ମାନବ-ରେଟେଡ୍ ଏଲଭିଏମ ଥ୍ରୀ ଯାନ, କ୍ରୁ ଏସ୍କେପ ସିଷ୍ଟମ୍ ଓ କ୍ରୁ ମଡ୍ୟୁଲ୍ ଏବଂ ସର୍ଭିସ୍ ମଡ୍ୟୁଲ୍ ସମସ୍ତ ପରୀକ୍ଷା ଏବଂ ଏକୀକରଣର ଶେଷ ପର୍ଯ୍ୟାୟ ଦେଇ ଗତି କରୁଛନ୍ତି। କେନ୍ଦ୍ର ମନ୍ତ୍ରୀ ନିଶ୍ଚିତ କରିଛନ୍ତି ଯେ ଚଳିତ ବର୍ଷ ଶେଷରେ ଉତକ୍ଷେପଣ ହେବାକୁ ଥିବା ମାନବବିହୀନ କକ୍ଷପଥ ଗଗନଯାନ ମିଶନ ସଠିକ୍ ଦିଗରେ ଗତି କରୁଛି। ଭାରତୀୟ ନୌସେନା ସହିତ ରିକଭରୀ ଟ୍ରାଏଲ୍ ପୂର୍ବରୁ ଅନୁଷ୍ଠିତ ହୋଇଛି ଏବଂ ଅଧିକ ସମୁଦ୍ର ରିକଭରୀ ସିମୁଲେସନ୍ ଯୋଜନା କରାଯାଇଛି। ମହାକାଶ ଯାତ୍ରୀଙ୍କ ପ୍ରଶିକ୍ଷଣ ମଧ୍ୟ ଲଗାତାର ଜାରି ରହିଛି। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା ଯେ ମହାକାଶଚାରୀ ଭାବେ ଚୟନ ହୋଇଥିବା ଭାରତୀୟ ବାୟୁସେନାର ଚାରିଜଣ ପାଇଲଟ୍ ରୁଷରେ ତାଲିମ ସମାପ୍ତ କରିଛନ୍ତି ଏବଂ ଭାରତରେ ମିଶନ-କେନ୍ଦ୍ରିତ ତାଲିମ ନେଉଛନ୍ତି। ଭାରତର ମହାକାଶଚାରୀ ତାଲିମ କେନ୍ଦ୍ରରେ ସେମାନଙ୍କ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଏବଂ ଅନୁକରଣ-ଆଧାରିତ ପରିଚାଳନା ପ୍ରସ୍ତୁତିର ନିରନ୍ତର ମୂଲ୍ୟାଙ୍କନ କରାଯାଉଛି। ଏହି ବୈଷୟିକ ପ୍ରଗତି ସମ୍ପର୍କରେ ସୂଚନା ଦେଇ ଡ. ଜିତେନ୍ଦ୍ର ସିଂହ ମିଶନର ବ୍ୟୟ-ଦକ୍ଷତା ଉପରେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ କହିଥିଲେ ଯେ ଗଗନଯାନ ପ୍ରକଳ୍ପରେ ଖର୍ଚ୍ଚ ଅନ୍ୟ ଦେଶ ଦ୍ୱାରା କରାଯାଇଥିବା ସମାନ ମାନବ ମହାକାଶ ଉଡ଼ାଣ ମିଶନ ତୁଳନାରେ ସର୍ବନିମ୍ନ ଅଟେ। ସେ କହିଥିଲେ ଯେ ଉଭୟ ବୈଷୟିକ ନବୋନ୍ମେଷ ଏବଂ ଆର୍ଥିକ ପ୍ରୋତ୍ସାହନ ଦୃଷ୍ଟିରୁ ଏହି ଅଭିଯାନର ଲାଭ ଏଥିରେ ଜଡ଼ିତ ବ୍ୟୟ ତୁଳନାରେ ଅଧିକ।

# ଅଭିଭାବକଙ୍କୁ ଶୋଷଣ କରୁଛି ଘରୋଇ ବିଦ୍ୟାଳୟ

**ଭୁବନେଶ୍ୱର :** ଦିନକୁ ଦିନ ବଢ଼ିଚାଲିଛି ଇଂରାଜୀ ବିଦ୍ୟାଳୟ ଗୁଡିକର ମନମାନୀ। ଅଭିଭାବକଙ୍କୁ ଶୋଷଣ କରୁଛନ୍ତି ଘରୋଇ ବିଦ୍ୟାଳୟ। ବଜାର ଦରଠାରୁ ଅଢ଼େଇଗୁଣ ଅଧିକ ଦରରେ ବିକ୍ରି କରୁଛନ୍ତି ବହି। କେବଳ ବହି ନୁହେଁ ଏଥିସହ ଖାତା, ଡ୍ରଇଂ ବହି, ପେନସିଲ୍, ରବର ପରି ବହୁ ସାଗ୍ରୀ ନେବାକୁ ବାଧ କରୁଛନ୍ତି। ପିଲାଙ୍କୁ ପଢ଼ାଉଛନ୍ତି ଯେତେବେଳେ ଅଭିଭାବକ ମଧ୍ୟ ଏସବୁ ନେବାକୁ ବାଧ। କେବେକେବେ ଅସନ୍ତୋଷ ପ୍ରକାଶ କରୁଥିଲେ ବି କୌଣସି ସୁଫଳ ମିଳୁନି। କାଁ ଭାଁ ସରକାରୀ ଅଧିକାରୀମାନେ ଯାଞ୍ଚ କରୁଥିଲେ ବି ଏହାର ପ୍ରଭାବ କିଛି ପଡୁନି। ଫଳରେ ପିଲାଙ୍କ ବସ୍ତାନୀ ଏବେ ଅଭିଭାବକଙ୍କୁ ଆର୍ଥିକ ବୋଝ ହେଉଛି। ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀ ପଢୁଥିବା ପିଲାଙ୍କୁ 'ଆର୍ଟ ଆଣ୍ଡ କ୍ରାଫ୍ଟ ୱିଥ୍ ଡିସନି' ବହି ଦିଆଯାଉଛି। ଏଥିପାଇଁ ୪୬୪ଟଙ୍କା ନେଉଛନ୍ତି ସ୍କୁଲ୍ କର୍ତ୍ତୃପକ୍ଷ। ହେଲେ ଏହାର ବଜାର ମୂଲ୍ୟ ମାତ୍ର ୧୬୦ରୁ ୧୮୦ ଟଙ୍କା। ଅର୍ଥାତ୍ ଅଢ଼େଇଗୁଣରୁ ଅଧିକ ଟଙ୍କା ନେଉଛନ୍ତି। ସେହିପରି ଅନ୍ୟ ପଢ଼ା ବହିଗୁଡ଼ିକ ମଧ୍ୟ ପ୍ରାୟ ଦୁଇଗୁଣା ଦର ନିଆଯାଉଛି। ବହି ସହିତ ୫ଟି ଖାତା ମଧ୍ୟ ଦିଆଯାଉଛି। ଯେଉଁ ଗୁଡ଼ିକର ବଜାର ମୂଲ୍ୟ ୪୦ ଟଙ୍କା ତାକୁ ୬୭ଟଙ୍କା ନିଆଯାଉଛି। କେବଳ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ବହି ବାବଦକୁ ବର୍ଷ ଆରମ୍ଭରେ ୬୬୨୩ ଟଙ୍କା ଦେବାକୁ ପଡୁଛି। ଭୁବନେଶ୍ୱରର ଏକ ନାମକରା ଇଂରାଜୀ ବିଦ୍ୟାଳୟର ଫି'କୁ ଅନୁଧ୍ୟାନ କଲେ ପ୍ରାୟ ଅଢ଼େଇଗୁଣା ଅଧିକ ଅର୍ଥ ନେଉଥିବା ସ୍ପଷ୍ଟ। ସେହିପରି ବର୍ଷକୁ ବର୍ଷ ବଦଳୁଥିବା ପୋଷାକ ମଧ୍ୟ ଅଭିବାବକଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ପ୍ରଥମ ଶ୍ରେଣୀ ପଢୁଥିବା ବେଳେ ପ୍ରାୟ ୭ହଜାର ଟଙ୍କା ଦେଇ କିଣାଯାଇଥିବା ପୋଷାକ ଦ୍ୱିତୀୟ ଶ୍ରେଣୀରେ ବଦଳି ଯାଉଛି। ସ୍କୁଲ୍ ବ୍ୟାଗ୍ ବାଧ୍ୟତାମୂଳକ କରାଯାଉଥିବାବେଳେ ତାହା କମ୍ ଦିନରେ ଚିରି ଯାଉଛି। ନିମ୍ନ ମାନର ବ୍ୟାଗ୍ ପାଇଁ ବର୍ଷକୁ ୨ଟି ବ୍ୟାଗ୍ ଆବଶ୍ୟକ ହେଉଛି। ପୋଷାକ ସହ ଜୋତା ମୋଜା ଓ ଜ୍ୟାକେଟ୍ ରଙ୍ଗ ମଧ୍ୟ ବଦଳିଯାଉଥିବାରୁ ପ୍ରତିବର୍ଷ କେବଳ ପିଲାଙ୍କ ପରିଧାନ ପାଇଁ ୧୦ହଜାର ଟଙ୍କା ଦେବାକୁ ପଡୁଛି। ସେହିପରି ନାମଲେଖା ସମୟରେ ବହି ଓ ପୋଷାକ ବାବଦକୁ କୌଣସି ସୂଚନା ଦିଆଯାଉନାହିଁ। ନାମ ଲେଖା ପରେ ପର୍ଯ୍ୟାୟକ୍ରମେ ଏସବୁ କହୁଥିବାରୁ ଅର୍ଥ ଦେବାକୁ ବାଧ ହେଉଛନ୍ତି ଅଭିଭାବକ। ସରକାରୀ ଅଧିକାରୀମାନେ ଏସବୁ ବିଷୟରେ ନିୟମିତ ଯାଞ୍ଚ କରିବା ସହ ବହି ଓ ପୋଷାକର ନିର୍ଦ୍ଦିଷ୍ଟ ଦର ଧାର୍ଯ୍ୟ କରିବାକୁ ଅଭିଭାବକଙ୍କ ମହଲରେ ଦାବି ହେଉଛି।

# ଚାଷୀଙ୍କ ଉନ୍ନତି ପାଇଁ ସରକାର ସର୍ବଦା କାର୍ଯ୍ୟରତ : ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** କୃତ୍ରିମ ବୁଦ୍ଧିମତାର ପ୍ରୟୋଗରେ କୃଷିଭିତ୍ତିକ ଭୌଗଳିକ ତଥ୍ୟକୁ ଅନୁଧ୍ୟାନ କରି ଚାଷୀଙ୍କୁ ଆଗୁଆ ସୂଚନା ପ୍ରଦାନ କରିବା ପାଇଁ ଏଏମଏନଇଏକ୍ସ ନାମକ ସଂସ୍ଥା ଆଗେଇ ଆସିଛି। ଏହି ସଂସ୍ଥାର ପ୍ରତିନିଧିଙ୍କ ପକ୍ଷରୁ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପ୍ରଦର୍ଶନ କରାଯାଇଥିଲା। କୃଷି କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ନିହାତି ଜରୁରୀ। କୃତ୍ରିମ ବୁଦ୍ଧିମତାର ଉପଯୋଗରେ ସଠିକ୍ ତଥ୍ୟ ହାତପାହାନ୍ତାରେ ପାଇବା ସହଜସାଧ୍ୟ ହୋଇପାରିଛି। ଆମ ଦେଶର ମେରୁଦଣ୍ଡ, କୃଷକଙ୍କୁ ସମୟୋପଯୋଗୀ କୃଷି ସମ୍ବନ୍ଧୀୟ ସୂଚନା ପ୍ରଦାନ କରି ଫସଲ ହାନିରେ ହ୍ରାସ ତଥା ଉତ୍ପାଦନରେ ଅଭିବୃଦ୍ଧି ଆଣିବା ପାଇଁ ଆମେ ସର୍ବଦା ଚେଷ୍ଟିତ। ଏଥିପାଇଁ ଉପଯୁକ୍ତ ପଦକ୍ଷେପ ଆମେ ଗ୍ରହଣ କରୁଛୁ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। କୃଷି କ୍ଷେତ୍ରର ବିକାଶରେ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ। ଏହାର ବ୍ୟବହାର ଫଳରେ ଅଧିକ ସଂଖ୍ୟକ ଚାଷୀଙ୍କୁ ସମୃଦ୍ଧ ଚାଷୀରେ ପରିଣତ କରିବା ଦିଗରେ ଓଡ଼ିଶା ଅଗ୍ରସର ହେଉଛି ବୋଲି ମତପ୍ରକାଶ କରିଛନ୍ତି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ। ଏଏମଏନଇଏକ୍ସ ସଂସ୍ଥା ପୂର୍ବରୁ କୃଷି ବିଭାଗ ଦ୍ୱାରା କରାଯାଉଥିବା ଏଗ୍ରିଷ୍ଟାକ- ଡିଜିଟାଲ କ୍ରପ ସର୍ଭେ, ଫାର୍ମର୍ସ ରେଜିଷ୍ଟ୍ରୀ ଇତ୍ୟାଦି ପାଇଁ ବୈଷୟିକ ସହାୟତା ଯୋଗାଇ ଆସିଛି। ଏତଦବ୍ୟତୀତ, କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରାଳୟ ସହ ଯୋଡ଼ି ହୋଇ ୩୩ଟି ଫସଲ ନିମନ୍ତେ ବୈଷୟିକ ସହାୟତା ପ୍ରଦାନ କରୁଛି। ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, ଏଏମଏନଇଏକ୍ସ ପକ୍ଷରୁ ପରିଚୟ କୁମାର ଦାସ, ନୀତିଶ ଠକ୍କର, ଜୟେନ୍ଦ୍ର ପୁୱାର, ଆନନ୍ଦ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

# ସରଳ ଓ ତ୍ରୁଟିଶୂନ୍ୟ ହେବ ପରିବାର ପେନ୍‌ସନ ନିୟମ



**ଭୁବନେଶ୍ୱର :** ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୫ଟି ବିଭାଗର ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ପରେ ଗୃହୀତ ପ୍ରସ୍ତାବଗୁଡ଼ିକ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ତିନିଟି ପ୍ରସ୍ତାବ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୁଇଟି ପ୍ରସ୍ତାବ ଆସିଥିବାବେଳେ ବାଣିଜ୍ୟ ଓ ପରିବହନ ବିଭାଗ, ଅର୍ଥ ବିଭାଗ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବକୁ ଆଲୋଚନାରେ ମଞ୍ଜୁରି ପ୍ରଦାନ କରାଯାଇଛି। ଓଡ଼ିଶା ବେସାମରିକ ସେବା (ପେନ୍‌ସନ୍) ନିୟମାବଳୀ, ୧୯୯୨ରେ ସଂଶୋଧନ କରିବା ପାଇଁ ମଞ୍ଜୁରି ମିଳିଥିବାବେଳେ ୨୦୩୨-୩୩ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବସ୍ ସେବାର ସମ୍ପ୍ରସାରଣ ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ବିପର୍ଯ୍ୟୟ ପ୍ରତିରୋଧ ସଡ଼କ ନିର୍ମାଣ ପାଇଁ ୨୦୨୫-୨୬ରୁ ୨୦୨୯-୩୦ ବର୍ଷ ମଧ୍ୟରେ ମୋଟ ୧୦୦୦ କୋଟି ଟଙ୍କା ବ୍ୟୟରେ ୫୦୦ କିମି ସଡ଼କ ନିର୍ମାଣ, ୧୪୭ ନିର୍ବାଚନ ମଣ୍ଡଳୀରେ ସଡ଼କ ନିର୍ମାଣ ଓ ଉନ୍ନୟନ ପାଇଁ ୨୦୨୪-୨୫ରୁ ୨୦୨୬-୨୭ ମଧ୍ୟରେ ୪୨୬ କୋଟି ଟଙ୍କା ବ୍ୟୟବରାଦ ନିମନ୍ତେ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଓଡ଼ିଶା ବେସାମରିକ ସେବା (ପେନ୍ସନ୍) ନିୟମାବଳୀ, ୧୯୯୨ରେ ଅତ୍ୟାବଶ୍ୟକ ସରଳୀକରଣ ଏବଂ ପ୍ରଣାଳୀଗତ ତଥା ନିୟମଗତ ତ୍ରୁଟି ଅବା ଅସଙ୍ଗତି ଦୂର ନିମନ୍ତେ ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ମୃତ କର୍ମଚାରୀ/ପେନ୍‌ସନଭୋଗୀଙ୍କ ଅବିବାହିତା/ବିଧବା/ସ୍ୱାମୀ ପରିତ୍ୟକ୍ତା/ଦିବ୍ୟାଙ୍ଗ ବିଧବା/ଦିବ୍ୟାଙ୍ଗ ସ୍ୱାମୀ ପରିତ୍ୟକ୍ତା ୨୫ ବର୍ଷରୁ ଉର୍ଦ୍ଧ୍ୱ ଝିଅଙ୍କୁ ପରିବାର ପେନ୍ସନ୍ ପରିସରକୁ ୨୦୧୧ ମସିହାରେ ଆଣିଛନ୍ତି। ଓଡ଼ିଶା ବେସାମରିକ ସେବା (ପେନ୍ସନ୍) ନିୟମାବଳୀ, ୧୯୯୨ର ଦ୍ୱିତୀୟ ସଂସ୍କରଣ ମଧ୍ୟ ପ୍ରଚଳନ କରିଛନ୍ତି। ତେବେ ଉକ୍ତ ନିୟମାବଳୀରେ କିଛି ସଂଶୋଧନ ଆବଶ୍ୟକ ହେଉଥିବାରୁ ରାଜ୍ୟ କ୍ୟାବିନେଟ ଏହାକୁ ଅନୁମୋଦନ କରିଛନ୍ତି। ସରକାରୀ ଡାକ୍ତରଖାନାରେ ମାଗଣା ନିଦାନ ଏବଂ ଡାଏଲିସିସ୍ ସେବା 'ନିଦାନ' ପାଇଁ ୫ ବର୍ଷରେ ୨୪୫୯.୫୧ କୋଟି ଟଙ୍କା ବ୍ୟୟ କରାଯିବ ବୋଲି କ୍ୟାବିନେଟରେ ନିଷ୍ପତ୍ତି ନିଆଯାଇଛି। ସରକାରୀ ଡାକ୍ତରଖାନାରେ ଆନୁଷଙ୍ଗିକ ସେବା ବୃଦ୍ଧି ପାଇଁ ନିର୍ମଳ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟକୁ ସରକାର ଅନୁମୋଦନ ପ୍ରଦାନ କରି ୫ ବର୍ଷ ପାଇଁ ୫୧୭୪.୭୯ କୋଟି ଟଙ୍କାର ବ୍ୟୟବରାଦକୁ ଅନୁମୋଦନ କରିଛନ୍ତି। ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୨୦୨୧.୮୭ କୋଟି ଟଙ୍କା ବ୍ୟୟ କରାଯିବ। ରାଜ୍ୟ କ୍ୟାବିନେଟର ନିଷ୍ପତ୍ତିକ୍ରମେ ଓଡ଼ିଶା ପ୍ରାଣୀ ଚିକିତ୍ସା ବୈଷୟିକ ସେବା କ୍ୟାଡରରେ ୧୧୩ଟି ନୂତନ ପଦ ସୃଷ୍ଟି କରାଯାଇ କ୍ଷମତା ୪୦୪୫ରୁ ୪୧୫୮କୁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ବସ୍ ସେବାର ସମ୍ପୂର୍ଣ୍ଣ ନବୀକରଣ କରାଯାଇ ନିୟନ୍ତ୍ରଣ ଦାୟିତ୍ୱ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆରଟିସି)କୁ ପ୍ରଦାନ କରାଯିବ। ବସ୍ରେ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ସହ ଯାତ୍ରୀ ସୁବିଧା ବୃଦ୍ଧି କରାଯିବ। ସେହିପରି ମହିଳା, ତୃତୀୟଲିଙ୍ଗୀ, ଛାତ୍ରଛାତ୍ରୀ, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କ ପାଇଁ ଯାତ୍ରୀ ଭଡ଼ାରେ ୫୦ ପ୍ରତିଶତ ରିଆତି ଦିଆଯିବ।

## କେନ୍ଦ୍ରୀୟ କ୍ୟାବିନେଟ୍‌ର ଅନୁମୋଦନ

# ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଜାତୀୟ ଉତ୍କର୍ଷ କେନ୍ଦ୍ର




**ଭୁବନେଶ୍ୱର :** ଭାରତରେ ବୃତ୍ତିଗତ ଶିକ୍ଷାର ରୂପାନ୍ତରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କ୍ୟାବିନେଟ ଜାତୀୟ ଶିଳ୍ପ ପ୍ରଶିକ୍ଷଣ ସଂସ୍ଥା (ଆଇଟିଆଇ) ଉନ୍ନୟନ ଏବଂ କୌଶଳ ବିକାଶ ପାଇଁ ପାଞ୍ଚଟି ଜାତୀୟ ଏକ୍ସଲେନ୍ସ ସେଣ୍ଟର (ଏନସିଓଇ) ସ୍ଥାପନ ପାଇଁ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାକୁ ଅନୁମୋଦନ କରିଛି। ଏନସିଓଇଗୁଡ଼ିକ ଭୁବନେଶ୍ୱର, ଚେନ୍ନାଇ, ହାଇଦ୍ରାବାଦ, କାନପୁର ଏବଂ ଲୁଧିଆନା ସମେତ ପାଞ୍ଚଟି ଜାତୀୟ କୌଶଳ ପ୍ରଶିକ୍ଷଣ ସଂସ୍ଥା (ଏନଏସଟିଆଇ)ରେ ସ୍ଥାପନ କରାଯିବ। ଏହି ଯୋଜନା ଅଧୀନରେ, ଉନ୍ନତ ପ୍ରଶିକ୍ଷକ ପ୍ରଶିକ୍ଷଣ (ଟିଓଟି) ସୁବିଧା ପାଇଁ ପାଞ୍ଚଟି ଏନଏସଟିଆଇରେ ଭିତ୍ତିଭୂମି ଉନ୍ନୟନ କରାଯିବ। ଏହା ସହିତ, ୫୦,୦୦୦ ପ୍ରଶିକ୍ଷକଙ୍କୁ ପ୍ରାକ୍-ସେବା ଏବଂ ସେବାକାଳୀନ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ଉଦ୍ୟୋଗଟି ବଜେଟ ୨୦୨୪-୨୫ ଏବଂ ବଜେଟ ୨୦୨୫-୨୬ରେ ଘୋଷଣା ଅନୁସାରେ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବେ କାର୍ଯ୍ୟକାରୀ ହେବ, ଯାହାର ମୋଟ ବ୍ୟୟ ରାଶି ୬୦,୦୦୦ କୋଟି ଟଙ୍କା (କେନ୍ଦ୍ରୀୟ ଅଂଶ: ୩୦,୦୦୦ କୋଟି ଟଙ୍କା, ରାଜ୍ୟ ଅଂଶ: ୨୦,୦୦୦ କୋଟି ଟଙ୍କା ଏବଂ ଶିଳ୍ପ ଅଂଶ: ୧୦,୦୦୦ କୋଟି ଟଙ୍କା)। ଏହାର ୫୦% କେନ୍ଦ୍ରୀୟ ଅଂଶ ଏସୀୟ ବିକାଶ ବ୍ୟାଙ୍କ ଏବଂ ବିଶ୍ୱ ବ୍ୟାଙ୍କ ଦ୍ୱାରା ସମାନ ଭାବେ ସହ-ଅର୍ଥାୟନ କରାଯିବ। ଏହି ଯୋଜନା ୧,୦୦୦ ସରକାରୀ ଆଇଟିଆଇକୁ ହବ ଏବଂ ସ୍ପୋକ ବ୍ୟବସ୍ଥାରେ ଉନ୍ନୟନ,ଶିଳ୍ପ ସହ ସମ୍ପର୍କିତ ନୂତନ କୋର୍ସ ଏବଂ ପାଞ୍ଚଟି ଏନଏସଟିଆଇର କ୍ଷମତା ବୃଦ୍ଧି ସହିତ ପାଞ୍ଚଟି ଜାତୀୟ ଏକ୍ସଲେନ୍ସ ସେଣ୍ଟର ସ୍ଥାପନ ଉପରେ ଗୁରୁତ୍ୱ ଦେବ। ଏହି ଯୋଜନାର ଲକ୍ଷ୍ୟ ହେଉଛି ରାଜ୍ୟ ସରକାର ଏବଂ ଶିଳ୍ପ ସହଯୋଗରେ ବିଦ୍ୟମାନ ଆଇଟିଆଇଗୁଡ଼ିକୁ ସରକାରୀ ମାଲିକାନା ଏବଂ ଶିଳ୍ପ ପରିଚାଳିତ ଆକାଂକ୍ଷୀ କୌଶଳ ସଂସ୍ଥା ଭାବେ ପ୍ରତିଷ୍ଠା କରିବା। ପାଞ୍ଚ ବର୍ଷ ମଧ୍ୟରେ, ୨୦ ଲକ୍ଷ ଯୁବକଙ୍କୁ ଶିଳ୍ପର ମାନବ ମୂଳଧନ ଆବଶ୍ୟକତାକୁ ପୂରଣ କରୁଥିବା କୋର୍ସ ମାଧ୍ୟମରେ କୌଶଳୀ କରାଯିବ। ଏହି ଯୋଜନା ସ୍ଥାନୀୟ ଶ୍ରମଶକ୍ତି ଯୋଗାଣ ଏବଂ ଶିଳ୍ପ ଚାହିଦା ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବ, ଯାହା ଦ୍ୱାରା ଶିଳ୍ପ, ବିଶେଷକରି ଏମଏସଏମଇଗୁଡ଼ିକ, ନିଯୁକ୍ତି ପାଇଁ ପ୍ରସ୍ତୁତ ଶ୍ରମିକଙ୍କୁ ସହଜରେ ପାଇପାରିବେ। ଅତୀତରେ ବିଭିନ୍ନ ଯୋଜନା ଅଧୀନରେ ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତା ଆଇଟିଆଇଗୁଡ଼ିକର ସମ୍ପୂର୍ଣ୍ଣ ଉନ୍ନୟନ ଆବଶ୍ୟକତା, ବିଶେଷକରି ଭିତ୍ତିଭୂମି ରକ୍ଷଣାବେକ୍ଷଣ, କ୍ଷମତା ସମ୍ପ୍ରସାରଣ ଏବଂ ମୂଳଧନ-ନିବିଡ ନୂତନ ଯୁଗର କୋର୍ସ ଆରମ୍ଭ ପାଇଁ ପର୍ଯ୍ୟାପ୍ତ ନଥିଲା। ଏହାକୁ ଦୂର କରିବା ପାଇଁ, ପ୍ରସ୍ତାବିତ ଯୋଜନା ଅଧୀନରେ ଆବଶ୍ୟକତା ଆଧାରିତ ନିବେଶ ବ୍ୟବସ୍ଥା ରଖାଯାଇଛି, ଯାହା ପ୍ରତ୍ୟେକ ଅନୁଷ୍ଠାନର ନିର୍ଦ୍ଦିଷ୍ଟ ଭିତ୍ତିଭୂମି, କ୍ଷମତା ଏବଂ କୋର୍ସ ସମ୍ପର୍କିତ ଆବଶ୍ୟକତା ଅନୁସାରେ ନିଧି ବଣ୍ଟନରେ ନମନୀୟତା ପ୍ରଦାନ କରୁଛି।

# ଜୁନ୍ ୨୫ ପର୍ଯ୍ୟନ୍ତ ହେବନି ବିଦ୍ୟୁତ୍ କାଟ



**ଭୁବନେଶ୍ୱର :** ଆସନ୍ତା ଜୁନ୍ ୨୫ ତାରିଖ ପର୍ଯ୍ୟନ୍ତ ନିୟମିତ ରକ୍ଷଣବେକ୍ଷଣ ପାଇଁ ବିଦ୍ୟୁତ କାଟ୍ ହେବ ନାହିଁ। ଗ୍ରୀଷ୍ମ ଋତୁରେ ଗ୍ରାହକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଘୋଷଣା କରାଯାଇଛି। ଏହି ଅବଧିରେ ନିରବଚ୍ଛିନ୍ନ ଓ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ କୌଣସି ଯୋଜନାବଦ୍ଧ ରକ୍ଷଣାବେକ୍ଷଣ ସଟ୍‌ଡାଉନ୍ କରାଯିବ ନାହିଁ। ନୂତନ ସେବା ସଂଯୋଗ, ବିପଦଜନକ ସ୍ଥିତିର ମୁକାବିଲାରେ ସୁରକ୍ଷା ସମ୍ପର୍କିତ ଜରୁରୀକାଳୀନ ପଦକ୍ଷେପ କିମ୍ବା ଜରୁରୀକାଳୀନ ପ୍ରକଳ୍ପ କାର୍ଯ୍ୟ ଭଳି ସ୍ଥିତି ଉପୁଜିଲେ ବିଦ୍ୟୁତ୍ ବିଭ୍ରାଟ ଘଟିପାରେ। ଏଭଳି କ୍ଷେତ୍ରରେ ପ୍ରଭାବିତ ହେବାକୁ ଥିବା ଗ୍ରାହକମାନଙ୍କୁ ଆଗୁଆ ସୂଚନା ପ୍ରଦାନ କରାଯିବ। ଗ୍ରୀଷ୍ମ ଋତୁରେ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଗୁରୁତ୍ୱପୂର୍ଣ୍ଣ ବୋଲି ଆମେ ବୁଝୁଛୁ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଜାରି ରଖିବା ସହିତ ବିଶ୍ୱସନୀୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଆମେ ପ୍ରତିବଦ୍ଧ ବୋଲି ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି।

# ଦୁଗ୍ଧ ଚାଷୀଙ୍କ ଜୀବନ-ଜୀବିକାକୁ ସୁରକ୍ଷିତ କରିଛି 'ଗୋ-ପାଳନ ଯୋଜନା'



**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋ-ପାଳନ ଯୋଜନାକୁ ମିଳିଛି ପ୍ରାରମ୍ଭିକ ସଫଳତା। ଗତ ତିନି ମାସ ମଧ୍ୟରେ ଏକ ହଜାରରୁ ଉର୍ଦ୍ଧ୍ୱ ଅଧିକ ଦୁଗ୍ଧ ଉତ୍ପାଦନକ୍ଷମ ଗାଈ ଗୋ-ପାଳନ ଯୋଜନାରେ ସାମିଲ ହୋଇଛନ୍ତି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଆନ୍ଧ୍ର-ପ୍ରଦେଶ, ଛତିଶଗଡ଼, ତାମିଲନାଡୁ ଆଦି ରାଜ୍ୟରୁ ଏହି ଗାଈ ଅଣାଯାଇଛି। ଫଳରେ ଦୁଗ୍ଧ-ଚାଷୀଙ୍କ ଜୀବନ-ଜୀବିକାକୁ ଗୋ-ପାଳନ ଯୋଜନା ଅଧିକ ସୁରକ୍ଷିତ ଓ ସଶକ୍ତ କରିଛି। ଆମ ରାଜ୍ୟରେ ଉନ୍ନତ ପ୍ରଜାତିର ଗୋ-ପାଳନ ପାଇଁ ମଧ୍ୟ ଏହା ସହାୟକ ହେବ ଓ ଅନ୍ୟମାନଙ୍କୁ ପ୍ରେରିତ କରିବ। ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା -୨୦୨୫ ଆୟୋଜନ ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଚାଷୀମାନଙ୍କୁ ଗୋ-ଆହେଡ୍ ଲେଟର୍ ବା କାର୍ଯ୍ୟାଦେଶ ପତ୍ର ପ୍ରଦାନ କରିଥିଲେ। ସରକାରୀ ସହାୟତା ପାଇ ଚାଷୀମାନେ ବାହାର ରାଜ୍ୟରୁ ଦୁଧିଆଳୀ ଗାଈ କ୍ରୟ କରିଛନ୍ତି। ଏବେ ଏହି ଉତ୍କୃଷ୍ଟମାନର ଦୁଧିଆଳୀ ଗାଈ ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଗେମ୍ ଚେଞ୍ଜର ଭାବେ ଉଭା ହୋଇଛି। ସୂଚନାଯୋଗ୍ୟ, କନ୍ଧମାଳ ଜିଲ୍ଲାରେ ଏହି ଗୋପାଳନ ଯୋଜନାରେ ପ୍ରଥମ କରି ତିନୋଟି ୟୁନିଟ ପ୍ରତିଷ୍ଠା ହୋଇଛି। ସମସ୍ତ ତିନି ଦୁଗ୍ଧ ଚାଷୀ ହେଉଛନ୍ତି ମହିଳା। ଏହି ସଫଳତା ମହିଳା ସଶକ୍ତୀକରଣ ଓ ଲିଙ୍ଗଗତ ସମାନତାକୁ ପ୍ରତିଫଳିତ କରୁଛି। ଗୋପାଳକଙ୍କ ଜୀବିକାକୁ ଅଧିକ ସଶକ୍ତ ଓ ସୁରକ୍ଷିତ କରିବା ନିମନ୍ତେ ରାଜ୍ୟ ସରକାର ଗୋ-ପାଳନ ଯୋଜନା ଆରମ୍ଭ କରିଛନ୍ତି। ଦୈନିକ ଅତି କମରେ ୧୦ ଲିଟରରୁ ଅଧିକ ଦୁଗ୍ଧ ଦେଉଥିବା ଗାଈ କ୍ରୟ କରିବା ନିମନ୍ତେ ରାଜ୍ୟ ସରକାର ୭୦ ପ୍ରତିଶତ ପର୍ଯ୍ୟନ୍ତ ସବସିଡି ପ୍ରଦାନ କରୁଛନ୍ତି। ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଚାଷୀମାନେ ସେମାନଙ୍କର ପସନ୍ଦ ମୁତବକ ଗାଈ ବାହାର ରାଜ୍ୟରୁ କ୍ରୟ କରି ପାରୁଛନ୍ତି। ଏହି ଯୋଜନାରେ ଗାଈ କ୍ରୟ କରିବାର ୭-୧୦ ଦିନ ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସବସିଡି ପ୍ରଦାନ କରାଯାଇଥାଏ। ତେଣୁ ଅଧିକରୁ ଅଧିକ ଲୋକ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ ଯୋଜନାରେ ସାମିଲ ହେବାକୁ ମତ ପ୍ରକାଶ ପାଉଛି।

## ଡଲାର ତୁଳନାରେ ଟଙ୍କା ୮୪ ପଇସା ଦୁର୍ବଳ

**ଭୁବନେଶ୍ୱର :** ଭାରତ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ସାମରିକ ଉତ୍ତେଜନା ମଧ୍ୟରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ୮୪ ପଇସା ହ୍ରାସ ପାଇ ୮୫.୬୧ରେ ପହଞ୍ଚିଛି। ପାକିସ୍ତାନ ସେନା ଡ୍ରୋନ ଏବଂ କ୍ଷେପଣାସ୍ତ୍ର ବ୍ୟବହାର କରି ଉତ୍ତର ଓ ପଶ୍ଚିମ ଭାରତରେ ଏକାଧିକ ସାମରିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିବା ପରେ ନିବେଶକମାନେ ଘରୋଇ ବଜାରରେ ବିପଦ ଆଶଙ୍କା କରିଥିବା ଫୋରେକ୍ସ ବ୍ୟବସାୟୀମାନେ କହିଛନ୍ତି। ଏହା ବ୍ୟତୀତ ବୃଦ୍ଧି ପାଉଥିବା ଅଶୋଧିତ ତୈଳ ମୂଲ୍ୟ ମଧ୍ୟ ଟଙ୍କା ଉପରେ ଚାପ ପକାଇଛି। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଟଙ୍କା ୮୪.୬୧ରେ ଖୋଲିଥିଲା ଏବଂ ଡଲାର ତୁଳନାରେ ଦିନର ସର୍ବୋଚ୍ଚ ୮୪.୫୨ ଏବଂ ସର୍ବନିମ୍ନ ୮୫.୭୭ ମଧ୍ୟରେ ରହିଥିଲା। କାରବାର ଶେଷ ହେବା ସମୟରେ, ଟଙ୍କା ଡଲାର ପିଛା ୮୫.୬୧ (ଅସ୍ଥାୟୀ)ରେ ପହଞ୍ଚିଥିଲା ଯାହାକି, ପୂର୍ବ ବନ୍ଦ ତୁଳନାରେ ୮୪ ପଇସା ହ୍ରାସ ପାଇଥିଲା।

## ୩ ପର୍ଯ୍ୟାୟରେ ନିର୍ମାଣ ହେବ ପୁରୀ ବିମାନ ବନ୍ଦର



**ଭୁବନେଶ୍ୱର :** ଓଡିଶାରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ପୁରୀଠାରେ ଏକ ନୂତନ ଗ୍ରୀନଫିଲ୍ଡ ବିମାନ ବନ୍ଦର ନିର୍ମାଣ ପାଇଁ କେନ୍ଦ୍ର ସରକାର ନୀତିଗତ ଅନୁମୋଦନ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଶ୍ରୀଜଗନ୍ନାଥ ବିମାନ ବନ୍ଦର ନାମରେ ନାମିତ ଏହି ମହତ୍ୱାକାଂକ୍ଷୀ ଭିତ୍ତିଭୂମି ପ୍ରକଳ୍ପଟି ୫,୬୩୧ କୋଟି ଟଙ୍କା ମୂଲ୍ୟରେ ୧,୧୬୪ ଏକର ଜମିରେ ବିକଶିତ ହେବ। ଏହି ନିର୍ମାଣ କାର୍ଯ୍ୟ ୩ଟି ପର୍ଯ୍ୟାୟରେ ହେବାକୁ ଯାଉଥିବା ବେଳେ ଏହା ସମ୍ପୂର୍ଣ୍ଣ ହେବା ପରେ ବାର୍ଷିକ ୪୬ ଲକ୍ଷ ଯାତ୍ରୀଙ୍କ ବିମାନ ଯାତାୟତ ପାଇଁ ସୁବିଧା ପ୍ରଦାନ କରିବ। ଏହି ବିମାନ ବନ୍ଦର ଦ୍ୱାରା ରାଜ୍ୟରେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧିହେବା ସହିତ ରାଜ୍ୟରେ ଆର୍ଥିକ ଅଭିବୃଦ୍ଧିକୁ ଏକ ନୂତନ ଗତି ମିଳିବ ଏବଂ ପବିତ୍ର ପୁରୀ ସହର ତୀର୍ଥ ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ସୁଗମ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶା ପ୍ରକାଶ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମ ମୋହନ ନାଇଡୁଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଦୃଢ଼ୀଭୂତ କରିବାକୁ ଗୁରୁତ୍ୱ



**ଭୁବନେଶ୍ୱର :** ସରକାରୀ ହସ୍ପିଟାଲମାନଙ୍କରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଦୃଢ଼ୀଭୂତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍. ଲୋକସଭା ଭବନ ସଭାଗୃହ ଠାରେ ସ୍ଥିତିର ସମୀକ୍ଷା କରି ସମୟାନୁବନ୍ଧିତ ଭାବେ ସରକାରୀ ହସ୍ପିଟାଲମାନଙ୍କରେ ଅଗ୍ନି-ନିରାପତ୍ତା ନିଶ୍ଚିତ କରାଇବା ପାଇଁ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ମେଡିକାଲ କଲେଜ ଅଧିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷତଃ ହସ୍ପିଟାଲମାନଙ୍କରେ ଥିବା ଅସ୍ତ୍ରୋପଚାର କକ୍ଷ, ଆଇ.ସି.ୟୁ, ନବଜାତମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ୟୁନିଟ, ସିଟିସ୍କାନ ଓ ଏମ୍.ଆର.ଆଇ ଯନ୍ତ୍ର ଭଳି ଉଚ୍ଚ ବିଦ୍ୟୁତ୍ ଶକ୍ତି ସମ୍ପନ୍ନ ଉପକରଣ ଲାଗିଥିବା ସ୍ଥାନମାନଙ୍କରେ ଅଗ୍ରାଧିକାର ଭିତ୍ତିରେ ଅଗ୍ନି ନିରାପତ୍ତା ଦୃଢ଼ୀଭୂତ କରିବା ନିମନ୍ତେ ଶ୍ରୀମୟୀ ଅଶ୍ୱତୀ ନିର୍ଦ୍ଦେଶ ଦେଇଛନ୍ତି। ହସ୍ପିଟାଲର ବିଦ୍ୟୁତ ଓ୍ୱାରିଂ ସହ ଜେନେରେଟର ସଂଯୋଗୀକରଣ ସ୍ଥାନରେ ବୈଦ୍ୟୁତିକ ଓ ଅଗ୍ନି-ନିରାପତ୍ତାକୁ ସଠିକ୍ ଯାଞ୍ଚ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ମେଡିକାଲ କଲେଜ ହସ୍ପିଟାଲ ପର୍ଯ୍ୟନ୍ତ ଡାକ୍ତରଖାନାମାନଙ୍କ ଅଗ୍ନି-ନିରାପତ୍ତା କ୍ଷେତ୍ରରେ ଥିବା ଶୂନ୍ୟସ୍ଥାନର ସଠିକ୍ ଚିହ୍ନଟ ଓ ସେଗୁଡ଼ିକର ସଂଶୋଧନ ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟ-ଯୋଜନା ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ସ୍ତରରେ ମିଳିତ କମିଟି ମାନ ଗଠନ କରାଯାଇଛି। ପ୍ରତି ଜିଲ୍ଲାରେ ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ବିଦ୍ୟୁତ୍ ନିରୀକ୍ଷକ, ରାସ୍ତା ଓ କୋଠାବାଡ଼ି ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନେଇ ମିଳିତ କମିଟି ଗଠନ କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ କ୍ଷେତ୍ର ସ୍ତରୀୟ ଯାଞ୍ଚ ସାରି ଆବଶ୍ୟକୀୟ କାର୍ଯ୍ୟ-ଯୋଜନା ସହ ଖର୍ଚ୍ଚ ଆକଳନ ପଠେଇବା ପାଇଁ ସ୍ୱାସ୍ଥ୍ୟ ସଚିବ ମିଳିତ କମିଟିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଦ୍ୟୁତିକ ନିରାପତ୍ତା ଏବଂ ଅଗ୍ନି ନିରାପତ୍ତା ପ୍ରମାଣପତ୍ରର ମାନକ ଅନୁସାରେ ସମସ୍ତ ନିରାପତ୍ତା ବ୍ୟବସ୍ଥା ଦୃଢ଼ୀଭୂତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏବେଠାରୁ ହସ୍ପିଟାଲ ବିଲ୍ଡିଂ-ପ୍ଲାନ୍‌ଗୁଡିକ ପ୍ରଥମରୁ ଅଗ୍ନି ନିରାପତ୍ତା ଅନୁକୂଳ କରିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ବୈଠକରେ ଆଲୋଚନାରୁ ଜଣାପଡିଥିଲା ଯେ ସରକାରୀ ଡାକ୍ତରଖାନାମାନଙ୍କରେ ଅଗ୍ନି-ନିରାପତ୍ତା ବ୍ୟବସ୍ଥା ଦୃଢ଼ୀଭୂତ କରିବା ନିମନ୍ତେ ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ କୋଟି ଟଙ୍କାର ପ୍ରାବଧାନ କରିଛନ୍ତି। ସବୁ ଜିଲ୍ଲାମାନଙ୍କୁ ସେମାନଙ୍କର କାର୍ଯ୍ୟ- ଯୋଜନା ଆକଳନ ଅନୁସାରେ ପାଣ୍ଠି ଯୋଗାଇ ଦିଆଯିବ। ଅଗ୍ନି-ନିରାପତ୍ତା ପାଇଁ ସଂଶୋଧନାତ୍ମକ ବ୍ୟବସ୍ଥାପନ କାର୍ଯ୍ୟ ସମୟାନୁବନ୍ଧିତ ଭାବେ ପୂର୍ଣ୍ଣାଙ୍ଗ କରିବାକୁ ଶାସନ ସଚିବ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ମକ-ଡ୍ରିଲ ଚାଲୁ ରଖିବା, ଅଗ୍ନି ନିରାପତ୍ତା ସହ ସମ୍ପର୍କିତ ସମସ୍ତ ଅଂଶୀଦାରମାନଙ୍କ ସହ ନିୟମିତ ସମୀକ୍ଷା ବୈଠକ, ବୈଦ୍ୟୁତିକ ଯନ୍ତ୍ରପାତି ଓ ଅଗ୍ନି-ନିର୍ବାପକ ଉପକରଣ ଗୁଡିକର ଉପଯୁକ୍ତ ରକ୍ଷଣା-ବେକ୍ଷଣ ଆଦି କାର୍ଯ୍ୟ ନିୟମିତ ଭାବେ ଚାଲୁ ରଖିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ସବୁ କାର୍ଯ୍ୟକୁ ତଦାରଖ ଓ ପରିଚାଳନା କରିବା ପାଇଁ ରାଜ୍ୟ ସ୍ତରୀୟ ମିଳିତ କମିଟିଙ୍କୁ କୁହାଯାଇଥିଲା। ଜାତୀୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା. ଡି, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପୋମା ଟୁଡୁ, ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ମିଶ୍ରଙ୍କ ସମେତ ଅଗ୍ନିଶମ ବିଭାଗ, ରାସ୍ତା ଓ କୋଠାବାଡ଼ି ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ ଏବଂ ଜଳ ନିଗମର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ତଥା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ମହାପାତ୍ର ଆଲୋଚନା ନିମନ୍ତେ ବିଷୟବସ୍ତୁ ସହ ସଦ୍ୟତମ ତଥ୍ୟ ଉପସ୍ଥାପନ କରିଥିଲେ।

କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୨ - ୧୮ ମଇ, ୨୦୨୫

# ମିଥ୍ୟାବାଦୀ ଓ ବିଶ୍ୱାସଘାତକ

ଦେଶରେ ଏବେ ଯୁଦ୍ଧ ପରିସ୍ଥିତି। ସରକାର ଦେଶବାସୀଙ୍କୁ ସାବଧାନ ରହିବାକୁ ମକଡ୍ରିଲ କରିଛନ୍ତି। ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକୁ ଭାରତ ସର୍ବଦା ବିରୋଧ କରିଆସୁଥିଲା ବେଳେ ବିଶ୍ୱ ସମୁଦାୟ ଏହାକୁ ହୃଦୟଙ୍ଗମ କରିପାରୁନଥିଲେ। ହେଲେ ନରେନ୍ଦ୍ର ମୋଦିଙ୍କ ପ୍ରଧାନମନ୍ତ୍ରୀ ସମୟରେ ପାକିସ୍ତାନ ବିରୋଧରେ ବା ଆତଙ୍କବାଦ ବିରୋଧରେ ଯେଉଁଭଳି କାର୍ଯ୍ୟ ଆରମ୍ଭ ହୋଇଛି ତାହା ପୂର୍ବରୁ ଦେଖାଯାଇନଥିଲା। ଅଶାନ୍ତ କାଶ୍ମୀରରେ ଶାନ୍ତି ପ୍ରତିଷ୍ଠା ପରେ ଏଥିରେ ବାଧା ଉପୁଜାଉଥିବା ପାକିସ୍ତାନ ଅସହ୍ୟ ହୋଇପଡିଛି। ଯେଉଁଥିପାଇଁ ବାରମ୍ବାର ଆତଙ୍କବାଦୀ ମାନଙ୍କୁ ପ୍ରଶିକ୍ଷଣ ଦେଇ ଭାରତ ବିରୋଧୀ କାର୍ଯ୍ୟକ୍ରମ ଚଳାଇଛି। ପାକିସ୍ତାନରେ ନିର୍ବାଚିତ ସରକାର ଥିବା ସତ୍ତ୍ୱେ ସେଠାରେ ସର୍ବଦା ସେନା ଶାସନର ଗୁରୁତ୍ୱ ରହିଛି। ଯେଉଁଥିପାଇଁ ସେନା ଓ ଆତଙ୍କବାଦୀଙ୍କ ମିଳିତ ଯୋଜନା ଦ୍ୱାରା ବିଶ୍ୱରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବର୍ତ୍ତମାନ ଅପରେସନ ସିନ୍ଦୁର ପରିପ୍ରେକ୍ଷିରେ ଯୁଦ୍ଧର ପରିଭାଷା ବଦଳି ସାରିଛି। ପାକିସ୍ତାନ ନିଜ ଭୁଲ ପାଇଁ ଏବେ କ୍ଷତି ସହିବାକୁ ବାଧ୍ୟ ଅଟେ। କାରଣ ଭଲ ପଡୋଶୀର ହାତ ଛାଡ଼ି ଯେତେବେଳେ ଦୁଷ୍ଟ ବୁଦ୍ଧିରେ ଜଣେ ବାଟ ଚାଲେ ତାର ବିନାଶ ଥୟ। ଯାହା ଆଜି ପାକିସ୍ତାନରେ ଦେଖିବାକୁ ମିଳିଛି। ପହେଲଗାମ ଘଟଣାରେ ଯେଭଳି ନିରୀହ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ଆତଙ୍କବାଦୀ ମାନେ ଗୁଳି ଚଳାଇଲେ ଏହା ମାନବିକତା ପ୍ରତି ବଡ଼ ବିଶ୍ୱାସଘାତକତା। ତେଣୁ ଭାରତ ଯେତେ ବିଶ୍ୱାସ କଲେ ବି ଦୀର୍ଘ ୭୫ ବର୍ଷ ହେଲା ପାକିସ୍ତାନ କେବଳ ବିଶ୍ୱାସଘାତ କରିଛି। ଆତଙ୍କବାଦ କାରଖାନା ଚଳାଇ ଯେଉଁ ଉତ୍ପାଦନ କରୁଛି ପାକିସ୍ତାନ ସେଥିରେ ନିଜ ଦେଶ ଚାଲୁଚି ବୋଲି ଭାବିନେଇଛି ପାକ ସେନା। ସେନା ପ୍ରାୟୋଜିତ ପାକ ଆତଙ୍କବାଦୀ ବିଶ୍ୱର ଅନେକ ରାଷ୍ଟ୍ରରେ ଆତଙ୍କବାଦ ଚଳାଇଛନ୍ତି। ଯାହାର ଫଳ ଭୋଗିବ ପାକିସ୍ତାନ।



ସମ୍ପାଦକୀୟ
ତାରକ ମହାନ୍ତି

ଭାରତ ପାକ ବିରୋଧରେ ଯେତିକି ସଂଯମୀ ହେବା କଥା ତାହା ସୀମା ପାର ହୋଇସାରିଲାଣି। ଆମେରିକା, ଋଷ ଏବଂ ଇଜ୍ରାଏଲ ଭଳି ଦେଶମାନେ ଏବେ ଆତଙ୍କବାଦ ବିରୋଧୀ ଲଢେଇରେ ଭାରତ ସହ ସାମିଲ ହୋଇସାରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱକୁ ବିଶ୍ୱର ବହୁ ରାଷ୍ଟ୍ର ସମର୍ଥନ ଜଣାଉଛନ୍ତି। ଫଳସ୍ୱରୂପ ଅପରେସନ ସିନ୍ଦୁର ନିଜର ପରାକ୍ରମ ଦେଖାଇବା ଆରମ୍ଭ କରିଛି। ତଥାପି ପାକିସ୍ତାନ ନିଜର ଅସଲ ଭୁଲ ବୁଝିବା ପାଇଁ ଏଯାଏ ସମର୍ଥ ହୋଇନାହିଁ। ପାକିସ୍ତାନ ଛାତି ଉପରେ ଭାରତ ଭୀଷଣ ଆକ୍ରମଣ କରି ନିଜର ଉଗ୍ରରୂପ ଦେଖାଉଛି। ଭୋକରେ ବିକଳ ପାକିସ୍ତାନ ଏହା ବୁଝିପାରି ଆତଙ୍କିତ ଅବସ୍ଥାରେ ରହି ବିଭିନ୍ନ ମୁସଲିମ ଦେଶ ତଥା ଘନିଷ୍ଠ ବନ୍ଧୁ ଚୀନ ଠାରୁ ସହାୟତା ମାଗୁଛି। ହେଲେ ସବୁଠାରେ ପାକିସ୍ତାନକୁ ନିରାଶ ହେବାକୁ ପଡୁଛି। ନିଜର ଘୃଣ୍ୟ କାର୍ଯ୍ୟ ପାଇଁ ପାକିସ୍ତାନ ଏବେ ସବୁଠାରେ ନିନ୍ଦାର ପାତ୍ର। ତଥାପି ନିଜ ତ୍ରୁଟି ସୁଧାରିନେବା ଉଚିତ ମଣୁନାହିଁ ପାକ। ସୀମାରେ ବେଆଇନ ଭାରତୀୟ ଜନବସତି ଉପରେ ଆକ୍ରମଣ କରୁଛି। ପାକ ସେନାକୁ ଉଚିତ ଜବାବ ଦେଉଛନ୍ତି ଭାରତୀୟ ସେନା। ପାକିସ୍ତାନରେ ଏବେ ଗୃହଯୁଦ୍ଧ ପରିସ୍ଥିତି। ଭାରତ ଚାରି ଆଡୁ ଘେରିଥିଲା ବେଳେ ଗୋଟେ ପଟେ ଆଫଗାନିସ୍ତାନର ଏକ ସଂଗଠନ ପାକିସ୍ତାନ ଉପରେ ଆକ୍ରମଣ କରୁଛି। ଅନ୍ୟପଟେ ବାଲୁଚ ଲିବରେସନ ଆର୍ମି ପାକ ସେନା ପାଇଁ ଘାତକ ସାଜଛି। ଏବେ କଣ କରିବ ପାକିସ୍ତାନ! ଭାରତ ନିକଟରେ ଆତ୍ମସମର୍ପଣ ବ୍ୟତୀତ କୌଣସି ରାସ୍ତା ନାହିଁ ପାକିସ୍ତାନ ପାଖରେ। ଭାରତର ପ୍ରତିରକ୍ଷା କ୍ଷମତା ଆଗରେ ପାକିସ୍ତାନ କିଛି ନୁହେଁ। ଭାରତ ବର୍ତ୍ତମାନ ପାକିସ୍ତାନରେ ଥିବା ଆତଙ୍କୀ ଶିବିର ଉପରେ ଆକ୍ରମଣ କରି ଧ୍ୱସ୍ତ କରୁଛି ତାହାର ଜବାବ ଦେବା ପାକିସ୍ତାନ ପାଇଁ ଆଦୌ ସମ୍ଭବ ହୋଇପାରୁନି। ପାକିସ୍ତାନରେ ଶହ ଶହ ଆତଙ୍କବାଦୀଙ୍କ ଶବ ଉପରେ ଅନ୍ୟାୟର ପ୍ରତିଶୋଧ ଲେଖା ଚାଲିଛି। ହେଲେ ମିଛ ଉପରେ ପର୍ଯ୍ୟବେଷିତ ପାକିସ୍ତାନ ବିଶ୍ୱ ସମୁଦାୟ ଆଗରେ ମିଛ ଗୁହାରି କରି ତାଙ୍କ ଦେଶରେ ଆତଙ୍କବାଦୀ ନାହାନ୍ତି ବୋଲି କହୁଛି। ନିୟନ୍ତ୍ରଣ ରେଖା ନିକଟରେ ବିଦେଶୀ ପତ୍ରକାରଙ୍କୁ ଡାକି ନିଜ ଅସହାୟତା ପ୍ରକାଶ କରୁଛି। ହେଲେ ସୁଧୁରିପାରୁନି ପାକିସ୍ତାନ। ପୂର୍ବପରି ବିଶ୍ୱାସଘାତ କରିଚାଲିଛି।

# ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା

## ଅକ୍ଷୟ କୁମାର ରାଉତ

ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି। ସେ ବନ୍ୟା କି ମରୁଡ଼ି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉତ୍ଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଁଚାଇବାର କାର୍ଯ୍ୟ ସାମ୍ବାଦିକମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି। ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡ଼ିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶୀ।

ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ। ଏହି ଶବ୍ଦର ଅକ୍ଷରଗୁଡ଼ିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡେ। 'ଘ' ଅକ୍ଷରଟି ଘକ୍ଟକ୍ସକ୍ଷ ବା ଉତ୍ତର ଦିଗ, 'ର' ଅକ୍ଷରଟି ଋବକ୍ସକ୍ଷ ବା ପୂର୍ବ ଦିଗର ପ୍ରତୀକ, 'ଡ' ବର୍ଣ୍ଣଟି ପଶ୍ଚିମ ଦିଗ ବା ଡରକ୍ସକ୍ଷ ବୁଝାପଡେ। ସେହିପରି ଦକ୍ଷିଣ ଦିଗ ସ୍ଥାନରେ ଝ ବା ଝକ୍ଟଙ୍କକ୍ଷ କୁ ବୁଝାଯାଏ। ଏଥିରୁ ସ୍ପଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧ୍ୟମରେ 'ଖବର' ରୂପେ ପ୍ରକାଶ ପାଏ।

ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି। ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି। ନିଶା ଦ୍ରବ୍ୟ ସେବନ କ୍ଷତିକାରକ କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ। କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି। ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି। ପାଠକ ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି। ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ। ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି। ଶାସନ କର୍ତ୍ତୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝି ପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି। (କ୍ରମଶଃ)

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସମସ୍ତ ଯୁଦ୍ଧ ମାନବତା ବିରୋଧୀ ଅପରାଧ !



ଅସିତ ମହାନ୍ତି

"ଲିଓ ଟଲଷ୍ଟୟ କହିଥିଲେ, ସମସ୍ତ ଯୁଦ୍ଧ ମାନବତା ବିରୋଧୀ ଅପରାଧ। ବିଶ୍ୱ ଜାଣିଛି ଯେ ଯୁଦ୍ଧର ସମସ୍ତ ଭୟଙ୍କରତା ସମାଧି ବ୍ୟତୀତ ଆଉ କିଛି ସୃଷ୍ଟି କରିନାହିଁ।" ଯେତେବେଳେ ଅନ୍ୟ କୌଣସି ବିକଳ୍ପ ନଥାଏ, ସେତେବେଳେ ହିଁ ଯୁଦ୍ଧ ସମାଧାନ ହେବା ଉଚିତ। ଯୁଦ୍ଧ କେତେ ନୈତିକ, କେତେ ଅନୈତିକ ? ଏହାର ଉତ୍ତର ହେଉଛି ଯେତେଦିନ ପର୍ଯ୍ୟନ୍ତ ଯୁଦ୍ଧକୁ ଏଡ଼ାଯାଇପାରିବ, ସେତେଦିନ ପର୍ଯ୍ୟନ୍ତ ଯୁଦ୍ଧକୁ ରୋକିବାକୁ ପଡ଼ିବ। ଯେତେବେଳେ ଏହା ସମ୍ଭବ ନୁହେଁ, ଏହା କରାଯିବା ଉଚିତ। ସାହିର ସାହେବ (ପ୍ରସିଦ୍ଧ ଭାରତୀୟ କବି ଏବଂ ଲେଖକ) ଯୁଦ୍ଧ ଉପରେ ଏକ ଭଲ ନିବନ୍ଧ ଲେଖିଥିଲେ, ଯେଉଁଥିରେ ସେ କହୁଛନ୍ତି- 'ଯୁଦ୍ଧ ହିଁ ନିଜେ ଗୋଟିଏ ସମାସ୍ୟା। ଯୁଦ୍ଧ ଦ୍ୱାରା ସମାସ୍ୟା ର ସମାଧାନ ହେବ କି ? ସେଠାରେ ରକ୍ତ ଏବଂ ଶରୀର ରହିବ।ଆସନ୍ତାକାଲି ଭୋକ ଏବଂ ତୃଷ୍ଣା ରହିବ। ତେବେ ହେ ଭଲ ଲୋକମାନେ, ଯଦି ଯୁଦ୍ଧର ପରିବେଶକୁ ସ୍ଥଗିତ କରିଦିଆଯାଏ ତେବେ ଅତି ଉତ୍ତମ ହେବ। ଏହା ଅତ୍ୟନ୍ତ ଉତ୍ତମ ହେବ, ଯଦି ସମସ୍ତଙ୍କ ଘରେ ଦୀପ ଜଳେ।' ଯୁଦ୍ଧ ପ୍ରତି ଆମର ଦୃଷ୍ଟିକୋଣ ଠିକ ଏଭଳି ହେବା ଉଚିତ।

ଇତି ମଧ୍ୟରେ ପାକିସ୍ତାନ ଅକ୍ରୁପାଇଡ଼ କାଶ୍ମୀର ଅଞ୍ଚଳର ୯ଟି ଆତଙ୍କବାଦୀ ଆଡ଼ଡାରେ ଭାରତ କ୍ଷେପଣାସ୍ତ୍ର ମାଡ କରିଛି। ଏହି ଘଟଣା ସେତେବେଳେ ହୋଇଛି, ଯେତେବେଳେ ଭାରତ ସରକାର ୭ ତାରିଖରେ ପୁରା ଦେଶରେ ମକ ଡ୍ରିଲ ଘୋଷଣା କରିଛନ୍ତି ଏବଂ ଏହାର ଗୋଟିଏ ଦିନ ପୂର୍ବରୁ, ଅର୍ଥାତ ୬ ତାରିଖ ରାତିରେ କ୍ଷେପଣାସ୍ତ୍ର ଆକ୍ରମଣ ହୋଇଛି। ସରକାରଙ୍କ ରିପୋର୍ଟ ଅନୁସାରେ ସେମାନେ ସମସ୍ତ ୯ଟି ଆତଙ୍କବାଦୀ ଆଡ଼ଡାକୁ ଧୂଳିସାତ କରିଛନ୍ତି। ପାକିସ୍ତାନ ପକ୍ଷରୁ ପ୍ରତିଶୋଧମୂଳକ ପଦକ୍ଷେପ ଏପର୍ଯ୍ୟନ୍ତ କିଛି ହୋଇନାହିଁ। ସେ ଯାହା ହେଉ ପ୍ରକୃତ କଥା ହେଉଛି, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧର କଥା କହିଲେ, ପ୍ରଥମ କଥା ହେଉଛି, ପାକିସ୍ତାନ ଭାରତ ସହିତ ଯୁଦ୍ଧ କରିବାକୁ ଚାହୁଁନାହିଁ। କାରଣ ଏହା ନିୟମିତ ଯୁଦ୍ଧରେ ଭାରତ ସହିତ ମୁକାବିଲା କରିବାର ସ୍ଥିତିରେ ନାହିଁ। ଠିକ୍ ଏହିପରି ଭାବେ ଭାରତ ଚୀନ୍ ସହିତ ନିୟମିତ ଯୁଦ୍ଧ କରିବାକୁ ଚାହୁଁନାହିଁ। ମେଜର ଜେନେରାଲ ଦିଲୱାର ସିଂ (ଯିଏ ୧୯୯୯ ରୁ ୨୦୦୪ ପର୍ଯ୍ୟନ୍ତ କାଶ୍ମୀରରେ ଅବସ୍ଥାପିତ ହୋଇଥିଲେ ଏବଂ ଆତଙ୍କବାଦ ବିରୋଧୀ ଅପରେସନରେ ଜଣେ ବିଶେଷଜ୍ଞ ଭାବରେ ବିବେଚିତ ହୋଇଥିଲେ) ଏକ ବାର୍ତ୍ତାଳାପ ସମୟରେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ପ୍ରତିରକ୍ଷା ପ୍ରସ୍ତୁତିରେ ଭାରତ ପାକିସ୍ତାନଠାରୁ ଆଗରେ ଏବଂ ଚୀନ୍ ଠାରୁ ପଛରେ ଅଛି, ଏବଂ ପାକିସ୍ତାନ ଉପରେ ଭାରତର ଶ୍ରେଷ୍ଠତା ଦୀର୍ଘ ସମୟ ଧରି ଚାଲିବାକୁ ଯାଉଛି ଏବଂ ଚୀନ୍ ବିରୁଦ୍ଧରେ ଭାରତର ଦୁର୍ବଳତା ମଧ୍ୟ ଦୀର୍ଘ ସମୟ ଧରି ଚାଲିବାକୁ ଯାଉଛି।

ଭାରତର ସାଧାରଣ ଲୋକ ଜାଣନ୍ତି ପାକିସ୍ତାନ ଯେତେ ଛାତି ପିଟୁ ନା କାହିଁକି, ପାକିସ୍ତାନ ପୂର୍ବରୁ ହିଁ ନର୍ଭସ ଏବଂ ଦୁର୍ବଳ ପ୍ରତିଦ୍ୱନ୍ଦ୍ୱୀ। ସେଥିପାଇଁ ପାକିସ୍ତାନ ଏଠାକୁ ଆତଙ୍କବାଦୀ ପଠାଉଛି। ଏକ ପ୍ରକାରରେ, ଏହା ଭାରତ ବିରୁଦ୍ଧରେ ଏକ ଗୁଇନ୍ଦା ଏବଂ ଗରିଲା ଯୁଦ୍ଧ ଚଳାଇଥାଏ।ଚୀନ ଭାରତକୁ କୌଣସି ଆତଙ୍କବାଦୀ ପଠାଇନଥାଏ। କାରଣ ଚୀନ୍ ଜାଣିଛି ଯେ ଭାରତ ଆମର କିଛି କରିପାରିବ ନାହିଁ। ଆମେ ଭାରତର ଜମିକୁ କବ୍ଜା କରିପାରିବୁ, ଯାହା ଚୀନ ଲଦାଖ ଅଞ୍ଚଳରେ କରିଛି। ଭାରତ ଆମ ଜମି ନେଇପାରିବ ନାହିଁ। ସେ ଲଦାଖରେ ଭୂମି ଉପରେ ଚାପ ପକାଇଛନ୍ତି। ଆମେ ତାଙ୍କ ସହିତ ଆର୍ଥିକ ସମ୍ପର୍କକୁ ଠିକ୍ କରିବାରେ ନିୟୋଜିତ ଅଛୁ।

ପାକିସ୍ତାନର ଲୋକମାନେ ହିଁ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ପାକିସ୍ତାନ ଦୁଇ ଭାଗରେ ବିଭକ୍ତ ହୋଇଥିଲା। ପୂର୍ବ ଓ ପଶ୍ଚିମ ପାକିସ୍ତାନ। ସେତେବେଳେ ପାକିସ୍ତାନକୁ ଏକୁଟିଆ ଛାଡ଼ି ଦିଆଯାଇଥିଲା।ପୂର୍ବ ପାକିସ୍ତାନ ବାଂଲାଦେଶ ହୋଇଗଲା। ସେହି ଦିନଠାରୁ ପାକିସ୍ତାନ ନିଷ୍ପତ୍ତି ନେଇଥିଲା ଯେ ଆମେ ଭାରତଠାରୁ ପ୍ରତିଶୋଧ ନେବୁ। ସେ କହିଲେ, 'କାଶ୍ମୀରରେ ଆମେ ଧୀରେ ଧୀରେ ରକ୍ତ ସଂଗ୍ରହ କରିବୁ ଏବଂ ରକ୍ତପାତର କାରଣ ହେବୁ।' ଅର୍ଥାତ୍ ଭାରତର ରକ୍ତ କାଶ୍ମୀର ମଧ୍ୟ ଦେଇ ପ୍ରବାହିତ ହେବ। ଏହା ହିଁ ପାକିସ୍ତାନ ପ୍ରତିଶ୍ରୁତି ଦେଇଥିଲା। ସେଥିପାଇଁ ଆତଙ୍କବାଦ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ପ୍ରଶ୍ନ ଉଠୁଛି, ଭାରତ ପାକିସ୍ତାନ ଉପରେ ଆକ୍ରମଣ କରିବ କି ନାହିଁ, ତାହା ଭାରତ ନିଷ୍ପତ୍ତି ନେବ। ଯେଉଁଦିନ ଭାରତ ପାକିସ୍ତାନ ଉପରେ ଆକ୍ରମଣ କରିବାକୁ ଚାହୁଁଛି, ସେହିଦିନ ଆମେ ପାକିସ୍ତାନ ଅଧିକୃତ କାଶ୍ମୀରର ଅଧାରୁ ଅଧିକ ଭାଗକୁ ନିଜ କବ୍ଜାକୁ ନେଇନବୁ। ଭାରତ ଏସବୁ କରିପାରିବ ଏବଂ ଭାରତ ପାଖରେ ମଧ୍ୟ ଶକ୍ତି ଅଛି। ଦ୍ୱିତୀୟତଃ, ଗଣମାଧ୍ୟମରେ ପ୍ରଚାରିତ ହେଉଥିବା ସିନ୍ଧୁ ଜଳ ଚୁକ୍ତି ବିଷୟରେ କହିବାକୁ ଗଲେ, ପାକିସ୍ତାନକୁ ସିନ୍ଧୁ ଜଳର ପ୍ରବାହକୁ ରୋକିବା ପାଇଁ ଭାରତର ବୈଷୟିକ ଏବଂ ବ୍ୟବହାରିକ କ୍ଷମତା ନାହିଁ। ଏହା ହିଁ ସବୁ ବିଶେଷଜ୍ଞଙ୍କ ମତ। ବାସ୍ତବରେ, ଏହା ଏକ ବୈଷୟିକ ବିଷୟ। ସିନ୍ଧୁ ଜଳକୁ ଅଟକାଇବା ପାଇଁ ଯେଉଁ ବିଶାଳ ଡ୍ୟାମ୍ ଏବଂ ଜଳଭଣ୍ଡାରର ଆବଶ୍ୟକତା ପଡ଼ିବ, ସେଗୁଡ଼ିକର ନିର୍ମାଣ ପାଇଁ ୧୦ ରୁ ୨୦ ବର୍ଷ ଲାଗିବ ଏବଂ ଏଥିପାଇଁ କୋଟି କୋଟି ଡଲାର ଖର୍ଚ୍ଚ ହେବ। ତେଣୁ ଭାରତ ଯେଉଁ ପଦକ୍ଷେପ ନେଇଛି, ଆମେ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଛୁ, ତାହା ବାସ୍ତବରେ ଏକ ପ୍ରତୀକାତ୍ମକ ପଦକ୍ଷେପ, ଏବଂ ଏହା ହିଁ ପାକିସ୍ତାନର ଲୋକମାନେ କହୁଛନ୍ତି। ସେଥିପାଇଁ ପାକିସ୍ତାନ ଚିନ୍ତା କରୁନାହିଁ। ଦ୍ୱିତୀୟତଃ, ଏହା ଉପରେ ଏତେ ସାମଗ୍ରୀ ପ୍ରକାଶିତ ହେଉଛି ଯେ ଅତି କମ୍‌ରେ ଶିକ୍ଷିତ ଏବଂ ବୁଦ୍ଧିମାନ ଲୋକମାନେ ଏହା ବିଷୟରେ ଜାଣିବାକୁ ପାଇଛନ୍ତି। ଗଣମାଧ୍ୟମ ଏ ବିଷୟରେ କ'ଣ କହୁଛି, ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ ଗଣମାଧ୍ୟମ ଲୋକଙ୍କୁ ବିଭ୍ରାନ୍ତ କରୁଛି। ବର୍ତ୍ତମାନ ଏହି ପ୍ରଶ୍ନ ଉପରେ ଗଣମାଧ୍ୟମ ଯାହା କହୁଛି ତାହା ସମ୍ପୂର୍ଣ୍ଣ ମୂର୍ଖତାପୂର୍ଣ୍ଣ। କେହି ଉତ୍ତେଜିତ ହେଉନାହାନ୍ତି, କେହି କ୍ରୋଧିତ ହେଉନାହାନ୍ତି, କିନ୍ତୁ ନିଶ୍ଚିତ ଭାବରେ ଚିନ୍ତିତ। ଲୋକମାନେ ଏହି କଥା ପ୍ରତିଫଳିତ କରୁଛନ୍ତି ଯେ ପୂର୍ବରୁ ଆତଙ୍କବାଦୀମାନେ ଆପଣ ହିନ୍ଦୁ ନା ମୁସଲମାନ ବୋଲି ପଚାରି ନଥିଲେ। କିନ୍ତୁ ଏଥର କାହିଁକି ? ଅର୍ଥାତ୍ ଭାରତରେ ହିନ୍ଦୁ-ମୁସଲମାନଙ୍କ ବାତାବରଣକୁ ଜୀବନ୍ତ ରଖାଯାଇଛି। ଏପରିକି ଭାରତରେ, ଧାର୍ମିକ ଧର୍ମାନ୍ଧମାନେ ହତ୍ୟା କରିବା ପୂର୍ବରୁ ପଚାରନ୍ତି, ଆପଣ ଜଣେ ହିନ୍ଦୁ ନା ମୁସଲମାନ ? ଅର୍ଥାତ୍, ଭାରତର ଲୋକମାନେ ବୁଝିଛନ୍ତି ଯେ ପ୍ରସଙ୍ଗଟି କ'ଣ। ଏହି କାରଣରୁ ଏଥର ହିନ୍ଦୁ-ମୁସଲମାନ ଏକତା ପ୍ରତିଷ୍ଠା ହୋଇଛି। ମୁସଲମାନମାନେ କାଶ୍ମୀରରେ ଜୀବନ ବଞ୍ଚାଇଛନ୍ତି। ଦେଶରେ ଅଶାନ୍ତିର କୌଣସି ବାତାବରଣ ନାହିଁ। କିନ୍ତୁ ଦୁଃଖର ବିଷୟ ହେଉଛି ଯେ ଏଥର ଇଲେକ୍ଟ୍ରୋନିକ୍ ମିଡିଆ ଲୁଚାଇ ରଖିଛି। ଯଦି ସାମାଜିକ ଗଣମାଧ୍ୟମ ନଥାନ୍ତା ତେବେ ଏବିଷୟରେ ତଥ୍ୟ ସାମ୍ନାକୁ ଆସିପାରିନଥାନ୍ତା। ଭାରତର ଲୋକମାନେ ପାକିସ୍ତାନ ସହିତ ଯୁଦ୍ଧ ଚାହାନ୍ତି ନାହିଁ।କୁହାଯାଉଛି ଯେ ପାକିସ୍ତାନର ଅର୍ଥନୀତି ଧ୍ୱଂସ ହୋଇଯିବ, କିନ୍ତୁ ଏହା ନଷ୍ଟ ହୋଇସାରିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ ଯଦି ଭାରତ ଯୁଦ୍ଧକ୍ଷେତ୍ରରେ ପ୍ରବେଶ କରେ ତେବେ କେତେ କ୍ଷତି ହେବ ? ସରକାର ଜାଣିଛନ୍ତି ଯେ ଭାରତ ଏବେ ଟ୍ରମ୍ପ ସରକାରଙ୍କ ଶୁଳ୍କ ନୀତିର ସମ୍ମୁଖୀନ ହେଉଛି। ଯଦି ଯୁଦ୍ଧ ଆରମ୍ଭ ହୁଏ, ତେବେ ଭାରତର ଅର୍ଥନୀତି ମଧ୍ୟ ଧ୍ୱଂସ ହୋଇଯିବ। ଏଠାରେ ଜି. ଡି. ବକ୍ସି (ଭାରତୀୟ ସେନାର ପୂର୍ବ ଅଧିକାରୀ)କହୁଛନ୍ତି ଯେ କୋଭିଡ ସମୟରୁ ଏପର୍ଯ୍ୟନ୍ତ ସେନାରେ ୧୮୦,୦୦୦ କମ୍ ସୈନିକଙ୍କୁ ନିଯୁକ୍ତି ଦିଆଯାଇଛି। ଭାରତୀୟ ବାୟୁସେନା (ଆଇଏଏଫ) ପାଖରେ ୧୦୦୦ ଯୁଦ୍ଧ ବିମାନର ଅଭାବ ରହିଛି। ବିମାନଗୁଡ଼ିକ ପୁରୁଣା। ଅର୍ଥାତ୍ ଯେତେବେଳେ ସେନା ଓ ବାୟୁସେନା ପ୍ରସ୍ତୁତ ନୁହନ୍ତି, ସେତେବେଳେ ଏଭଳି ସ୍ଥିତିରେ ଭାରତ ଲଢ଼ିବାର ସାହସ କାହିଁକି କରିବ ?ସରକାର ଚିନ୍ତିତ ଯେ ଗଣମାଧ୍ୟମରେ ଯେଉଁଭଳି ଭାବରେ ଜିନିଷଗୁଡ଼ିକ ପ୍ରଦର୍ଶିତ ହେଉଛି, ଲୋକଙ୍କ ଆଶା ବୃଦ୍ଧି ପାଉଛି ଯାହା ସରକାରଙ୍କ ପାଇଁ ଭଲ ନୁହେଁ। ଯଦି ସରକାର ପୂର୍ବ ଭଳି ସର୍ଜିକାଲ୍ ଷ୍ଟ୍ରାଇକ୍ କରନ୍ତି, ତେବେ ଲୋକମାନେ ଭାବିବେ କ'ଣ ହେଲା-ଏହା ପରିହାସର ବିଷୟ ହେବ। ଯଦି ଆପଣ ଉରି ଏବଂ ବାଲାକୋଟରେ ହୋଇଥିବା ଷ୍ଟ୍ରାଇକ୍ ଉପରେ ଦେଶର ପ୍ରମୁଖ ସୁରକ୍ଷା ପରାମର୍ଶଦାତାଙ୍କ ବିବୃତ୍ତି ଉପରେ ନଜର ପକାନ୍ତି-ସେମାନେ କହୁଛନ୍ତି ଯେ ସର୍ଜିକାଲ୍ ଷ୍ଟ୍ରାଇକ୍ ହୋଇଛି, ତେବେ ସେମାନଙ୍କର ସାମରିକ ଫଳାଫଳ ସନ୍ଦେହଜନକ।

ପାକିସ୍ତାନର ସ୍ଥିତି ସମସ୍ତେ ଜାଣନ୍ତି, ଯେଉଁଠାରେ ଅଟା କିଲୋ ପିଛା ୬୦୦ ଟଙ୍କା। ସେମାନେ ଭିକ୍ଷା ଥାଳ ନେଇ ନେଇ ସାରା ବିଶ୍ୱରେ ସାହାଯ୍ୟ ମାଗନ୍ତି। ପାକିସ୍ତାନରେ ଲୋକଙ୍କ ପାଖରେ ଖାଦ୍ୟ ପାଇଁ ଟଙ୍କା ନାହିଁ। ଯେତେବେଳେ ଖାଦ୍ୟ ପାଇଁ ଅର୍ଥ ନଥାଏ, ସେତେବେଳେ ଗୃହଯୁଦ୍ଧର ସମ୍ଭାବନା ବଢ଼ିଥାଏ। ଯେତେବେଳେ କୌଣସି ଦେଶର ଲୋକମାନେ ଅସୁବିଧାରେ ପଡ଼ନ୍ତି, ଶାସକମାନେ ଲୋକଙ୍କୁ କୌଣସି ବିଷୟରେ ବିଭ୍ରାନ୍ତ କରିବାକୁ ଚେଷ୍ଟା କରନ୍ତି। ଯେତେବେଳେ ବି ଆପଣ ଯୁଦ୍ଧର ପାଣିପାଗ ଦେଖିବେ, ଜାଣି ରଖନ୍ତୁ ଯେ ଦେଶରେ ନିର୍ବାଚନ ହେବାକୁ ଯାଉଛି। ଜଣେ ପ୍ରସିଦ୍ଧ କବି କହିଛନ୍ତି-'ସୀମାରେ ଉତ୍ତେଜନା ଅଛି, ଜାଣନ୍ତୁ ଦେଶରେ ନିର୍ବାଚନ ଅଛି କି ?' କାରଣ ଲୋକମାନେ ଭାବପ୍ରବଣ ହୋଇଯିବେ, ଯାହା ନିର୍ବାଚନରେ ଲାଭଦାୟକ ହେବ।ଏହି ସମୟରେ, ପାକିସ୍ତାନ ସରକାର ଅସୁବିଧାରେ ଅଛନ୍ତି, ଦେଶରେ ନିର୍ବାଚନ ହେଉ କିମ୍ବା ନ ହେଉ, କିନ୍ତୁ ଲୋକଙ୍କ ଧ୍ୟାନ ହଟାଇବା ଆବଶ୍ୟକ। ସେଥିପାଇଁ ସେମାନେ ଆତଙ୍କବାଦର ଆଶ୍ରୟ ନେଇଥିଲେ।ଅନ୍ୟପକ୍ଷରେ ବେଲୁଚିସ୍ତାନର ସମାସ୍ୟା ରହିଛି, ଯାହାକୁ ଦମନ କରିବାକୁ ପଡ଼ିବ। ପାକିସ୍ତାନରେ ଆଉ ଏକ ବଡ଼ ସମାସ୍ୟା ହେଉଛି ଆସିମ୍ ମୁନିର (ସେନା ମୁଖ୍ୟ)। ଇମ୍ରାନ ଖାନଙ୍କ ସମୟରେ ସେ ଆଇ. ଏସ୍.ଆଇ.ର ମୁଖ୍ୟ ଥିଲେ, କିନ୍ତୁ ସେ କିଛି ଭୁଲ କରିଥିଲେ ଯାହା ତାଙ୍କ ପଦଚ୍ୟୁତିର କାରଣ ହୋଇପାରେ। ଇମ୍ରାନ ଖାନଙ୍କ ସରକାର ପତନ ହେବା ମାତ୍ରେ ନୱାଜ ସରିଫଙ୍କ ଭାଇ ଆସିଲେ ଏବଂ ଅବସର ନେବାର ଦୁଇ-ତିନି ଦିନ ପୂର୍ବରୁ ତାଙ୍କୁ ପାକିସ୍ତାନର ସେନାଧ୍ୟକ୍ଷ କରାଯାଇଥିଲା। ସେ ଇମ୍ରାନ ଖାନଙ୍କ ଶତ୍ରୁ ହୋଇଥିବାରୁ ତାଙ୍କୁ ତିଆରି କରାଯାଇଥିଲା। ଭାରତରେ ମଧ୍ୟ ସମାନ ସ୍ଥିତି। ବିହାରରେ ନିର୍ବାଚନ ଅଛି ଏବଂ କିଛି ଦିନ ପରେ ପଶ୍ଚିମବଙ୍ଗରେ ନିର୍ବାଚନ। ଯଦି ଏହା ଭୁଲ୍, ତେବେ ପ୍ରଧାନମନ୍ତ୍ରୀ ସାଉଦି ଆରବରୁ ଫେରିବା ପରେ ସିଧାସଳଖ ଜାମ୍ମୁ କାଶ୍ମୀରରେ ପହଞ୍ଚିବା ଉଚିତ୍ ଥିଲା, କିନ୍ତୁ ସେ ତାହା କରିନଥିଲେ, ସେ ସିଧାସଳଖ ବିହାରରେ ପହଞ୍ଚି ଏକ ଭାଷଣ ଦେଇଥିଲେ ଯାହା ଲୋକଙ୍କୁ ପ୍ରଭାବିତ କରିଥିଲା। ସମସ୍ତେ ଭାବିଲେ ଯୁଦ୍ଧ ହେବ। ଯୁଦ୍ଧ ଉନ୍ମାଦ ଭାରତ ସହିତ ପାକିସ୍ତାନକୁ ମଧ୍ୟ ଆବଶ୍ୟକ। ଭାରତ ଏବଂ ପାକିସ୍ତାନ ଉଭୟ ବେରୋଜଗାରୀ, ମୂଲ୍ୟବୃଦ୍ଧିର ଶିକାର। ଏହି ସମସ୍ୟାରୁ ଜନତାଙ୍କର ଧ୍ୟାନ ହଟାଇ ଆତଙ୍କବାଦ, ହିନ୍ଦୁ ମୁସ୍‌ଲିମ ଭଳି ମୁଦ୍ଦା ଉପରେ ଗଣମାଧ୍ୟମର ସହାୟତା ନେଇ ଲୋକମାନଙ୍କୁ ଯୁଦ୍ଧ ପ୍ରତି ସକାରାତ୍ମକ ମାନସିକତାକୁ ସୃଷ୍ଟି କରାଯାଉଛି।

ସୁଜନପୁର, ଯାଜପୁର
ଦୂରଭାଷ : ୯୪୩୭୨୮୮୦୨୮

# ବିଜ୍ଞାପନ ଦୁନିଆରେ ନାରୀ



ଡା. ଇପ୍ସିତା ପ୍ରଧାନ

ନବେ ଦଶକରେ ଭାରତୀୟ ଟିଭି ଦୁନିଆରେ 'ମିସ୍ ମେରୀ ପ୍ରେସର କୁକର'ର ଲୋକପ୍ରିୟ ବିଜ୍ଞାପନର ଗୀତ ଥିଲା "ଜରୁରତ୍ ହେ.....ଏକ ଶୀରିମତି କି, କଲାବତୀ କି, ସେବା କରେ ଯୋ ପତୀକି"! ଏହି ବିଜ୍ଞାପନ ଯେ କେବଳ ଘରକରଣା ସହଜ ଓ ଘରକାମ ଚଞ୍ଚଳ କରିବା ପାଇଁ ପ୍ରେସର କୁକର କେତେ ଆବଶ୍ୟକ କିମ୍ବା କେବଳ ଉକ୍ତ କମ୍ପାନୀର ପ୍ରେସର କୁକୁରର ମହତ୍ତ୍ୱ ବୁଝାଉଥିଲା ତା' ନୁହେଁ। ବରଂ ଜଣେ ମହିଳା ଘରେ, ସମାଜରେ ପ୍ରିୟ ଏବଂ ଗ୍ରହଣୀୟ ହେବା ପାଇଁ ହେଲେ ଘରକାମରେ ଧୂରନ୍ଧର, ସ୍ୱାମୀ ତଥା ଆତ୍ମୀୟଙ୍କ ସେବା ହସିହସି କରି ପାରୁଥିବା ଦରକାର, ଏ ପ୍ରକାର ବାର୍ତ୍ତା ଓ ଧାରଣା ମଧ୍ୟ ବନାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏପ୍ରକାର ବିଜ୍ଞାପନର ଉଦାହରଣ ଯେ କେବଳ ଭାରତୀୟ ବଜାରରେ ଅଛି ତା' ନୁହେଁ। ୧୯୩୯ରେ ଆମେରିକାର 'କେଲଗ୍ସ ପେପ୍'ର ଗୋଟିଏ ପ୍ରସିଦ୍ଧ ବିଜ୍ଞାପନର ଟ୍ୟାଗ୍ ଲାଇନ୍ ଥିଲା "ସୋ ଦ' ହାର୍ଡର୍ ଏ ୱାଇଫ୍ ୱାର୍କର୍ସ, ଦ' କ୍ୟୁଟର ସି ଲୁକ୍ସ"। ଅର୍ଥାତ, ସ୍ତ୍ରୀଟିଏ ଯଦି ପ୍ରାଣପଣେ କାମ କରି ତା' ସ୍ୱାମୀକୁ ଖୁସି କରି ପାରୁନି, ତେବେ ସେ କେବଳ ଦାମ୍ପତ୍ୟ ଜୀବନ ପାଇଁ ଅଯୋଗ୍ୟ ତା' ନୁହେଁ, ବରଂ ସେ ଆଦୌ ସୁନ୍ଦର ବା ଆକର୍ଷଣୀୟ ମଧ୍ୟ ନୁହେଁ! କିନ୍ତୁ ବିଜ୍ଞାପନ ଦୁନିଆ ନାରୀକୁ କେବଳ କ୍ୟୁଟ୍, ନମ୍ର, ବିନା ଅଭିଯୋଗରେ ସେବା ପ୍ରଦାନକାରୀ ଭାବରେ ବିଜ୍ଞପିତ କରିବାରେ ଅଟକି ଯାଇନି! ୧୯୩୦ ଦଶକର ପ୍ରାରମ୍ଭିକ ସମୟରେ ଲୋକପ୍ରିୟ ହୋଇଥିବା ଡାଏଟ୍ ପିଲ୍ ଜଣେ ମହିଳାର 'ଶରୀର' ସେକ୍ସି/ଆକର୍ଷଣୀୟ ଲାଗିଲେ ହିଁ ସେ ସମାଜରେ ଗ୍ରହଣୀୟ ଏବଂ ଆଗକୁ ବଢିପାରେ ବୋଲି ପ୍ରୋଜେକ୍ଟ/ବିଜ୍ଞପିତ କରିଥିଲା। ସେହି ବିଜ୍ଞାପନ, ନ୍ୟୁଟ୍ରିସିନାଲ୍ ପିଲ୍ ଅପେକ୍ଷା ନାରୀ ଶରୀରକୁ ଗୋଟିଏ ମନୋଲୋଭା ଏବଂ ସେକ୍ସି ଲୁକ୍ ଦେବା ପାଇଁ ଅଧିକ ଲୋକପ୍ରିୟତା ପାଇଥିଲା। ଅବଶ୍ୟ ନାରୀ ଶରୀରକୁ ନେଇ ଏ ବିଜ୍ଞାପନ ଆଜିର ନୁହେଁ, ଏହାର ଉଦାହରଣ ଯୁଗଯୁଗ ଧରି ମନ୍ଦିର ଗାତ୍ର, ଚିତ୍ରକରର ଚିତ୍ର ଓ ପ୍ରାଚୀନ ଗ୍ରନ୍ଥରୁ ବି ମିଳେ। ତେବେ ବିଜ୍ଞାପନ ଦୁନିଆରେରେ ନାରୀର ବ୍ୟବହାର ଏଇଠି ଅଟକି ଯାଏନି! ସେମାନେ ଯେ କେବଳ ବିଜ୍ଞାପନ ବା ପ୍ରଚାର ପାଇଁ ବ୍ୟବହାର ହୋଇଛନ୍ତି ତା' ନୁହେଁ। ବରଂ ସେମାନଙ୍କ ବ୍ୟବହାର ବଜାର ବା ବ୍ୟବସାୟର ପ୍ରସାର ଓ ପୁଞ୍ଜି ବନେଇବାରେ ମଧ୍ୟ ହୋଇଛି। ନିବେଶକାରୀଙ୍କ ମତରେ ବଜାରର ୭୦-୮୦% କ୍ରୟ କରିବା ନିଷ୍ପତ୍ତି ଯେହେତୁ ମହିଳା ଗ୍ରାହକ ନିଅନ୍ତି, ତେଣୁ ବିଜ୍ଞାପନ ଗୁଡିକୁ ସବୁବେଳେ ସେମାନଙ୍କ ମାନସିକତାକୁ ପ୍ରଭାବିତ କରିବା ଭଳି ବନାଯାଏ।

ଯଦିଓ ବିଜ୍ଞାପନ ଦୁନିଆରେ ଉଭୟ ବିଜ୍ଞାପନର ଜରିଆ (ମଡେଲ୍) ଓ ବିଜ୍ଞାପନର ଲକ୍ଷ୍ୟ (ଟାର୍ଗେଟ) ହିସାବରେ ନାରୀକୁ ବ୍ୟବହାର କରାଯାଏ କିନ୍ତୁ ବିଜ୍ଞାପନ ନିର୍ମାଣ ଉଦ୍ୟୋଗରେ ନାରୀର ଭାଗିଦାରି ନଗଣ୍ୟ ରହିଥାଏ। ଏହି କ୍ଷେତ୍ରରେ ଲିଙ୍ଗଗତ ବୈଷମ୍ୟ ଖୁବ୍ ବାରି ହୋଇ ପଡେ। ଉନ୍ନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବିଜ୍ଞାପନ ନିର୍ମାଣ ଉଦ୍ୟୋଗରେ ନାରୀ ମାନଙ୍କ ସ୍ଥାନ କେବଳ ମଡେଲ୍ ଛଡା ପରଦା ପଛରେ କେବଳ କିଛି ସାଧାରଣ ସହଯୋଗୀ ହିସାବରେ ଥିଲା। ଯାହାର ରହିବା ନରହିବାକୁ କେହି କେବେ ଗଣନାକୁ ନେଉ ନଥିଲେ। ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ପ୍ରଥମ ଥର ନାରୀମାନଙ୍କ ଭୂମିକା କପି-ରାଇଟର୍ ଏବଂ ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ବେଳକୁ ବିଜ୍ଞାପନ ଏଜେନ୍ସି ଗୁଡିକରେ ନାରୀ ଉଚ୍ଚ ପଦବୀ ଗ୍ରହଣ କରିବା ଆରମ୍ଭ କଲେ। ବିଜ୍ଞାପନ ନିର୍ମାଣ କ୍ଷେତ୍ରରେ ନାରୀମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ବିଷୟରେ ପୃଥିବୀକୁ ସଚେତନ କରାଇବାର ସର୍ବପ୍ରଥମ ଶ୍ରେୟ 'ଶିର୍ଲେ ପଲିକୋଫ୍'ଙ୍କୁ ମିଳିବ। ୧୯୫୬ ମସିହାରେ ଆମେରିକାରେ ଗୋଟିଏ କେଶରଙ୍ଗ ବା ହେୟାର ଡାଏର ବିଜ୍ଞାପନର ସେ ଥିଲେ କପି-ରାଇଟର୍। ଉକ୍ତ ଉତ୍ପାଦ ପାଇଁ ତାଙ୍କ ଦ୍ୱାରା ଲେଖା ଯାଇଥିବା ବିଜ୍ଞାପନର ଉଦ୍ଦେଶ୍ୟ ଥିଲା ଯେ ଡାଏଟି କେଶକୁ ଏମିତି ଢଙ୍ଗରେ ରଙ୍ଗେଇବ ଯେ, କେବଳ ପୋଖତ ହେୟାର ଡ୍ରେସର ହିଁ ଜାଣି ପାରିବ, ଏବଂ ଚାରିପାଖର ସବୁ ମଣିଷ ଦ୍ୱନ୍ଦରେ ରହିବେ ଯେ ପ୍ରକୃତରେ ଏ ମହିଳା କେଶ ରଙ୍ଗ କରିଛନ୍ତି ନା' ନାହିଁ। ବିଜ୍ଞାପନରେ ତାଙ୍କ ଟ୍ୟାଗ୍-ଲାଇନ୍ ଥିଲା, "ଡଜ୍ ସି.....ଅର୍ ଡଜଣ୍ଟ ସି"। ଏହି ଗୋଟିଏ ବିଜ୍ଞାପନ ରାତାରାତି ବଜାର ବଦଳାଇ ଦେଇଥିଲା। ଏବଂ ବିଜ୍ଞାପନ ନିର୍ମାଣ ଉଦ୍ୟୋଗରେ ନାରୀ ମାନଙ୍କ ସ୍ଥାନ ବି। ପ୍ରଥମ ଥର ଶିର୍ଲେ ପଲିକୋଫ୍ ସାବ୍ୟସ୍ତ କରି ଦେଇଥିଲେ ଯେ ନାରୀ କେବଳ ଏଣ୍ଟ୍ରି ଲେଭେଲ୍ କପି ଏଡିଟର୍ ବା ଖାଲି ସ୍କ୍ରିପ୍ଟ ଲେଖିବା ଦାୟିତ୍ୱ ନୁହେଁ ସିନିୟର ଏକ୍‌ଜିକ୍ୟୁଟିଭ୍ ବା ଏଜେନ୍ସିରେ ଉଚ୍ଚ ପଦବୀରେ ମଧ୍ୟ ଦାୟିତ୍ୱ ନିର୍ବାହ କରି ପାରିବେ। ଏକବିଂଶ ଶତାବ୍ଦୀ ବେଳକୁ ମହିଳା ମାନଙ୍କ ଆର୍ଥିକ ସ୍ୱାବଲମ୍ବୀ ହେବା, ଗ୍ରାହକ ଭାବରେ ସେମାନଙ୍କ ନିଷ୍ପତ୍ତି ନେବାର କ୍ଷମତାରେ ବୃଦ୍ଧି ଏବଂ ବିଭିନ୍ନ ନାରୀବାଦୀ ଆନ୍ଦୋଳନ କାରଣରୁ ବିଶ୍ୱର ଅନେକ ବିଜ୍ଞାପନ ସଂସ୍ଥା ଗୁଡିକର କ୍ରିଏଟିଭ ହେଡ୍, ସିନିୟ ତଥା ଗୁରୁତ୍ୱପୂର୍ଣ୍ଣ ପଦ-ପଦବୀରେ ମହିଳାମାନଙ୍କ ଅଂଶଗ୍ରହଣ ବଢିଥିଲା। ଏହାର ଗୋଟିଏ ବଡ ଉଦାହରଣ ହେଉଛନ୍ତି 'ସୁସାନ୍ କ୍ରେଡଲ୍'। ସୁସାନ୍ ହେଉଛନ୍ତି ଏଫ୍ ସି ବି ନାମକ ଗୋଟିଏ ବିଶ୍ୱସ୍ତରୀୟ ସଂସ୍ଥାର କ୍ରିଏଟିଭ ହେଡ୍। ସୁସାନଙ୍କ ନେତୃତ୍ୱରେ ହିଁ ଏଫ୍ ସି ବି, ଲିଙ୍ଗଗତ ସମାନତା ପାଇଁ ଚଳାଇଥିବା ଗୋଟିଏ ଅଭିଯାନ ପାଇଁ ସମ୍ମାନଜନକ କାନ୍ସ ଗ୍ରାଣ୍ଡ ପ୍ରିକ୍ସ ପୁରସ୍କାର ପ୍ରାପ୍ତ କରିଥିଲା। ତାଙ୍କୁ ବିଶ୍ୱର ୧୦୦ ଜଣ ପ୍ରଭାବଶାଳୀ ମହିଳାଙ୍କ ଭିତରେ ଗଣାଯାଏ। ଏକବିଂଶ ଶତାବ୍ଦୀରୁ ହିଁ ପ୍ରଥମଥର ବିଜ୍ଞାପନ ଗୁଡିକରେ ନାରୀକୁ ଜଣେ ଶାନ୍ତ, ସୁଶୀଳ, ସହନଶୀଳ, କର୍ମଠ ଗୃହିଣୀ ଏବଂ ସୌନ୍ଦର୍ଯ୍ୟ ଓ ସେକ୍ସର ପ୍ରତୀକ ଛଡା ଅନ୍ୟାନ୍ୟ ଶକ୍ତିଶାଳୀ ପାତ୍ରରେ ଦେଖିବା ପାଇଁ ମିଳିଲା। ଏହା ପରେ ହିଁ ସମାଜରେ ଗ୍ରହଣୀୟ ହେବା ପାଇଁ ଯେ ନାରୀର ଗୋଟିଏ କୌଣସି ନିର୍ଦ୍ଦିଷ୍ଟ ତ୍ୱଚାର ରଙ୍ଗ, କେଶର ଦୈର୍ଘ୍ୟ, ଶରୀର ଆକାର ରହିଛି ବିଜ୍ଞାପନ ଗୁଡିକ ସେଇ ଧାରଣାରୁ ଉର୍ଦ୍ଧ୍ୱକୁ ଉଠିଲେ। ସୁନ୍ଦର ବା କ୍ୱିଟ୍ ହେବା ପାଇଁ ନାରୀ ଶରୀରର ବାହ୍ୟ ସୌନ୍ଦର୍ଯ୍ୟ ନୁହେଁ ତା'ର ଗୁଣ ବା ସ୍କିଲ୍ ଏବଂ ଦୃଢମନା ହେବା ଆବଶ୍ୟକ ଏହା ଏବେ ବିଜ୍ଞାପନରେ ଦେଖାଯିବା ଆରମ୍ଭ ହେଲା। ଯଦି ଏତିକି ପଢିଲାପରେ ଆପଣ ଭାବିନେଉଛନ୍ତି ଯେ ତେବେ ଏଥର ବିଜ୍ଞାପନ ଦୁନିଆରେ ନାରୀମାନଙ୍କୁ କୌଣସି ବସ୍ତୁ ତୁଲ୍ୟ ବା ସେକ୍ସିଜମ୍ ବନ୍ଦ ହୋଇ ଯାଇଛି ତିହାଲେ ଆପଣ ଭୁଲ୍ ବୁଝିଛନ୍ତି। ଆଜି ଯାଏଁ ଏ ଧାରା ଜାରୀ ରହିଛି। ଉଦାହରଣ ସ୍ୱରୂପ ଆପଣ କୌଣସି ସୌନ୍ଦର୍ଯ୍ୟ ପ୍ରସାଧାନ କିମ୍ବା ଲୁଗାପଟା କିମ୍ବା ୱେଲନେସ୍ ପ୍ରଡକ୍ଟର ବିଜ୍ଞାପନକୁ ନେଇ ପାରନ୍ତି। ଆଜିବି ଏହି ସବୁ ବିଜ୍ଞାପନର ମୁଖ୍ୟତଃ ନାରୀ ତ୍ୱଚାର ରଙ୍ଗ ଓ ଆକାର ପ୍ରକାର ଉପରେ ହିଁ କେନ୍ଦ୍ରିତ। ବିଜ୍ଞାପନ ଦୁନିଆରେ ଏହାକୁ 'ସ୍ନିକି ସେକ୍ସିଜମ୍' କୁହାଯାଏ। ଏହି ଶବ୍ଦର ପ୍ରଚଳନ 'ପ୍ରେଟି ଲିଟଲ୍ ହେଡ୍'ର ପ୍ରତିଷ୍ଠାତା ଜେନ୍ କନିଙ୍ଗହାମ୍ ଏବଂ ଫିଲିପା ରବର୍ଟସ କରିଥିଲେ। ଏହି କଥାକୁ ସହଜରେ ବୁଝାଇବା ପାଇଁ ସେ କହିଥିଲେ, 'ଯଦି ଆପଣ ଭାବୁଥାନ୍ତି ଯେ ନାରୀ ଶରୀରକୁ ନେଇ ଗୋଟିଏ ଅବାସ୍ତବ ମାପକର ଧାରଣା ସୃଷ୍ଟି କରୁଥିଲା ବୋଲି ଡାଏଟ୍ ପିଲ୍ ଗୁଡିକ ଧିରେଧିରେ ନିଜର ବଜାର ହରେଇ ଦେଲେ, ତାହେଲେ ଆପଣ ଭୁଲ୍ ଭାବୁଛନ୍ତି। ସେଗୁଡିକ ଏବେବି ବଜାରରେ ଉପଲବ୍ଧ ଏବଂ ଡାଏଟ୍ ପିଲ୍ ବଦଳରେ ୱେଲନେସ୍ ପିଲ୍ ଭାବରେ ପ୍ରସିଦ୍ଧ। ଅର୍ଥାତ ଏବେ ସେମାନେ ନାରୀ ଶରୀର କେମିତିକା ଆକାର କିମ୍ବା ମାପର ହେଲେ ଆକର୍ଷଣୀୟ ଲାଗିବ ଉଚ୍ଚାରଣ ନକରି, କେମିତି ହୋଇଥିଲେ ଆମେ ତାକୁ ସୁସ୍ଥ ଶରୀର କହିବା ଏମିତି ବିଜ୍ଞାପନ ତିଆରି କରା ଯାଉଛି।'

ଏ ଭିତରେ ପୃଥିବୀ ଭିଷଣ ଉଦ୍ୟୋଗୀକରଣ, ଜଗତୀକରଣ ଏବଂ ଡିଜିଟାଇଜେସନ ଦେଖିଛି। ସବୁ ଭିତରେ ପୁଣି ବଦଳିଛି ବି ବିଜ୍ଞାପନର ପ୍ରଚାରର ମାଧ୍ୟମ। ଖବରକାଗଜ, ରେଡ଼ିଓ ବିଜ୍ଞାପନ ଦୁନିଆ ଯେମିତି ଦିନେ ଦୂରଦର୍ଶନର ପରଦା ପାଖରେ ଫିକା ପଡିଥିଲା ଆଜି ସେମିତି ବିଜ୍ଞାପନ ପାଇଁ ଟିଭି ପରଦାଠୁ ଢେର ଆଗରେ ସୋସିଆଲ ମିଡିଆ ରହିଛି। ଏବେ ଟିଭି କିମ୍ବା ଖବରକାଗଜ ଅପେକ୍ଷା ସୋସିଆଲ ମିଡିଆ ବିଜ୍ଞାପନର ନୂଆ ମାଧ୍ୟମ ପାଲଟିଛି ଏବଂ ଏହି ବିଜ୍ଞାପନର ଦାୟିତ୍ୱ ନେଉଥିବା ବ୍ୟକ୍ତିଙ୍କୁ କୁହାଯାଉଛି 'ଇନଫ୍ଲୁଏନ୍ସର'। ଯେହେତୁ ମହିଳା ମାନଙ୍କ ବିଶ୍ଳେଷଣ ଓ ପ୍ରଦାନ କରିଥିବା ତଥ୍ୟକୁ ଲୋକ ଅଧିକ ବିଶ୍ୱାସଯୋଗ୍ୟ ବିବେଚିତ କରନ୍ତି ତେଣୁ ସର୍ଭେରେ ଦେଖା ଯାଇଛି ଯେ ୬୮% ଇନଫ୍ଲୁଏନ୍ସର ମହିଳା ଅଟନ୍ତି। ଯଦିଓ ଏବେ ବିଜ୍ଞାପନ ଦୁନିଆରେ ନାରୀର ଚରିତ୍ର ଚିତ୍ରଣରର ଢଙ୍ଗ ବଦଳିଛି, ନିର୍ମାଣ ଉଦ୍ୟୋଗରେ ସେମାନଙ୍କ ଦାୟିତ୍ୱ ବଢିଛି, ସୋସିଆଲ ମିଡିଆରେ ସେମାନଙ୍କ ଅଂଶିଦାରୀ ବଢିଛି କିନ୍ତୁ ଏବେ ମଧ୍ୟ ପାଉଣାକୁ ବିଜ୍ଞାପନ ଦୁନିଆରେ ଲିଙ୍ଗଗତ ବୈଷମ୍ୟ ରହିଛି। ଏଇ କିଛି ବର୍ଷ ମଧ୍ୟରେ ପାଉଣାକୁ ନେଇ ଥିବା ବୈଷମ୍ୟ ୧୬.୫% ରୁ ଖସି ୧୬%ରେ ପହଞ୍ଚିଛି। ଏହା ପଢିଲେ ଲାଗିବ ଯେ ତା' ହେଲେ ମହିଳାମାନେ ପୁଞ୍ଜିବାଦ ବଜାରରେ ବେଶ୍ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। କିନ୍ତୁ ବାସ୍ତବରେ ପୁରୁଣା ଦିନର ମଡେଲ୍ ହୁଅନ୍ତୁ କିମ୍ବା ଆଜିର ଇନଫ୍ଲୁଏନ୍ସର, ଏମାନେ ସମସ୍ତେ ଉପାର୍ଜିତ ଧନ, ଟ୍ୟାକ୍ସ, ଇଭେଷ୍ଟମେଣ୍ଟ, ଇଭେଷ୍ଟ୍ ଏ ସବୁର ନିଷ୍ପତ୍ତି ପାଇଁ ଏବେ ମଧ୍ୟ ନିଜ ପୁରୁଷ ବନ୍ଧୁ ବା ସ୍ୱାମୀ ଉପରେ ହିଁ ନିର୍ଭର କରନ୍ତି। ଆଉ ଏହି ନିଷ୍ପତ୍ତି ନେବାରେ ଅବହେଳା ହିଁ ନାରୀଟିଏ କୁ ଏବେବି ବିଜ୍ଞାପନ ଦୁନିଆରେ ଗୋଟିଏ 'ବ୍ୟବହାର୍ଯ୍ୟ ବସ୍ତୁ' କରି ରଖିଛି। ଯେପର୍ଯ୍ୟନ୍ତ ନାରୀଟିଏ ନିଜ ଚିନ୍ତନଶୈଳୀରେ ପରିବର୍ତ୍ତନ ନଆଣି, ନିଜକୁ ମାନସିକସ୍ତରେ ସ୍ୱବଲମ୍ବୀ କରିପାରିବନି, ଦୁନିଆର ସବୁ 'ବାଦ' ତାକୁ ବ୍ୟବହାର୍ଯ୍ୟ ବସ୍ତୁରେ ହିଁ ପରିଗଣିତ କରୁଥିବେ।

ଭୁବନେଶ୍ୱର
ଦୂରଭାଷ : ୮୦୧୮୦୫୩୩୯୫

ଧାରାବାହିକ ଉପନ୍ୟାସ

# ମହାନାୟକ

କ୍ଷୀରୋଦ ଦାସ





ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍‌ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।

ଭାଗ-୮

*(ପୂର୍ବପ୍ରକାଶ ଉତ୍ତାରୁ)*

ବସିବା ସ୍ଥାନରୁ ଉଠିଆସି ଆନନ୍ଦର ଅତିଶଯ୍ୟାରେ ଘନଦାଦା ପାଦଧୂଳି ନେଲେ ଗଦାବାବୁଙ୍କର। ପ୍ରଣାମର ପରିଣାମ ଆଶିର୍ବାଦ କରିବାକୁ କୁଣ୍ଠାବୋଧ ନକରି ଗଦାବାବୁ ଘନଦାଦାଙ୍କ ମୁଣ୍ଡ ଉପରେ ସସ୍ନେହ ହାତ ବୁଲାଇ ଆଣିଲେ।

ବାସ୍, ଘନଦାଦାଙ୍କର ପ୍ରବେଶ ହୋଇଗଲା 'ରଙ୍ଗ-ମହଲ'ରେ।

ମାନୀଖୁଡୀ ମନା କରୁଥିଲେ - 'ସେ ଯାତ୍ରା ଫାତ୍ରା ନିଶାଛାଡ଼। ହଁ, ଗାଁ' ଭିତରେ ବର୍ଷକୁ ଥରେ ଦି'ଥର କରିଦେଲ। ତା' ବୋଲି ଅଠାକାଳି ବାରମାସି ରାତି ଅନିଦ୍ରା ହୋଇ ମୁହଁରେ ରଙ୍ଗବୋଳି ଯାତ୍ରା କରିବ? ଏ ଦେହ ଆଉ ରହିବ ଟି! ଏଣେ ଗାଈ ବଳଦ, ଘରବାରି, ଚାଷବାସ ଅବସ୍ଥା କ'ଣ ହବ? ମୁଁ ମାଇପି ମଣିଷଟା, ଏକଲା କେମିତି ସମ୍ଭାଳିବି ଏତେ ସବୁ ଦାୟିତ୍ୱ?

କାନ୍ଦ କାନ୍ଦ ହୋଇଯାଉଥିଲା ମାନୀଖୁଡୀ।

ଘନଦାଦାଙ୍କ ପରି ମାନୀ ଖୁଡି ବି ଭାରି ଧୀରସ୍ଥିର, ଶାନ୍ତ ସରଳ ମଣିଷ। ଶଂଖା ବିଲେଇ ରଂଗର ଗୋରା ତକତକ ନହକା ଚେହେରା। ଡେଙ୍ଗା, ତନୁ ପାତେଳୀ।

ନାରଣପୁର ଗାଁ ସାରା ଖୋଜି ଆସିଲେ ଏପରି ରୂପବତୀ, ଗୁଣବତୀ ସ୍ତ୍ରୀ ଲୋକଟିଏ ମିଳିବା ଅସମ୍ଭବ। ଗାଁ'ର ପିଲାଠୁ ବଡଯାଏ ସଭିଙ୍କର ପ୍ରିୟ ସେ। ତାଙ୍କ ସୁନ୍ଦର ମୁହଁର ହସହସ କଥା ଗାଁ' ଲୋକଙ୍କ ହୃଦୟ ଜିଣିନିଏ।

ଭଲରେ ମନ୍ଦରେ, ସୁଖରେ ଦୁଃଖରେ, ଅଭାବ ଅସୁବିଧାରେ କେହି ତାଙ୍କୁ ଡାକୁ କି ନ ଡାକୁ ଲୋଡୁ କି ନ ଲୋଡୁ, ମାନୀଖୁଡୀ ଆଗତୁରା ପହଞ୍ଚିଯାଏ ପଡୋଶୀ ପାଖରେ। ପାରୁ କି ନପାରୁ ବଢ଼ାଇଦିଏ ଆଶ୍ୱାସନାର ହାତ। ଭୁଷୁଡି ପଡୁଥିବା ମନ ଭିତରେ ଭରିଦିଏ ସାହସ।

ଗାଁ ଲୋକେ କୁହାକୁହି ହୁଅନ୍ତି - ଲକ୍ଷ୍ମୀବନ୍ତ ବୋହୂଟିଏ। କୋଟିକରେ ଗୋଟିଏ।

ଅନ୍ୟର ଦୁଃଖରେ ଦୁଃଖୀ ହେବାପରି ମଣିଷମାନଙ୍କର ଅଭାବ ନାହିଁ ଏ ସଂସାରରେ। ହେଲେ ଅନ୍ୟର ସୁଖ ପ୍ରାଚୁର୍ଯ୍ୟରେ ଖୁସି ହେବାପରି ମଣିଷ ଖୁବ୍ ବିରଳ ଏଠି। ଘନଦାଦା ଏବଂ ମାନୀଖୁଡୀ କିନ୍ତୁ ଏ କ୍ଷେତ୍ରରେ ବ୍ୟତିକ୍ରମ। ଅନ୍ୟର ସୁଖ ସେମାନଙ୍କୁ ଦିଏ ନିଜ ସୁଖଠାରୁ ଅଧିକ ଆନନ୍ଦ।

ସ୍ୱାମୀ-ସ୍ତ୍ରୀ ଦୁହିଁଙ୍କୁ ଦେଖିଲେ ଲାଗେ ଯେମିତି ସଂସାରକୁ ସର୍ଜନା କରିଥିବା ବିଧାତା ଆଉ ଜୀବନ ପ୍ରତି ସେମାନଙ୍କର ଫୁଣ୍ଟାଏ ବି ଅଭିଯୋଗ ନାହିଁ। ଯାହା ତାଙ୍କୁ ମିଳିଛି, ସେତିକିରେ ସେମାନେ ସନ୍ତୁଷ୍ଟ। ଯାହା ନମିଳିଛି, ସେଥିପାଇଁ ସେମାନେ ଆଦୌ ନୁହନ୍ତି ବ୍ୟସ୍ତ ଓ ବିବ୍ରତ। ଜୀବନରେ ଯେମିତି ବିନ୍ଦୁଏ ବି ଦୁଃଖ ନାହିଁ, ଅବସୋସ ନାହିଁ, କ୍ଳେଶ କି ଯାତନା ନାହିଁ, ଜୀବନ ଯେମିତି ଆନନ୍ଦ ଓ ଉଲ୍ଲାସର ଏକ ପ୍ରବହମାନ ଫଲ୍‌ଗୁଧାରା, ସେହିପରି ଏକ ଅନନ୍ୟ ପ୍ରଶାନ୍ତି ରାଜତ୍ୱ କରୁଥିଲା ଉଭୟଙ୍କ ମୁଖମଣ୍ଡଳରେ, ସଦାବେଳେ।



ନିଜର ମଧୁର ବ୍ୟକ୍ତିତ୍ୱ ଆଉ କଳା ପ୍ରତିଭା ଉଭୟ ମିଶିଯାଇ ଘନବାବୁଙ୍କୁ ଏକ ଆଦର୍ଶ ଏବଂ ସୁମଣିଷ ଭାବରେ ଭଡା କରାଇଥିଲା ଲୋକ ଲୋଚନରେ।

ହେଲେ ଜୀବନ କଣ ସବୁ ସମ୍ଭାବନାର ସମାହାର କି? ସବୁ ହଁ ହଁ ଭିତରେ ନାହିଁ ନାହିଁର ଗରମ ପବନ ବି ଭଉଁରୀ ଖେଳୁଥାଏ ସମସ୍ତଙ୍କ ଜୀବନରେ। ଘନଦାଦା ଆଉ ମାନୀଖୁଡୀ ସେପରି ନିୟମରୁ ବା ବାଦ୍ ପଡିବେ କିପରି?

ବିତିଯାଇଥିଲା ବୈବାହିକ ଜୀବନର ପନ୍ଦର ବର୍ଷ। ହେଲେ ସେମାନଙ୍କ ସଂସାରକୁ ଆଲୋକିତ କରିବାକୁ, ମାନୀ ଖୁଡୀର ଗର୍ଭରୁ ସୃଷ୍ଟି ହୋଇନଥିଲା। ପୃଥିବୀର ନୂତନ ଆଗନ୍ତୁକ। ଅଥଚ ସନ୍ତାନ ନଥିବା ଦୁଃଖରେ ଘାରି ହୋଇ ଜୀବନକୁ ଅଭିଶାପ ଦେବା, କପାଳକୁ ନିନ୍ଦିବା, ଜୀବନକୁ ଏକ ନର୍କ ବୋଲି ସମ୍ବୋଧନ କରି ବଞ୍ଚିବା ନିରର୍ଥକ ବୋଲି ଭାବନା କେବେ ବି ପ୍ରବେଶ କରିନାହିଁ ସ୍ୱାମୀ-ସ୍ତ୍ରୀ ଦୁହିଁଙ୍କ ମନ ଭିତରକୁ।

ଅନେକ ଅପ୍ରାପ୍ତିର ସମାହାର ଜୀବନକୁ ନେଇ ସେମାନେ ସନ୍ତୁଷ୍ଟ। ଯାହା ନାହିଁ, ସେଥିପାଇଁ ଅନୁଶୋଚନା ନାହିଁ। ଯାହା ଅଛି, ତାକୁ ନେଇ ଗର୍ବ କର; ଖର୍ଚ୍ଚ କର - ଏଇ ଭାବନାକୁ ଆହୁଲା କରି ସେମାନେ ବାହି ନେଉଥିଲେ ନିଜ ଜୀବନ ତରୀ।

ଯାତ୍ରା ଦଳରେ ମିଶିବାକୁ ମାନୀଖୁଡୀ ସିନା ବାରଣ କରୁଥିଲା, ହେଲେ କଳାକାରକୁ ତା'ର କଳାର ପରିପ୍ରକାଶ ପାଇଁ ଅଟକାଇବା ସମୁଦ୍ରରେ ବାଲିବନ୍ଧ ବାନ୍ଧିବା ସହ ସମାନ।

ଖୁଡୀ ଘରକୁ ଏକଲା ମାଇପି ମଣିଷ। ଚାଷ ଜମି ଦୁଇ ଅଢ଼େଇ ମାଣ, ଘର ଓ ଡିହ, ବାଡି ଓ ଦାଣ୍ଡପଟେ ଦି'ଗଣ୍ଡା ଫଳନ୍ତି ନଡିଆ ଗଛ, କଦଳୀ ବାଗେନା, ବାଡ଼ିପଟେ ଅଢ଼େଇ ଗୁଣ୍ଠ ଆକାରର ପୋଖରୀଟିଏ, ଦି'ଟା ଦୁହାଁଳିଆ ଗାଈ, ବାଛୁରୀ, ହଳେ ବଳଦ। ଏସବୁର ଦାୟିତ୍ୱ କ'ଣ ସ୍ତ୍ରୀ ଲୋଟିଏ ଏକଲା ସମ୍ଭାଳି ପାରିବ?

ଘର ଛାଡିବା ପୂର୍ବରୁ ଘନଦାଦା ସାନଭାଇ ହିସାବର ପଦନା ସହିତ ଏ ବିଷୟରେ କଥା ହେଲେ। ପଦନା ଘନଦାଦାଙ୍କୁ ଶ୍ରୀରାମଙ୍କ ପରି ମାନ୍ୟ କରେ। ମାନୀ ଖୁଡିକୁ ମା' ସୀତା ପରି ସମ୍ମାନ କରେ। ସୀତା ହରଣ ଗୀତିନାଟ୍ୟରେ ଘନଦାଦା ଶ୍ରୀରାମ ହେଲେ ପଦନା ଲକ୍ଷ୍ମଣ ରୋଲ୍ କରେ।

କଥା ଛିଣ୍ଡିଲା, ମାସକୁ ହଜାରେ ଟଙ୍କା ନେବ, ଘର ବାହାର ସବୁ ଦାୟିତ୍ୱ ତୁଲାଇବ ପଦନା।

: ଏ ଘର ଦ୍ୱାର, ଜମିବାଡି, ଗାଈ ବଳଦ, ସର୍ବୋପରି ତୋ ଭାଉଜଙ୍କୁ ତୋ ଜିମାରେ ଛାଡ଼ି ଯାଉଛି, ପଦନା। ତତେ ଲାଗିଲା ସବୁ। ମାସେ ଦି'ମାସରେ ଥରେ ଆସିବାକୁ ଚେଷ୍ଟା କରିବି ଗାଁକୁ। ଚାରି ଆଡକୁ ଟିକେ ନିଘା ରଖିଥିବୁ। ତୋରି ଭରଷାରେ ପଦନା, ମୁଁ ଗୋଡ କାଢୁଛି ବାହାରକୁ।

: କ'ଣ କହିଲ? ଭାଉଜ। ଭାଉଜ କିଏ? ସିଏ ହେଉଛନ୍ତି ମୋ ମା'। ମୁଁ ତାଙ୍କ ପୁଅ। ଘରର ପୁଅ ପରି ଯତ୍ନ ନେବି ମା'ର। ଏ ଘର ବାଡିର।

ପଦନାର ଏ ଦୁଇପଦ ପ୍ରତ୍ୟୟପୂର୍ଣ୍ଣ କଥାରେ ଆଶ୍ୱସ୍ତ ହୋଇ 'ରଙ୍ଗ ମହଲ' ଯାତ୍ରା ପାର୍ଟିରେ ଯୋଗଦେବା ପାଇଁ ବାହାରିଗଲେ ଘନଦାଦା।

*(କ୍ରମଶଃ)*

## ତିନୋଟି କବିତା





### ଦୃଢ଼ବ୍ରତ

ଡ. ଦୀପକ କୁମାର ମିଶ୍ର

ମୁଁ ଜାଣେ, କ୍ୱଚିତ ପଢ଼ାହୁଏ ମତେ,
ତଥାପି କାହିଁକି ନଲେଖିବି ଯେ
ଅଦୃଶ୍ୟ ଅନ୍ଧ ହୃଦୟର ଦରଦୀ ଆଖି ହଳକ ପାଇଁ
ଯାହାକୁ ପ୍ରାୟତଃ
ଜୀବନରେ ଭେଟି ନାହିଁ କେବେ।

ଅନୁପସ୍ଥିତ ଆକାଶରେ
ଗଣୁଥାଏ ଆଶା ଆଉ ଉଜାଗର ସହି
ନଗଣ୍ୟତା ଭୋଗୁଥିବା ତାରାଟିକୁ
ଯିଏ କେବେ ଦିନେ
ବାଟ କଢ଼ାଇଥିଲା
ହତୋତ୍ସାହ, ବ୍ୟତିବ୍ୟସ୍ତ ବାଟୋଇଟିକୁ
କାରୁଣ୍ୟ ଓ କ୍ଳିଷ୍ଟତାର ଅନ୍ଧାର ରାତିରେ।

ମୁଁ ଜାଣେ
ତୁମେ ମତେ ନିତି ହତ୍ୟାକର
ତର୍କହୀନ ବିଭତ୍ସତାର ନିଷ୍ଠୁର ଅସ୍ତ୍ରରେ
ତଥାପି ତ ମୁଁ କ୍ଷମା କରେ
ଏହି ମୋର ଉଦାରତାପୂର୍ଣ୍ଣ
ଅକ୍ଷମ ମନରେ।

ମନା ନାହିଁ, ଚିରିବ ଯଦି ଚିରିଦିଅ
ମୋର ଏହି ରିକ୍ତ ହୃଦୟର
ସିକ୍ତ କବିତାଟିକୁ
ତିରସ୍କାରର ତୀର୍ଯ୍ୟକପୂର୍ଣ୍ଣ ଶାଣିତ ଛୁରୀରେ
ତଥାପି ତ ଆତ୍ମଗୋପନ କରିଥିବା
ତଟସ୍ଥ ଶବ୍ଦଗୁଡ଼ିକୁ ଗୋଟେଇ, ବୁଝେଇ
ପରାସ୍ତ ପ୍ରେମର କବିତାଟିଏ
ଲେଖିବି ହିଁ ଲେଖିବି।

ଭୁବନେଶ୍ୱର
ଦୂରଭାଷ : ୮୨୮୦୨୧୧୦୦୦



### ଚାଲ ଏଥର

ଡ.ଭାରତୀ ହୋତା

କେତେ ମିଛ ସ୍ୱପ୍ନରେ
ଉବୁଟୁବୁ ହେବା,
କେତେ ଉଷୁନା ଧାନକୁ
ବିଲରେ ବୁଣିବା
କେତେ ଆଉ ଚେଇଁଲା ଆଖିରେ
ସ୍ୱପ୍ନ ଦେଖି
ତାଜମହଲ ଗଢ଼ିବା।
ଚାଲ ଏଥର
କିଏ ଚିହ୍ନିବା ଆଗରୁ
ଅନ୍ଧାରରେ ମିଶିଯିବା
ହାତ ଧରାଧରି ହୋଇ
ସମୁଦ୍ରଢେଉରେ ଭାସିଯିବା,
କୋଳେଇନେବା
ଦୂରରୁ ପାଖେଇ ଆସୁଥିବା
ନିଜ ଇପ୍‌ସିତଛାଇକୁ।
ପିନ୍ଧି ପକେଇବା
ମୁଠା ମୁଠା ଇଚ୍ଛାର ଆଭରଣକୁ,
ପିନ୍ଧିନେବା
ଅଦମ୍ୟ ବିବସ୍ତ୍ର କାମନାକୁ।
ଚାଲ ଏଥର
ସକାଳ ସୂର୍ଯ୍ୟ ଉଇଁବା ଆଗରୁ
ପୁଣିଥରେ ମିଶିଯିବା
ରାତିର କିଟି କିଟି ଅନ୍ଧାରରେ,
ପୁଣି ଖୋଜି ହେଉଥିବା
ନିଜକୁ ବହଳ ଅନ୍ଧକାର ଭିତରେ।
ଚାଲ ଏଥର
ଜଳିଉଠିବା
ଜୁଇଟିଏ ହୋଇ
ଜାଳି ଦେବା ରକ୍ତ ମାଂସର ସ୍ଥୂଳ ଶରୀରକୁ
ହରେଇ ଦେବା ନିଜ ସତ୍ତା
ପାଉଁଶ ହେବା ଯାଏଁ ପୁଣି ସେଇ ପାଉଁଶରୁ
ଖୋଜିବା ନିଜକୁ
ପୁନର୍ଜନ୍ମର ଆଖ୍ୟା ଦେଇ।
ଚାଲ ଏଥର ଆମେ ଫେରିଯିବା
ସେଇ ସୂକ୍ଷ୍ମ ଚେତନାକୁ
ସେଠି ଗଢ଼ିନେବା ଆଉ ଏକ କ୍ଷୁଦ୍ର ପୃଥିବୀ
ନ ଥିବ ଭୟ ପାଇବା କି ହଜେଇବାର
ଜିତିବା କି ହାରିବାର
କେବଳ ଥିବ
ଏକ ନିବିଡ଼ ଶାଶ୍ୱତ ପବିତ୍ର ବନ୍ଧନ।

ଖରିଆର ରୋଡ଼, ନୂଆପଡ଼ା



### ସୁଯୋଗ୍ୟ ସନ୍ତାନ ମଧୁ ବାବୁ

ଯୁଧିଷ୍ଠିର ପ୍ରଧାନ

ମାଟିର ମଣିଷ ନିର୍ଭୀକ ସାଧକ
ଜାତିସ୍ୱର ପୁଣି ଉତ୍କଳ ଗୌରବ
ସୁଯୋଗ୍ୟ ସନ୍ତାନ ମଧୁସୂଦନ ଦାସ,
ଜୀବନୀ ଯାହାର ଆମ ଉତ୍କଳର
ଅର୍ଦ୍ଧଶତାବ୍ଦୀର ଅଟେ ଇତିହାସ।
ଯେବେ ଥିଲେ ଗାଁ ଚାଟଶାଳୀ ଚାଟ,
ମାର୍ଜିତ କରାଇ ସହପାଠୀ ମାନଙ୍କୁ
ଦେଖାଇ ଥିଲେ ସେ ଧରମର ବାଟ।
ଖାତିର ନକରି ଝଡି ବରଷାକୁ,
ଯାଇଥିଲେ ସିଏ ପାଠ ପଢ଼ିବାକୁ।
ଘଟଣା ଘଟିଲା ଏକ ଦିନକର,
ରାସ୍ତାରେ ଖସିଲା ପାଦଟି ତାଙ୍କର
ମୁହଁ ମାଡି ତଳେ ପଡିଯାଇ ସେ'ଯେ
କାଦୁଅ ପାଣିରେ ହେଲେ ସରସର।
ପହଞ୍ଚିଲେ ଗୁରୁଦେବଙ୍କ ପାଖର,
ପ୍ରଣିପାଦ କଲେ ପାଦରେ ତାଙ୍କର।
ତାଙ୍କୁ ଚାହିଁ ଗୁରୁ ପ୍ରଶ୍ନ କଲେ,
କିଏ ଏ ଅବସ୍ଥା ଭିଆଇଲେ,
ନିର୍ଦ୍ୱନ୍ଦ୍ୱରେ ଦେଲେ ପ୍ରଶ୍ନର ଉତ୍ତର,
ଆସିବାକୁ ହୋଇ ତରତର,
ଖସିଗଲା ଗୋଡ କଚରା ବାଟର
ମନ ଭିତରେ ଥିଲା ସେହି ଚିନ୍ତା,
ରଖିବେନି କେବେ ଅବ୍ୟବସ୍ଥା।
ଦଶରା ଛୁଟିରେ ଡାକି ସହପାଠୀ,
ଦାଣ୍ଡେ ପକାଇଲେ ବାଲି ଗୋଡି ମାଟି,
ଗାଁ ଦାଣ୍ଡ ସମତୁଲ ହେଲା,
ଲୋକଙ୍କ ଜୀବନ ଜୀବିକା ବଢ଼ିଲା,
ଆନନ୍ଦିତ ହୋଇ ନର ନାରୀ,
ଅଜସ୍ର ବର୍ଷିଲେ ଆଶୀର୍ବାଦ ବାରୀ।
ଆଶ୍ଚର୍ଯ୍ୟ ହୋଇଲେ ଗୁରୁଦେବ
ପିଲାଟିର ଦେଖି ମୋନଭାବ,
ଚାଟ ସଭା ଏକ ଡକାଇଲେ,
ପିଲାଟିର ଗୁଣ ବଖାଣିଲେ,
ଛାତ୍ରଙ୍କୁ ଦେଇଣ ସେ ଉଦାହରଣ,
ହେବା ପାଇଁ ବଡ ଦେଲେ ଦିବ୍ୟ ଜ୍ଞାନ।
ସନମାନ ରଖି ଆମ ଉତ୍କଳର,
ବଡ ହୋଇ ହେଲେ ମଧୁ ବାରିଷ୍ଟର,
ଦେଶ ଜାତି ପାଇଁ କାମ କରି ସେ' ଯେ
ହୋଇଲେ ଜାତିର କର୍ଣ୍ଣଧାର।
କେତେ ତେଜ ଥିଲା ତାଙ୍କର ଭାଷାରେ,
ନବଜାଗରଣ କଲେ ଉତ୍କଳରେ,
ଚାଲିଗଲେ ସିନା ସରଗେ ଅତିରେ
ରହିଗଲେ କିନ୍ତୁ ଆମ ହୃଦୟରେ।

ମଧୁପୁର, ବାରଙ୍ଗ, କଟକ
ଦୂରଭାଷ : ୯୪୩୭୫୬୬୩୯୭

## ବେଦନାର ବେଦ: ଅବ୍ୟକ୍ତ ଶବ୍ଦ

### ପୁସ୍ତକ ସମୀକ୍ଷା



କବିତା କଣ? କିଭଳି ଦିଶେ? ଅବସ୍ଥିତି ଓ ପ୍ରକୃତି କଣ ଜାଣିବା ପାଇଁ ବୋଧେ ଆମକୁ ଖୁବ୍ କଷ୍ଟ କରିବାକୁ ପଡ଼େ। ମାତ୍ର କବି ରଜତ ବଂଶଲଙ୍କ କବିତା ସବୁ ପଢ଼ିଲେ ଲାଗେ, ସେ ସବୁର ଉତ୍ତର ପାଠକ ପାଇଯାଇଛି। କାହିଁକି ନା ରଜତ କବିତାରେ ବେଶୀ ଛଳନା କରନ୍ତି ନାହିଁ, ନଥାଏ ବେଶୀ କାଳ୍ପନିକତା, ବରଂ ଥାଏ ବାସ୍ତବିକ୍ ଆନନ୍ଦ ଯାହା ଦିଏ ନୈସର୍ଗିକ ଆନନ୍ଦ। ଏହା ବି କବିର ସାମାଜିକ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରିଥାଏ। ଯଦିଓ ରଜତଙ୍କ ଅନେକ କବିତା ଆଗରୁ ପ୍ରକାଶିତ, ମାତ୍ର ତାହା ପୁସ୍ତକ ଭାବରେ ପ୍ରକାଶିତ ହେବା ଆହ୍ଲାଦର ବିଷୟ।

ରଜତ ବଂଶଲ ଓଡ଼ିଆ ସାହିତ୍ୟର ଜଣେ ବିଚକ୍ଷଣ ଅଥଚ ପ୍ରତିଭାବାନ ସ୍ରଷ୍ଟା। ସେ ଯେହେତୁ ସାଧାରଣ ଜନଜୀବନ ଭୋଗନ୍ତି, ସେହି ଜନଜୀବନର ସ୍ୱର ତାଙ୍କ କବିତାମାନଙ୍କରେ ସ୍ୱତଃ ପ୍ରତିଭାତ। ଭୋଗ ଓ ଲେଖ, ତାଙ୍କ କବିତାର ଏକ ଚମତ୍କାର ବିସ୍ମୟ। ସୁଖଦୁଃଖ, ଜୀବନ ଯନ୍ତ୍ରଣା, ପ୍ରେମ, ବିରହ, ସଂଘର୍ଷ ଆଦିକୁ ସେ ଉତାରନ୍ତି କବିତାରେ, ନିଜସ୍ୱ ଢଙ୍ଗରେ।

ରଜତଙ୍କ କବିତା ଗୁଡ଼ିକରେ ରହିଛି ମାନବୀୟ ସମ୍ବେଦନା, ହତାଶାବୋଧ, ଆଶା ଓ ଆକାଂକ୍ଷା, ଯାହା କିଛି ବ୍ୟକ୍ତ, କିଛି ଅବ୍ୟକ୍ତ ଶବ୍ଦ; କିଛି ଦୃଶ୍ୟମାନ, କିଛି ଅଦୃଶ୍ୟ ଚିତ୍ରକଳ୍ପ; ପ୍ରେମର ଅସ୍ତିତ୍ୱ, ମୃତ୍ୟୁ ଚେତନା, ଚିନ୍ତନରେ ନବୀନତା। କିଛି କବିତାର ଛନ୍ଦ ମଧ୍ୟରେ ଆପଣ ବାରି ପାରିବେ ସାଙ୍ଗିତିକତା। ତାଙ୍କ କବିତାରେ ସହଜରେ ବାରି ହୁଏ ଭାବ ପ୍ରବଣତା। ଲେଖିଲା ବେଳେ ସେ ଏତେଟା ସଚେତନ ନୁହନ୍ତି। ତେଣୁ ଭାବ ଓ କବିତା ପ୍ରତି ବେଶୀ ଦୁର୍ବଳ ସେ। ଯାହା ଫଳରେ କବିତା ଲାଗେ ଖୁବ୍ ସତ ଓ ଶାଶ୍ୱତ। କବିତାରେ ଜୀବନର ଅନେକ ଅକୁହା କଥା ଉପସ୍ଥାପିତ, ଯାହା ଲାଗିବ କବିଙ୍କ ଜୀବନରେ ଘଟି ଚାଲିଛି।

ଏ କବିର ଠିକଣା ନାହିଁ, ଏ କବିର କୌଣସି ନିର୍ଦ୍ଦିଷ୍ଟ ବିଚରଣ ସ୍ଥାନ ନାହିଁ। ତାଙ୍କ କବିତା ଗୁଡ଼ିକୁ ଲକ୍ଷ୍ୟ କଲେ ଲାଗିବ, ସେ ଏକ ଯାଯାବର ଯୁବକ, ଯିଏ ନିଜ ପୃଥିବୀରେ ମସଗୁଲ ନିଜସ୍ୱ ଭାବନାରେ।

ତେବେ ତାଙ୍କର ପ୍ରଥମ କବିତା ସଙ୍କଳନ ତାଙ୍କ କଞ୍ଚା ହାତକୁ ଆହୁରି ପରିପୁଷ୍ଟ କରୁ ଏତିକି କାମନା।

## ତରୁଲତା

ମନୋଜ ମହାନ୍ତି



*(ପୂର୍ବପ୍ରକାଶ ଉତ୍ତାରୁ)*

ଆକାଶରେ ଉଡ଼ିବା କ'ଣ ଏତେ ସହଜ ଶ୍ରୀଚରଣ? - ନୁହେଁ ନା!

ଉଡ଼ିପାରିଲି ନାହିଁ ମିଛ ଆକାଶରେ! ଆକାଶଟା ସାରା ଯେଉଁ ନୀଳ ସେଇଟା ଗୁଡ଼େ ଶୂନ୍ୟତା ଶ୍ରୀଚରଣ। ଯେଉଁଦିନ ଜାଣିଲି ସେଦିନ ମାଟିରେ କଚାଡ଼ି ହୋଇପଡ଼ିଲି! ଗର୍ଭପାତର ଘୃଣିତ ଯନ୍ତ୍ରଣା ମୋତେ କଠୋର କଲା... ଖୁବ୍ କଠୋର।

ମା କାନ୍ଦିଲା ନାହିଁ। ବାପା ଦୁଃଖ କଲେ ନାହିଁ। ମା ମୋ ମୁଣ୍ଡରେ ହାତ ରଖିଲା, କହିଲା - ଧଳା ଶାଢ଼ୀ ପିନ୍ଧ... ସ୍ୱାଧୀ ହୋଇଯା'! ଏଇଟା ହିଁ ସାଧୁ ନାଥଶର୍ମାଙ୍କ ଆଦେଶ!

ମୁଁ ଦେଖିଚି ଶ୍ରୀଚରଣ ନିଜ ମା ସହ ନାଥଶର୍ମାର ଅନୈତିକ ଦେହଜ ଖେଳ। ମୁଁ ଆହୁରିବି ଦେଖିଚି ଶ୍ରୀଚରଣ ବାପାଙ୍କ ସହ ଆଶ୍ରମର ତରୁଣୀମାନଙ୍କ ଗୋଟେ ଶେଯର ଅନ୍ତରଙ୍ଗ ଦୃଶ୍ୟ!

ସେମାନେ ନାଥଶର୍ମାର ଅଭୟ ଆଶ୍ରୟରେ ସର୍କାରୀ ଡିଲ୍ କରାଇ ନେଉଥିଲେ। ସେମାନେ ଭୋଗରେ ଥିଲେ ଶ୍ରୀଚରଣ, ଆଉ ମୋତେ ତ୍ୟାଗ ପାଇଁ ଜୋର୍ କରାଯାଉଥିଲା!

ପୂନେଇ ତିଥିର ଜହ୍ନ ଉଠିଥିଲା ଆକାଶରେ। ମା କହିଲା ଏଇ ପୂର୍ଣ୍ୟ ତିଥିରେ କୁଆଡ଼େ ବୁଦ୍ଧ ସନ୍ୟାସ ନେଇ ସ୍ତ୍ରୀ-ପିଲା, ରାଜ୍ୟର ମୋହ ଛାଡ଼ି ଚାଲି ଯାଇଥିଲେ ଜ୍ଞାନର ଅନ୍ୱେଷଣରେ! କେଉଁ ମିଛ ଜ୍ଞାନର ଅନ୍ୱେଷଣରେ ଶ୍ରୀଚରଣ?

କେଉଁ ଜ୍ଞାନର ଅନ୍ୱେଷଣର ମୁଁ ଶ୍ୱେତବସ୍ତ୍ର ପିନ୍ଧିଲି ଶ୍ରୀଚରଣ? ମୁଁ ଦେବୀ ହେଇଗଲି ଶ୍ରୀଚରଣ ମୁଁ ସ୍ୱାଧୀ ହେଇଗଲି। ସହର ଛାଡ଼ିଲା ବେଳକୁ ବିରାଟ ଗୋଟେ ଜନଗହଳି ମୋତେ ଲୁହ-ଲୁହ ଆଖିରେ ବିଦାୟ ଜଣାଇ ସହରର ଶେଷ ବରଗଛଠୁଁ ଫେରିଯାଇଥିଲେ।

ଏ ଆଶ୍ରମରେ ତୁମେ ମୋର ପ୍ରଥମ ଆଉ ଶ୍ରେଷ୍ଠ ସେବିକା ତରୁଲତା! ତୁମେ ସ୍ୱାଧୀ, ଦେବୀ... ମୁଁ ଦେବ! ଆଶ୍ରମର ଅଲୌକିକ ଶକ୍ତି ଭେଦୀ କାହାର ବି ସାମର୍ଥ୍ୟ ନାହିଁ ତରୁଲତା ଆମ ସମ୍ପର୍କରେ ନିଆଁ ଝୁଲଟେ ଜାଳିବାକୁ। ଧର୍ମର କୁହେଳିରେ ତୁମେ ବେଶ୍ ନିରାପଦ ଆଉ ବନ୍ଦୀ! ଅବଶିଷ୍ଟ ତୁମର ସମସ୍ତ ଆୟୁଷ କେବଳ ମୋର!



ସେ ତିକ୍ତ ଅନୁଭୂତି ତୋତେ କହିପାରିବି ନାହିଁ ଶ୍ରୀଚରଣ। ସେ ପଶୁତୁଲ୍ୟ ଆକ୍ରମଣରେ ମୋର କେବଳ ଦେହ ନୁହେଁ ହୃଦୟଟାବି ରକ୍ତାକ୍ତ ହୋଇଥିଲା। ସେଇଠି ମୁଁ କାହାକୁ ଖୋଜିଥିଲି ଶ୍ରୀଚରଣ? ବାପା, ମା, ଜ୍ଞାତି ପରିଜନ! ନା... ସେମାନଙ୍କ ପାଇଁ ମୁଁ ମରି ସାରିଥିଲି। ତରୁଲତା ମରିସାରିଥିଲା! ଧର୍ମଟେ ନିଆଁ ହେଇ ଜଳୁଥିଲା ମୋ ଭିତରେ... ମୋ ଦେହରେ!

ମୁଁ ସ୍ୱାଧୀ ବୋଲାଇଲି, ପ୍ରବଚନ ଶିଖିଲି। ସେ ମିଛ ସାଧନାରେ ମୋତେ ମିଳିଲା କ'ଣ? ବୟସ ବଢ଼ିଲା ମୋର ବାପା - ମା ମରିହଜି ଗଲେ। ସବୁ ସଂପତ୍ତିର ଉଇଲ୍‌ନାମା ଆଶ୍ରମ ନାଁରେ କରି ଯାଇଥିଲେ। ଏବେ ମୋତେ ପଛକରି ଅନେକ ସେବିକା ଆସିଲେ। ମୁଁ ଅନୁଭବ କଲି ମୁଁ ଅଲୋଡ଼ା ହୋଇଯାଉଚି। ମୋର ଆଉ ଗୁରୁତ୍ୱ କି ଅସ୍ତିତ୍ୱ ରହୁନାହିଁ। ଅବହେଳାର ଶୀକାର ହେବା ଆଗରୁ... ମୁଁ!

ସେ କଥା ରଖିଲା ସେଇଠି। ଦୁଇଟା କାଚ ଗ୍ଲାସରେ ମଦ ଢ଼ାଳିଲା, ସୋଡ଼ା ଢ଼ାଳିଲା। ଆମେ ନୀତିରେ ଥିଲୁ ନା ଅନୈତିକରେ ଥିଲୁ? ସେ କହିଲା - ଅବହେଳିତ ଅନୁଭବ କଲାପରେ ନିଶାରେ ବେଶି ସମୟ ରହୁଥିଲି ଶ୍ରୀଚରଣ... ଚବିଶ ଘଣ୍ଟା! ସେ ହସିଲା - ହସ ଭିତରେ ଗୁମୁରି କାନ୍ଦିଲା। ମୋ ଓଠରେ ଥାପି ଦେଲା ତା'ର ମଦଭରା ଓଠ। ମୋ ହୃଦୟ ବିଦାରୀ କେହିଜଣେ ବାହାରି ଆସିଲା। ସେ କିଏ? ନା... ସେ କଦାପି ଗୋଟେ ଧର୍ମ ନଥିଲା ଯାହା ମଣିଷକୁ ପଙ୍ଗୁ କରିଦିଏ ଅଥର୍ବ କରିଦିଏ?

ମୁଁ ଶ୍ରୀଚରଣ... କିଶୋର ଶ୍ରୀଚରଣ ପ୍ରେମରେ ଅପରିପକ୍ୱ ଶ୍ରୀଚରଣ! ତା'ଦେହ ଭିତରେ ଖୋଜିଲି ଅଠର ବର୍ଷର ତରୁଲତାକୁ! ସେଠି ଆଉ ନାଥଶର୍ମା ନଥିଲା ମୋ ହୃଦୟକୁ ଟୁକୁଡ଼ା କରିଦେବାକୁ! ସେ ଧିରେ କହିଲା - ସେ ମରିସାରିଚି!

ନାଥଶର୍ମା କୁ ତୁ ହିଁ ମାରି ଦେଇଚୁ ଶ୍ରୀଚରଣ... ତୁ! କୈଶୋର ବୟସରୁ ତା ପ୍ରତିଥିବା ତୋର ଘୃଣା, ମୋତେ ଏକପାଖିଆ ଭଲପାଉଥିବା ତୋର ପ୍ରେମ, ପ୍ରତିଶୋଧ ପାଲଟି ଯାଇଥିଲା ଶ୍ରୀଚରଣ, ତୋ ଅଜଣାତରେ! ମଦ ନିଶାରେ ଛୁରିଟାକୁ ଠିକ୍ ତା' କଲିଜା ପାଖରେ ଭୁକାଇ ଦେଇ ଚାହିଁଥିଲୁ ମୋତେ ଚିରଦିନ ପାଇଁ ଧର୍ମ ନାମକ ନର୍କରୁ ମୁକ୍ତ କରି ଦେବାକୁ! ହେଲେ କେଉଁ ପାରିଲୁ ଯେ!

ସକାଳକୁ ମୁଁ ଶୋଇଥିଲି
ବରଗଛର ଚନ୍ଦିନୀ ଉପରେ!

(ସମାପ୍ତ)

ଜୁନାଗଡ଼, କଳାହାଣ୍ଡି-୭୬୬୦୧୪
ଦୂରଭାଷ : ୯୪୩୭୩୨୮୭୫୮

୬
ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର
ପରିକ୍ରମା
ଭୁବନେଶ୍ୱର, ୧୨ - ୧୮ ମଇ, ୨୦୨୫
ପରିକ୍ରମା

## ବିକାଶ କେବେ ଦେଖିବ ସୋନୁବାଡି ?

# ପାନୀୟ ଜଳ ଯୋଗାଣର ନାହିଁ ବ୍ୟବସ୍ଥା, ଆବାସ ଆଜି ବି ସାତସପନ



**ବାଲିଗୁଡା :** ବାଲିଗୁଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁଦ୍ରା ପଞ୍ଚାୟତର ଅଭିଶପ୍ତ ଗାଁ ସୋନୁବାଡ଼ି। ଚାରି ଆଡ଼େ ପାହାଡ଼, ପର୍ବତ ମଝିରେ ଗାଁ। ଗାଁକୁ ଯିବାକୁ ହେଲେ ମୁଖ୍ୟ ସଡ଼କ ତଥା ସୁଦ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ପାଖାପାଖି ୩ କିଲୋମିଟର ପଥୁରିଆ ଖାଲଢିପ ଜଙ୍ଗଲି ରାସ୍ତା ଦେଇ ବିପଦଶଙ୍କୁଳ ଭାବେ ଯିବାକୁ ପଡ଼େ। ଯେଉଁଠି ରୁହନ୍ତି ୪୦ ଆଦିବାସୀ ପରିବାର। ଯେଉଁମାନଙ୍କ ଜୀବନ ଜୀବିକା କହିଲେ ଜଙ୍ଗଲ ଜାତ ଦ୍ରବ୍ୟ। ଗାଁ କୁ ଜରୁରୀ ସେବା ସାତସପନ। ଆଜି ବି ପହଞ୍ଚି ପାରିନାହିଁ ଆମ୍ବୁଲାନ୍ସ ସେବା। ଯଦି କେବେ ଆମ୍ବୁଲାନ୍ସ ଗାଡ଼ି ଆସେ ତାହେଲେ ପଂଚାୟତ କାର୍ଯ୍ୟାଳୟ ନିକଟରେ ରହୁଛି। ସନୁବାଡ଼ିରେ ପାନୀୟ ଜଳ ସମସ୍ୟା ନୁହେଁ ଯନ୍ତ୍ରଣା। ୪୦ ଆଦିବାସୀ ପରିବାର ପାଇଁ ଅଛି ଏକ ମାତ୍ର ନଳକୂପ। ଯାହାର ପାଣି ଅଞ୍ଚଳବାସୀଙ୍କ ପାଇଁ ନିଅଣ୍ଟ। ସେଥିପାଇଁ ପାନୀୟ ଜଳ ଭାବେ ଲୋକେ ଚୂଆ ପାଣିକୁ ବୁଝାଏ। ପଥୁରିଆ ଚୁଆ ଭିତରେ ପସି ପାଣି ସଂଗ୍ରହ କରନ୍ତି ମହିଳା। ପୂର୍ବ ସରକାର ବସୁଧା ଯୋଜନା ନାମରେ ପ୍ରଚାର ପ୍ରସାର କଲେ କିନ୍ତୁ ବାସ୍ତବ ଚିତ୍ର ସଂପୂର୍ଣ୍ଣ ଅଲଗା। ଆଜିବି ଗାଁର ୪୦ ଆଦିବାସୀ ପରିବାର ଚୁଆ ପାଣି ଭରଷାରେ ଜୀବନ ଅତିବାହିତ କରୁଛନ୍ତି। ଆଗାମୀ ପିଢ଼ିର ଭବିଷ୍ୟତ କଥା ଭାବି ନିଘନ ଘଞ୍ଚ ଜଙ୍ଗଲ ପାହାଡ ତଳେ ନିଶବ୍ଦ ଅନ୍ଧାରରେ ଖୋଜୁଛନ୍ତି ନିଜ ପିଲାଙ୍କ ଭବିଷ୍ୟତ। ଗାଁରେ ଏକ ପ୍ରାଥମିକ ବିଦ୍ୟାଳୟ ଥିଲା ଓ ବିଭିନ୍ନ ଆଳ ଦେଖାଇ ତତ୍‌କାଳୀନ ସରକାର ୨୦୧୭ ମସିହାରେ ବିଦ୍ୟାଳୟ ଟିକୁ ବନ୍ଦ କରିଦେଲେ। ଆଜି ଯାଏ କୌଣସି ପ୍ରଶାସନିକ ଅଧିକାରୀ, ବାଲିଗୁଡା ବିଧାୟକ ଚକ୍ରମଣି କହଁର ଅବା ବ୍ଲକ ଅଧିକାରୀଙ୍କ ପାଦ ପଡିନି ଗାଁରେ। ଦୁର୍ଗମରେ ବିକାଶ ବାଟବଣା ଏହାର ପ୍ରମାଣ ସୋନୁବାଡ଼ି। ଗାଁ ପ୍ରମାଣ କରୁଛି ବିକାଶର ନଗ୍ନତା। ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ସୁବିଧାରୁ ବଞ୍ଚିତ ଅଞ୍ଚଳବାସୀ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅପରେସନ ...

ସେହି ଶକ୍ତିରେ ପିଓକେକୁ ପୁଣି ଥରେ ହାସଲ କରିବାର ସମୟ ଆସିଛି। ଭାରତରେ ଅଶାନ୍ତି ସୃଷ୍ଟି କରିବା ପାଇଁ ପାକିସ୍ତାନ ଦୀର୍ଘ ସମୟ ଧରି ଆତଙ୍କବାଦୀମାନଙ୍କୁ ତାଲିମ ଶିବିର ଚଳାଇବା ପାଇଁ ପାକ ଅଧିକୃତ କାଶ୍ମୀରର ଭୂମି ଦେଇ ଆସୁଛି। କିନ୍ତୁ ମେ ୭ ତାରିଖରେ ଭାରତୀୟ ସେନା ପିଓକେର କୋଟଲି ଏବଂ ମୁଜାଫରାବାଦରେ ଅବସ୍ଥିତ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରି ଏହାକୁ ଧ୍ୱଂସ କରିଦେଇଥିଲା। କୋଟଲିର ମର୍କଜ ଆବାସ ହରକତ-ଉଲ-ମୁଜାହିଦ୍ଦିନର ଘାଟି ଥିଲା ବେଳେ, ମସ୍କାର ରହିଲ ସହିଦରେ ବନ୍ଧୁକ ତାଲିମ ଦିଆଯାଇଥିଲା। ମୁଜାଫରାବାଦର ସୱାଇ ନାଲା କ୍ୟାମ୍ପ ଲସ୍କର-ଏ-ତୋଇବାର ଏବଂ ସୟଦନା ବିଲା ମର୍କଜ ଜୈଶ-ଏ-ମହମ୍ମଦର ଆଧାର ଥିଲା। ଏହି ଆତଙ୍କବାଦୀ ଘାଟିଗୁଡ଼ିକରୁ କେବଳ ଜମ୍ମୁ-କାଶ୍ମୀରରେ ନୁହେଁ ବରଂ ଭାରତ ଭିତରେ ମଧ୍ୟ ଆତଙ୍କ ପ୍ରସାର କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଉଲ୍ଲେଖନୀୟ ଯେ ବିଶ୍ୱର ସମସ୍ତ ଦେଶର ରାଷ୍ଟ୍ରମୁଖ୍ୟ ଭାରତୀୟ ସେନାର ଅପରେଶନ 'ସିନ୍ଦୂର' ଅଭିଯାନକୁ ସମର୍ଥନ କରିଛନ୍ତି। ଏହି ଅପରେଶନ ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ କରାଯାଇଥିଲା। ବ୍ରିଟେନ, ଫ୍ରାନ୍ସ, ଇସ୍ରାଏଲ, ନେଦରଲ୍ୟାଣ୍ଡ ଏବଂ ଆମେରିକା ସମେତ ଅନେକ ୟୁରୋପୀୟ ଦେଶ ଆତଙ୍କବାଦ ବିରୋଧରେ ଭାରତ ସହିତ ଏକତା ପ୍ରଦର୍ଶନ କରିଛନ୍ତି। ଯେତେବେଳେ ଭାରତ ପାକିସ୍ତାନ ଭିତରେ ଆତଙ୍କବାଦୀ ଶିବିର ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ନଷ୍ଟ କରିବା ଆରମ୍ଭ କଲା, ସେତେବେଳେ ମଧ୍ୟ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ପାକିସ୍ତାନକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ। ଜେଡି ଭାନ୍ସ କହିଛନ୍ତି ଯେ ଆମେରିକା ଚାହୁଁଛି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ ହେଉ କିନ୍ତୁ ଏହି ପ୍ରସଙ୍ଗ ମୂଳତଃ ଆମର ନୁହେଁ। ଏହି ସଙ୍କେତ ସ୍ପଷ୍ଟ ଯେ ଆମେରିକା ଏକ ପ୍ରକାରେ ମଧ୍ୟସ୍ଥତା କରିବାକୁ ମନା କରିଦେଇଛି। ଏହାର ଅର୍ଥ ହେଉଛି ଭାରତ ନିଜେ ପାକିସ୍ତାନ ସହିତ ତାର ଜ୍ଞାନ ଏବଂ ରଣନୈତିକ ଶକ୍ତି ସହିତ ମୁକାବିଲା କରିବା ଉଚିତ, ଏବଂ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏହି ସମୟରେ, ପିଓକେ ପ୍ରସଙ୍ଗ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଛି କାରଣ ଏହା ଭାରତୀୟ ଭାବନାର ମିଶନର ଏକ ଅଂଶ। ପିଓକେ ଅନ୍ତର୍ଭୁକ୍ତ ନ ହେଲେ ଜମ୍ମୁ ଏବଂ କାଶ୍ମୀରର ଐତିହ୍ୟ ଅସମ୍ପୂର୍ଣ୍ଣ। ପିଓକେ ପ୍ରସଙ୍ଗ ସଂସଦ ଭିତରେରୁ ସଂସଦ ବାହାରେ ଉଷ୍ମ ରହିଛି। ଜମ୍ମୁ ଏବଂ କାଶ୍ମୀର ପୁନର୍ଗଠନ ଆଇନ ୨୦୧୯ର ଉଦ୍ଦେଶ୍ୟ ହେଉଛି ପିଓକେରେ ନିର୍ଯାତନାର ଶିକାର ହୋଇ ଏଠାକୁ ଆସିଥିବା ଶରଣାର୍ଥୀଙ୍କୁ ସ୍ଥିରତା ପ୍ରଦାନ କରିବା।

### ତୁର୍କୀର ପର୍ଯ୍ୟଟନ ...

୪୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିବାରୁ, ସୋସିଆଲ ମିଡିଆ ଏବଂ ଚଳଚ୍ଚିତ୍ର ମାଧ୍ୟମରେ ଲୋକପ୍ରିୟତା ସେମାନଙ୍କୁ ତୁର୍କୀ ଏବଂ ଆଜରବାଇଜାନକୁ ଆକର୍ଷିତ କରୁଛି। ସବୁଠାରୁ ଭଲକଥା ହେଉଛି ଯେ, ଆଜରବାଇଜାନ ଏବଂ ତୁର୍କୀ ଭାରତୀୟମାନଙ୍କ ପାଇଁ ଭିସା ସୁବିଧା ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଏପରିକି ଏୟାରଲାଇନ୍ସ ମଧ୍ୟ ସୁଗମ ଯାତ୍ରା ପାଇଁ ପ୍ରମୁଖ ଭାରତୀୟ ସହର ଏବଂ ବାକୁ/ଇସ୍ତାନବୁଲ ମଧ୍ୟରେ ବିମାନ ରୁଟ୍ ବୃଦ୍ଧି କରିଛନ୍ତି। ଭାରତ ଯୋଗୁଁ, ତୁର୍କୀ ଏବଂ ଆଜରବାଇଜାନରେ ୨୦,୦୦୦ ପ୍ରତ୍ୟକ୍ଷ ପର୍ଯ୍ୟଟନ ନିଯୁକ୍ତି ସୃଷ୍ଟି ହୋଇଛି। ପରୋକ୍ଷ ନିଯୁକ୍ତି ୪୫,୦୦୦-୬୦,୦୦୦ରୁ ଅଧିକ। ଏହା ସହିତ, ଗତ ୪ ବର୍ଷ ମଧ୍ୟରେ ତୁର୍କୀ ଆତିଥ୍ୟ କ୍ଷେତ୍ରରେ ଭାରତୀୟ ନିବେଶ ୩୫% ବୃଦ୍ଧି ପାଇଛି। ବିବାହ, ପରିବାର ଯାତ୍ରା, ବିଳାସପୂର୍ଣ୍ଣ ସପିଂ, ମନୋରଞ୍ଜନ, ଚିକିତ୍ସା ପର୍ଯ୍ୟଟନ ଠାରୁ ଆରମ୍ଭ କରି, ଭାରତୀୟମାନେ କେବଳ ଅଧିକ କାରଣ ପାଇଁ ଏହି ଦେଶଗୁଡ଼ିକୁ ପରିଦର୍ଶନ କରୁଛନ୍ତି। ବର୍ତ୍ତମାନ, ଅପରେସନ ସିନ୍ଦୁର ପରେ, ତୁର୍କୀ ଏବଂ ଆଜରବାଇଜାନ ସ୍ପଷ୍ଟ ଭାବରେ ପାକିସ୍ତାନକୁ ସମର୍ଥନ କରିଛନ୍ତି ଏବଂ ଭାରତ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି। ସେମାନେ ପହଲଗାମ ଆତଙ୍କବାଦୀ ଆକ୍ରମଣର ନିରପେକ୍ଷ ତଦନ୍ତ କରିବା ପାଇଁ ପାକିସ୍ତାନର ଦାବିକୁ ମଧ୍ୟ ସମର୍ଥନ କରିଛନ୍ତି। ଏହି ଦୁଇଟି ଦେଶ ବ୍ୟତୀତ ଭାରତ ଏବଂ ବିଶ୍ୱର ବିଭିନ୍ନ ଦେଶରେ ଭ୍ରମଣ ପାଇଁ ବହୁତ ସୁନ୍ଦର ସ୍ଥାନ ଅଛି। ପରବର୍ତ୍ତୀ ସମୟରେ, ଯେତେବେଳେ ଆପଣ ସପ୍ତାହାନ୍ତ କିମ୍ବା ଲମ୍ବା ଯାତ୍ରା ପାଇଁ ଯୋଜନା କରିବେ, ନିଶ୍ଚିତ ଭାବରେ ଏହି ଦୁଇଟି ଦେଶକୁ ନଯିବା ଠିକ୍ ହେବ। (ସୋସିଆଲ ମିଡିଆ)

### ଜଣକୁ ଧର ...

ମାନଙ୍କ ନଥି ଖୋଜାଯାଉଛି। ବର୍ଷେ ତଳର ଦୁଇବର୍ଷ ତଳର ଏଭଳି ପଛକୁ ପଛ ଅନେକ ବର୍ଷର ଫାଇଲ ଖୋଜା ଚାଲିଛି ହେଲେ ସବ-ପ୍ଲଟ ବିକ୍ରି ନେଇ କୌଣସି ସ୍ୱଚ୍ଛ ନିୟମ ଆଣିପାରୁନି ରାଜସ୍ୱ ବିଭାଗ। ମନ୍ତ୍ରୀ ବୋଧେ ପ୍ରକୃତ ଘଟଣାକୁ ବୁଝିନପାରି ସମାଧାନର ରାସ୍ତା ବାହାର ନକରିବାକୁ ନେଇ ସନ୍ଦେହ ଘନେଇଛି। ଯଦି ଅପରାଧ କରିଥିବା ସବ-ରେଜିଷ୍ଟ୍ରାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚାଲିଛି ସେଥିରେ ଜଣେ ଦୋଷୀ ଦଣ୍ଡିତ ବା ସସ୍‌ପେଣ୍ଡ ହେଉଥିଲା ବେଳେ ଆଉଜଣେ ଦୋଷୀ ଖସି ଯାଉଛି କିପରି। ଏହାର ବଡ଼ ଉଦାହରଣ ହେଉଛି ଭୁବନେଶ୍ୱର ଜିଲ୍ଲା ସବରେଜିଷ୍ଟ୍ରାର ଜ୍ଞାନ ବାବୁଙ୍କ କଥା। ତାଙ୍କ ସମୟରେ ପ୍ରବଳ ଗଳା ବାଟ କାର୍ଯ୍ୟ ଚାଲିଥିଲା ବେଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ, ଏହା ପଛର କାରଣ କଣ କେହି ବୁଝିପାରୁନାହାନ୍ତି। ଯାହାକୁ ନେଇ ମନ୍ତ୍ରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠୁଛି। ସରକାରୀ ତଥ୍ୟ ଅନୁସାରେ ସର୍ବାଧିକ ସବ୍-ପ୍ଲଟ୍ ଜିଲ୍ଲା ଏବଂ ରାଜ୍ୟରେ ଜ୍ଞାନ ବାବୁ ପଞ୍ଜୀକରଣ କରିଛନ୍ତି। ଲୋକେ କହିଲେଣି ଜ୍ଞାନ ବାବୁ ମନ୍ତ୍ରୀଙ୍କ ଲୋକ ବୋଲି ଦଣ୍ଡରୁ ବର୍ତ୍ତି ଯାଇଛନ୍ତି। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ କିଛି ତଥ୍ୟ ଯାହାକି ସାମାଜିକ କର୍ମୀ ବିମଳେନ୍ଦୁ ପ୍ରଧାନ ପୋଷ୍ଟ କରିଛନ୍ତି। ସେଥିରେ ସବ୍‌ପ୍ଲଟ୍ ବିକ୍ରିକୁ ନେଇ ଦୀର୍ଘ ୧୨ ବର୍ଷ ହେଲା ରାଜ୍ୟ ସରକାର ସାଧାରଣ ଜନତାଙ୍କୁ କିଭଳି ଭୂଆଁ ବୁଲାଉଛନ୍ତି ତାହାର ସବିଶେଷ ତଥ୍ୟ ରହିଛି।

### ସେନାକୁ ଦୃଢ଼ ...

ରାଜ୍ୟପାଳ ସୂଚନା ଦେଇ କହିଥିଲେ ଯେ ସଶସ୍ତ୍ର ବାହିନୀ ଅପରେସନ ସିନ୍ଦୂର ଆରମ୍ଭ କରିଛି, ଯେଉଁଥିରେ ସୀମାପାର ଆତଙ୍କବାଦୀ ଶିବିର ଗୁଡ଼ିକୁ ଟାର୍ଗେଟ କରି ସଠିକ୍ ଆକ୍ରମଣ କରାଯାଇଛି। ଆମର ସାହସୀ ସୈନିକମାନେ ଆମର ସାର୍ବଭୌମତ୍ୱକୁ ରକ୍ଷା କରିବା ଆଗଧାଡିରେ ଛିଡ଼ା ହୋଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମକୁ ସେମାନଙ୍କ ପଛରେ ଦୃଢ଼ ଭାବରେ ଛିଡ଼ା ହେବାକୁ ପଡ଼ିବ ବୋଲି ରାଜ୍ୟପାଳ କହିବା ସହିତ ସମସ୍ତେ ପରଲୋକଗତ ଏବଂ ଆହତଙ୍କ ପାଇଁ ପାର୍ଥନା କରିବାକୁ କହିଥିଲେ ଏବଂ ଶିକ୍ଷାନୁଷ୍ଠାନ ଗୁଡିକ ଏକତା ପ୍ରଦର୍ଶନ କରିବା ନିମନ୍ତେ ଜାତୀୟ ପତାକା ଉଡ଼ାଇବାକୁ କହିଥିଲେ। ବିଶ୍ୱାସ, ଭାଷା ଏବଂ ରୀତିରେ ବିବିଧତା ଥିଲେ ମଧ୍ୟ ଆମର ରାଷ୍ଟ୍ର ଏବଂ ଏହାର ମୂଲ୍ୟବୋଧକୁ ରକ୍ଷା କରିବା ପାଇଁ ଆମେ ଏକତାବଦ୍ଧ ବୋଲି ବାର୍ତ୍ତା ଦେବାକୁ ଆହ୍ୱାନ ଜଣାଇଥିଲେ। ସାଧାରଣ ନାଗରିକ ଏବଂ ସୈନିକ ସମେତ ପୀଡ଼ିତ ପରିବାରଙ୍କୁ ଗଭୀର ସମବେଦନା ଜଣାଇବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେ। ଭାରତ କେବେ ଆତଙ୍କବାଦ ଆଗରେ ନତ ହେବନାହିଁ। ଆମର ଶକ୍ତି, ଆମର ଏକତା ଏବଂ ଆମକୁ ସୁରକ୍ଷା ଦେଉଥିବା ଲୋକଙ୍କ ପ୍ରତି ଆମର ଅଟଳ ସମର୍ଥନ ରହିଛି ବୋଲି ସମଗ୍ର ବିଶ୍ୱକୁ ବାର୍ତ୍ତା ଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବୈଠକରେ ଯୋଗଦେଇ ଉଦବୋଦନ ଦେଇ କହିଥିଲେ ଯେ ଆତଙ୍କବାଦ ମାନବତା ବିରୁଦ୍ଧରେ ଏକ ଯୁଦ୍ଧ। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଯେତେବେଳେ ଦେଶକୁ ଆବଶ୍ୟକତା ପଡ଼ିଥାଏ, ସେତେବେଳେ ସମସ୍ତ ଗୋଷ୍ଠୀ କିପରି ଏକାଠି ହୁଅନ୍ତି ବୋଲି ଅବତାରଣା କରିବା ସହିତ ଅବଦୁଲ ହମିଦଙ୍କ ସାହସିକତା ଏବଂ ବଳିଦାନର ଉଦାହରଣ ଦେଇଥିଲେ। ଭାରତୀୟ ଭାବେ ଆମର ସର୍ବୋତ୍ତମ ପରିଚୟ ରହିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି କହିବା ସହିତ ସମସ୍ତେ ଏକଜୁଟ ହୋଇ ଦେଶ ପାଇଁ ନିଜର କର୍ତ୍ତବ୍ୟ ନିଭାଇବାକୁ ଆହ୍ୱାନ ଜଣାଇଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପ୍ରତିରକ୍ଷା ବିଭାଗରେ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଭିଜନ ...

ସଂସ୍କୃତି ଓ ଐତିହ୍ୟ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ମାନେ ଯୋଗଦେଇ ନିଜନିଜର ଚିନ୍ତାଧାରା ପ୍ରକାଶ କରିବା ସହିତ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ସେ କହିଲେ ଯେ, ୨୦୩୬ ସୁଦ୍ଧା ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ୩୬ଟି ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ ଚିହ୍ନଟ କରାଯାଇଛି। ଏହା ଏକ ରଣନୈତିକ ପଦକ୍ଷେପ। ଏହି ପଦକ୍ଷେପ ହେଉଛି '୩୬ ଲକ୍ଷ୍ୟ ୩୬'। ଏହି ପଦକ୍ଷେପ ଓଡ଼ିଶାର ଅଭିବୃଦ୍ଧିର ଯାତ୍ରାକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଭିଜନ ହାସଲ ପାଇଁ ସମ୍ପୂର୍ଣ୍ଣ ସରକାର ଆଭିମୁଖ୍ୟରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଅର୍ଥନୀତି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ପର୍ଯ୍ୟଟନ, ବିଜ୍ଞାନ ଓ ଗବେଷଣା, ଅଭିନବ ଚିନ୍ତାଧାରା, ମହିଳା ସଶକ୍ତି କରଣ, ଗ୍ରାମ ବିକାଶ, ଆଦିବାସୀ କଲ୍ୟାଣ, ଓଡ଼ିଆ ଭାଷା, ସଂସ୍କୃତି ଓ ଅସ୍ମିତାର ପ୍ରସାର ଆଦି ୩୬ଟି କ୍ଷେତ୍ରରେ ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ପଦକ୍ଷେପ ମାନ ଗ୍ରହଣ କରାଯିବ। ସେ ପୁଣି କହିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପ୍ରେରଣାଦାୟୀ ନେତୃତ୍ୱରେ ଦେଶ ଏକ ବିକଶିତ ଭାରତ ହେବା ଲକ୍ଷ୍ୟରେ ଅଗ୍ରସର ହେଉଛି। ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ, ଆମ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି। ୨୦୪୭ ସୁଦ୍ଧା ଆମ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଓଡିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସେ ପୁଣି କହିଲେ ଯେ, ଆମର ଭିଜନ ୨୦୩୬ ଏବଂ ୨୦୪୭ ଡକୁମେଣ୍ଟ ହେଉଛି ଏକ ସମୃଦ୍ଧ, ବିକଶିତ ଏବଂ ଗର୍ବିତ ଓଡ଼ିଶା ଗଠନ ପାଇଁ ଆମର ମହତ୍ୱାକାଂକ୍ଷୀ ସଂକଳ୍ପ - ଏକ 'ବିକଶିତ ଓଡ଼ିଶା' ଯାହା 'ବିକଶିତ ଭାରତ' ମଧ୍ୟରେ ଏକ ଉଜ୍ଜ୍ୱଳ ତାରକା ଭାବରେ ଉଦୀୟମାନ ହେବ। ଡକୁମେଣ୍ଟ ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ପ୍ରଧାନମନ୍ତ୍ରୀଙ୍କ 'ଜନ ଭାଗିଦାରୀ' ଦର୍ଶନକୁ ସମର୍ଥନ କରି ଆମେ ପରାମର୍ଶ ପାଇଁ ଦ୍ୱାର ଖୋଲିଥିଲୁ ଏବଂ ଓଡ଼ିଶାର ନାଗରିକ ଓ ପ୍ରବାସୀ ଓଡ଼ିଆଙ୍କ ଠାରୁ ୩.୨ ଲକ୍ଷରୁ ଅଧିକ ପ୍ରସ୍ତାବ ମିଳିସାରିଛି । ଆମର ଭିଜନ ଡକ୍ୟୁମେଣ୍ଟ ଲୋକଙ୍କ ପାଇଁ ଏବଂ ଲୋକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ଏହି ଡକୁମେଣ୍ଟ ପ୍ରସ୍ତୁତ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍?ସର ବ୍ୟବହାର କରାଯାଇଛି ବୋଲି ମତଦେଇ ସେ କହିଲେ ଯେ, ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ, ଯାହା କୃତ୍ରିମ ବୁଦ୍ଧିମତ୍ତାର ସହାୟତାରେ ଜନସାଧାରଣ ଦେଇଥିବା ତଥ୍ୟ ଏବଂ ପରାମର୍ଶଗୁଡ଼ିକୁ ବିଶ୍ଳେଷଣ କରି, ଏହି ଦସ୍ତାବିଜ ପ୍ରସ୍ତୁତ କରୁଛନ୍ତି। ବିଧାୟକ ଓ ସାଂସଦ ମାନଙ୍କ ଠାରୁ ମଧ୍ୟ ସେମାନଙ୍କର ଦୀର୍ଘ ଦିନର ଅଭିଜ୍ଞତା ଦୃଷ୍ଟିରୁ, ତାଙ୍କର ମୂଲ୍ୟବାନ ମତାମତ ଦେବାପାଇଁ ପତ୍ର ଜରିଆରେ ଅନୁରୋଧ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଲେ ଯେ, ଆମର ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର ଲକ୍ଷ୍ୟ, ଏ ଦୁଇଟି ବିଷୟକୁ ନେଇ ଆମର କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ପଡିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଦେଶ ଏବେ ଆତ୍ମ ନିର୍ଭର ଭାରତ ହେବା ଦିଗରେ ଅଗ୍ରସର ହୋଇ ଚାଲିଛି। ୨୦୩୬ରେ ଓଡିଶାରେ ମହିଳା ସଶକ୍ତି କରଣ କିପରି ହେବ ସେ ବିଷୟରେ ମଧ୍ୟ ସ୍ପଷ୍ଟ ଦିଗ ନିର୍ଦ୍ଧାରଣ କରାଯାଇଛି।

### ସୁବ୍ୟବସ୍ଥିତ ...

କ୍ଷୀର ଆଉଟା ନୀତିକୁ ନେଇ ବଡୁ ନିଯୋଗ ଓ ବ୍ରାହ୍ମଣ ନିଯୋଗ ମଧ୍ୟରେ ବିବାଦ ହୋଇଥିଲା। ଏହି କାରଣରୁ ୩ଦିନ ଧରି ଠାକୁରଙ୍କ ମଙ୍ଗଳ ଆଳତି, ଅବକାଶ ନୀତି ଓ ଅନ୍ୟାନ୍ୟ ନୀତିକାନ୍ତି ବନ୍ଦ ରହିଥିଲା। ମକର ମଣ୍ଡପରେ ଠାକୁର ଉପାସ ଅବସ୍ଥାରେ ମଧ୍ୟ ରହିଥିଲେ। ଫଳରେ ଶ୍ରଦ୍ଧାଳୁମାନେ ଅଭଡ଼ା ନପାଇ ନିରାଶ ହୋଇଥିଲେ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ବସି ସମାଧାନ କରାଯାଇଥିଲା, ମାତ୍ର ତାହା ପ୍ରଭାବୀ ହୋଇପାରିନାହିଁ। ସେହିପରି ୨୦୨୪ ଡିସେମ୍ବର ମାସରେ ଓଢ଼ଣ ଷଷ୍ଠୀବେଳେ ମହାପ୍ରଭୁ ଲିଙ୍ଗରାଜଙ୍କ ଅଧିବାସ ପୂଜା ନେଇ ପୂଜାପଣ୍ଡା ନିଯୋଗ ଓ ବଡୁ ନିଯୋଗ ମଧ୍ୟରେ ବିବାଦ ହୋଇଥିଲା। ଏହି କାରଣରୁ ସମସ୍ତ ନୀତିକାନ୍ତି, ମଙ୍ଗଳ ଆଳତିରୁ ଆରମ୍ଭ କରି ଅଭଡ଼ା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ପ୍ରଶାସନର ହସ୍ତକ୍ଷେପ ସତ୍ତ୍ୱେ ମହାପ୍ରଭୁଙ୍କ ଅଧିବାସ ପୂଜାକୁ ନେଇ ସେବାୟତଙ୍କ ମଧ୍ୟରେ ବିବାଦ ରହିଆସିଛି। ମକର ସଂକ୍ରାନ୍ତିବେଳେ ମହାପ୍ରଭୁଙ୍କ ନୀତିକାନ୍ତି ୩ଦିନ ଧରି ବନ୍ଦ ରହିବାପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିବାଦ ସୃଷ୍ଟିକାରୀ ସେବାୟତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦେଇଥିଲେ। ଏହାସହିତ ହାଇକୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ କମିଶନ ଗଠନ ଓ ସ୍ୱତନ୍ତ୍ର ଲିପି ପ୍ରସ୍ତୁତି ପାଇଁ ପ୍ରସ୍ତାବ ରହିଛି ବୋଲି ସୂଚନା ଦେଇଥିଲେ। ଲିଙ୍ଗରାଜ ମନ୍ଦିରର ସେବାୟତମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ମନ୍ଦିର ପ୍ରଶାସନ ଓ ଟ୍ରଷ୍ଟ ବୋର୍ଡ ବାରମ୍ବାର ବିଫଳ ହୋଇଥିବାର ନଜିର ରହିଛି। ବୈଠକ ଓ ଆଲୋଚନା ସତ୍ତ୍ୱେ ସ୍ଥାୟୀ ସମାଧାନ ବାହାରିପାରୁନି। ସେବାୟତମାନେ ନିୟମିତ ଭାବେ ଯେକୌଣସି ବିଭ୍ରାଟ ନିମନ୍ତେ ମନ୍ଦିର ପ୍ରଶାସନକୁ ଦାୟୀ କରୁଛନ୍ତି। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଢ଼ାଂଚାରେ ୨୦୨୦ ଡିସେମ୍ବରରେ ତତକାଳୀନ ସରକାର ଶ୍ରୀଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶ ଘୋଷଣା ହେବାପରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଇପାରି ନାହିଁ। ମନ୍ଦିର ପରିଚାଳନାରେ ଶୃଙ୍ଖଳା, ସେବାୟତଙ୍କ ଅଧିକାର ଓ ଦାୟିତ୍ୱ, ମନ୍ଦିର ସମ୍ପତ୍ତିର ସୁରକ୍ଷା, ଶ୍ରଦ୍ଧାଳୁଙ୍କ ଦର୍ଶନ ଓ ଅନ୍ୟାନ୍ୟ ସେବାରେ ସୁବିଧା କରିବାରେ ପ୍ରଶାସନ ବିଫଳ ହୋଇଛି।

### ଜଳ ପ୍ରଦୂଷଣରୁ ...

ମିଶୁଥିବାରୁ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ବଡ଼ ବିପଦ ଭାବେ ଉଭା ହୋଇଛି। ଲଗାତର ଭାବେ ପ୍ରଦୂଷିତ ନଦୀ ଜଳ ବ୍ୟବହାର କରୁଥିବାରୁ ଗଲ୍ ବ୍ଲାଡର କ୍ୟାନସର ହୋଇପାରେ ବୋଲି ସତର୍କ କରିଦେଇଛି ସର୍ଭେ। ସବୁଠାରୁ ସମ୍ବେଦନଶୀଳ କଥା ହେଉଛି ଶିଳ୍ପସଂସ୍ଥାରୁ ବାହାରୁଥିବା ହେଭି ମେଟାଲ ଅଂଶକୁ ଠିକ ପରିଚାଳନା କରାଯାଉନାହିଁ। ଆଲୁମିନିୟମ, ଆର୍ସେନିକ୍, ଲିଡ୍ ଓ କାଡମିୟମ ପରି ଧାତୁର ବର୍ଜ୍ୟ ପାଣିରେ ମିଶୁଥିବାରୁ ସ୍ୱାସ୍ଥ୍ୟ ପାଇଁ ବଡ଼ ବିପଦ ହେବ ବୋଲି ସତର୍କବାଣୀ ଶୁଣାଇଛି ଏହି ସର୍ଭେ। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି, ୫ ବର୍ଷ ମଧ୍ୟରେ ଓଡ଼ିଶାରେ କ୍ୟାନସର ରୋଗୀଙ୍କ ସଂଖ୍ୟା ୧୧.୫ ପ୍ରତିଶତ ବୃଦ୍ଧିପାଇଛି । ପୂର୍ବରୁ ଖାଦ୍ୟ, ପାନୀୟ ଓ ଅନ୍ୟ କାରକକୁ ନେଇ ଲୋକେ ଚିନ୍ତିତ ଥିବା ବେଳେ ଏବେ ଜଳ ପ୍ରଦୂଷଣରୁ କ୍ୟାନସର ଆଶଙ୍କା ଉଦବେଗ ବଢ଼ାଇ ଦେଇଛି। ଆଇସିଏମ୍‌ଆରର ଏହି ସର୍ଭେ ପରେ ସରକାର ସଚେତନ ହୋଇ ଏ ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ପ୍ରଦୂଷଣ ନିୟନ୍ତ୍ରଣ ସହିତ ନିରାପଦ ୱାଟର ମ୍ୟାନେଜମେଣ୍ଟକୁ ଫୋକସ୍ ନ କଲେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବ ଏଥିଲେ ଦ୍ୱିମତ ନାହିଁ।

## ମରଣଯନ୍ତା ପାଲଟିଛି ଶୈଳଶ୍ରୀ ବିହାର ଏମଆଇଜିରୁ ଚନ୍ଦ୍ରଶେଖରପୁର ଥାନା ରାସ୍ତା



**ଭୁବନେଶ୍ୱର :** ଶୈଳଶ୍ରୀ ବିହାର ଏମ୍‌ଆଇଜି କଲୋନୀରୁ ପଛପଟୁ ଚନ୍ଦ୍ରଶେଖର ଥାନା ପର୍ଯ୍ୟନ୍ତ ଯାଇଥିବା ୧ କିଲୋମିଟର ରାସ୍ତା ସ୍ଥାନୀୟ ଦୋକାନୀମାନଙ୍କ ଦ୍ୱାରା ଅବରୋଧ ହୋଇଯାଇଛି। ଫଳରେ ପଥଚାରୀ ଓ ଛୋଟବଡ ମୋଟର ଯାନ, ବାଇକ, ସ୍କୁଲ ବସ୍ ଯିବା ଆସିବାରେ ଅସୁବିଧା ହେଉଛି। ଏହି ରାସ୍ତାଟି ଜବରଦଖଲ ହେତୁ ନାରାୟଣ ସ୍କୁଲ, ଏଲେନ ସ୍କୁଲ, ଫୁଡ୍‌କୋଟ୍ ଏ ଇଣ୍ଡଷ୍ଟ୍ରିଆଲ ଏରିଆକୁ ସଂଯୋଗ କରୁଛି। ମାତ୍ର ଏହି ରାସ୍ତାରେ ଦୈନିକ ହଜାର ହଜାର ଗାଡି ଯାତାୟାତ କରୁଥିବାରୁ ପ୍ରତିଦିନ ଛୋଟବଡ ଦୁର୍ଘଟଣା ମାନ ଘଟିଚାଲିଛି। ଠେଲା ଗାଡି ଠୁଁ ବଡ ଦୋକାନ, ଜଳଖିଆ ଦୋକାନ ମାନଙ୍କରେ ଗ୍ରାହକଙ୍କ ଗହଳି ହେତୁ ପଥଚାରୀ, ସ୍କୁଲ ପିଲାମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ରମେଶ ଚନ୍ଦ୍ର ମାଝୀ ରାଜ୍ୟ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାର ପୂର୍ବତନ ସାଂସଦ ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ସୋମବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜ୍ୟ ବରିଷ୍ଠ ବିଜେଡିର ସାଧାରଣ ସମ୍ପାଦକ ଭାବେ ମନୋନୀତ କରିଛନ୍ତି। ରମେଶ ଚନ୍ଦ୍ର ମାଝୀ ଜଣେ ସୁଦକ୍ଷ ସଂଗଠକ, ଶୃଙ୍ଖଳିତ ଟାଣୁଆ ନେତା ଭାବେ ସବୁରି ମହଲରେ ସୁପରିଚିତ। ଏଥିସହିତ ସମସ୍ତ କର୍ମୀ ମାନଙ୍କ ସହ ଉତ୍ତମ ସମ୍ପର୍କ ଥିବାରୁ ତାଙ୍କ ନେତୃତ୍ୱରେ ରାଜ୍ୟ ବିଜେଡି ଅଧିକ ମଜଭୁତ ହୋଇ ପାରିବ। ଏହା ମଧ୍ୟରେ ରମେଶ ଚନ୍ଦ୍ର ମାଝୀଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆ ଯାଇଥିବାରୁ ନବରଙ୍ଗପୁର ଜିଲ୍ଲା ବିଜୁ ଜନତାଦଳ ରେ ଆନନ୍ଦର ଲହରି ଖେଳି ଯାଇଛି। ଏଥିପାଇଁ ରମେଶ ଚନ୍ଦ୍ର ମାଝୀ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଦଳକୁ ସଙ୍ଗଠିତ କରି ରାଜ୍ୟରେ କ୍ଷମତାକୁ ଆସିବାକୁ ଚେଷ୍ଟା କରାଯିବ ବୋଲି ରମେଶ ଚନ୍ଦ୍ର ମାଝୀ କହିଛନ୍ତି।

## ଜାତୀୟ ମାନବାଧିକାର ସାମ୍ମୁଖ୍ୟ ସଂଗଠନର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ



**ନବରଙ୍ଗପୁର :** ଜାତୀୟ ମାନବାଧିକାର ସାମ୍ମୁଖ୍ୟ ସଂଗଠନର ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକ ବାରିକପୁର ଶ୍ରୀ ରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଗଠନର ଜିଲ୍ଲା ସଭାପତି ନିର୍ମଳ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୈଠକର ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ରମେଶ ଭାରତୀ ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ବ୍ୟାପକ ଭାବେ ଆଲୋଚନା କରି ସଂଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ ତଥା ଆଗାମୀ ମେ ୩୧ ଓ ଜୁନ ୧ ତାରିଖ ପୁରୀରେ ହେବାକୁ ଥିବା ରାଷ୍ଟ୍ରୀୟ ପ୍ରଶିକ୍ଷଣ ସମାବେଶ ସମ୍ପର୍କରେ ସୂଚନା ଦେଇଥିଲେ। ଯାଜପୁର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତୁ ବେହେରା ତାଙ୍କ ଅଭିଜ୍ଞତା ଓ କାମ କରିବାର ଶୈଳୀ ସଂପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଭଣ୍ଡାରିପୋଖରୀ ରୁ ଅନନ୍ତ ତ୍ରିପାଠୀ, ଡାଃ ପୁରୁଷୋତ୍ତମ ଧଳ, ପ୍ରଫୁଲ୍ଲ କୁମାର ସାହୁ, ଘନଶ୍ୟାମ ସ୍ୱାଇଁ, ଅକ୍ଷୟ କୁମାର ମହାନ୍ତି, ନୃସିଂହ ଖୁଣ୍ଟିଆ, ଭଦ୍ରକରୁ ପ୍ରସନ୍ନ କୁମାର ପ୍ରଧାନ, ଜଗନ୍ନାଥ ରାୟ, ଧୀରେନ୍ଦ୍ର ନାରାୟଣ ପଣ୍ଡା, ବିକ୍ରମ ଚରଣ କହଁର, ବନ୍ତରୁ ମହେନ୍ଦ୍ର କୁମାର ତ୍ରିପାଠୀ, ରୂପଶ୍ରୀ ରାଉତ, ସନ୍ତୋଷ କୁମାର ରାଉତ, ଧାମନଗର ରୁ ରମେଶ ଚନ୍ଦ୍ର ଦାସ, ଜୟନ୍ତ କୁମାର ବେହେରା, ପ୍ରଦ୍ୟୁମ୍ନ ନାୟକ, ବାସୁଦେବପୁରରୁ ଶକୁନ୍ତଳା ଦାଶ, ଦୟାନିଧି ନାୟକ କେନ୍ଦୁଝର ଜିଲ୍ଲା ମଉଦାରୁ ସୁବୋଧ କୁମାର ସାହୁ, ସୁକାନ୍ତି ପଢିଆରି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଭଦ୍ରକ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ନାୟକ ପ୍ରଥମେ ପରିଚୟ ପ୍ରଦାନ କରି ଥିଲେ ଓ କାର୍ଯ୍ୟକ୍ରମକୁ ବେଶ୍ ସୁନ୍ଦର ଭାବେ ପରିଚାଳନା କରି ବୈଠକରେ ଅଧକ୍ଷତା କରୁଥିବା ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ।

## ନାହିଁ ନାହିଁର ଗାଁ ଢେଙ୍କାନାଳ ଜିଲ୍ଲାର ସର୍ପଣୀ



**ଢେଙ୍କାନାଳ :** ନାହିଁ ନାହିଁର ଗାଁ ଢେଙ୍କାନାଳ ଜିଲ୍ଲାର ସର୍ପଣୀ। ବଣ, ଜଙ୍ଗଲ ଘେରା ଏ ଗାଁରେ ଅଭିଶପ୍ତ ଜୀବନ ଜିଉଁଛନ୍ତି ଜୁଆଙ୍ଗ ପରିବାର। ବଞ୍ଚିବା ପାଇଁ ଜଙ୍ଗଲଜାତ ଫଳ ଓ ଚୂଆ ପାଣି ଏମାନଙ୍କ ଭରଷା। ଭୁବନ ବ୍ଲକ ମଠକରଗୋଳା ପଞ୍ଚାୟତରେ ରହିଛି ଏ ଆଦିବାସୀ ଗାଁ। ଏଠି ୩୦ରୁ ଅଧିକ ପରିବାର ବସବାସ କରନ୍ତି। ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରନ୍ତି। ସରକାରଙ୍କଠାରୁ ମିଳୁଥିବା ଚାଉଳ ଉପରେ ଏମାନେ ନିର୍ଭରଶୀଳ। ଗମନା ଗମନ କହିଲେ, ଏ ଖାଲଖମା ରାସ୍ତା। ରାସନ ଆଣିବା ପାଇଁ ପ୍ରାୟ ୨୦ କିଲୋମିଟର ଅଙ୍କାବଙ୍କା ଖାଲଖମା ରାସ୍ତା ଚାଲିବାକୁ ପଡ଼ିଥାଏ। ପାନୀୟ ଜଳ ପାଇଁ ବୋରୱେଲ ଖୋଳାଯାଇ ଗାଁରେ ବିଛାଯାଇଛି ପାଇପ। କିନ୍ତୁ ସେଥିରୁ ପାଣି ଆସୁନାହିଁ। ନଳକୂପ ଥିଲେ ବି ତାର ପାଣି ପିଇବା ଉପଯୋଗୀ ନୁହଁ। ଗାଁ ନିକଟ ଜଙ୍ଗଲରେ ଥିବା ଚୁଆ ଉପରେ ନିର୍ଭର କରିଥାଆନ୍ତି ଅଞ୍ଚଳବାସୀ। ଏଠି ଲୋକଙ୍କ ପାଖରେ ଦୁଇ ଓଳି ଖାଇବା ଯୋଗାଡ଼ କରିବାକୁ ଟଙ୍କା ନଥିବା ବେଳେ, ଦେହ ପା କଥା ପଚାରେ କିଏ। ରୋଗରେ ପଡ଼ିଥିବା ରୋଗୀ ଏଠି ଜଙ୍ଗଲ କୋଳି ଖାଏ ବଞ୍ଚେ। ଗତ ୨୪ ବର୍ଷର ସ୍ଥିର ସରକାର ଏମାନଙ୍କ ଦୁଃଖ ଶୁଣିଲେନି। ଏବେର ବିଜେପି ସରକାର ଦୁଃଖ ଦୂର କରିବେ ବୋଲି ଆଶା।

## ଖରା ଦିନେ ପାଣି ପାଇଁ ଘାଣ୍ଟି ହେଉଛି ବଣ୍ଡା ମଣିଷ



**ମାଲକାନଗିରି :** ଖରା ଏତେ ହେଉଛି ଯେ ମୁଣ୍ଡ ଝାଇଁ ମାରି ଯାଉଛି। ଟୋପାଏ ଜଳ ହିଁ ଜୀବନ ବଞ୍ଚାଇଛି। ଆଉ ଏଠି ସେଇ ଜଳ ବୁନ୍ଦାଏ ଲାଗି ବର୍ଷ ବର୍ଷ ଧରି ସଂଘର୍ଷ ଚାଲିଛି । ଆମେ କହୁଛୁ ମାଲକାନଗିରି ଜିଲ୍ଲାର ବଣ୍ଡା ଘାଟି କଥା। ଆପଣ ବିଶ୍ୱାସ କରିବେନି ଯେଉଁ ପାଣିରେ ଆମେ ଶୌଚ କରିବାକୁ ମନେ କରିବାନି। ସେଇ ପାଣିରେ ଏମାନେ ଜୀବନ ଧାରଣ କରୁଛନ୍ତି। ଆଉ ଏ ଦିନେ କି ଦୁଇ ଦିନ କଥା ନୁହେଁ ବର୍ଷ ବର୍ଷର ସମସ୍ୟା। ଖଇରପୁଟ ବ୍ଲକର ବଣ୍ଡାଘାଟିର ହଣ୍ଡରାହାଲ ଓ ମୁଦୁଲିପଡା ପଞ୍ଚାୟତରେ ରହିଛି ମୋଟ ୩୨ ଗାଁ। ସରକାରୀ ରେକର୍ଡରେ ଘାଟିରେ ମାତ୍ର ୬୦ରୁ ୭୦ଟି ନଳକୂପ ରହିଛି। ସେଥିମଧ୍ୟରୁ କିଛି ଅଚଳ ଏବଂ ଆଉ କିଛିରେ ବାହାରୁଛି ଗୋଳିଆ ପାଣି ଯାହାକି ବ୍ୟବହାର ଯୋଗ୍ୟ ନୁହେଁ। ଏମିତି ସ୍ଥିତିରେ ବାଧ ହୋଇ ଝରଣା, ଚୁଆ ଉପରେ ନିର୍ଭର ବଣ୍ଡାଘାଟିବାସୀ। ଗୋଟିଏ ଚୁଆରେ ଗାଈ ଗୋରୁଙ୍କଠୁ ଛେଳି, ମେଣ୍ଢା, କୁକୁର, ଘୁଷୁରି ସହ ମଣିଷ ପର୍ଯ୍ୟନ୍ତ ସମସ୍ତେ ପିଉଛନ୍ତି ପାଣି। ବସୁଧା ଯୋଜନାରେ ଘରେ ଘରେ ପାଣିର ପ୍ରତିଶ୍ରୁତି ଦେଇଥିବା ଗତ ବିଜେଡି ସରକାର ଗରିବ ଜନଜାତି ବଣ୍ଡା ଘାଟିରେ ପାଣି ଟାଙ୍କି ଦେବାକୁ ଭୁଲିଗଲା। ଏପରିକି ଖନନ ହୋଇଥିବା ନଳକୂପ ବି ପାଣି ଆବଶ୍ୟକତାକୁ ପୂରଣ କରିପାରୁନି। ଦୂଷିତ ପାଣି ପିଇ ବିଭିନ୍ନ ରୋଗରେ ପଡୁଥିବା କହିଛନ୍ତି ବଣ୍ଡାଘାଟି ବାସିନ୍ଦା। ଜଳ ସମସ୍ୟା ପ୍ରତି ପ୍ରଶାସନର ମଧ୍ୟ ଆଜି ଯାଏଁ ନଜର ପଡିନାହିଁ। ଜଳ ଯନ୍ତ୍ରଣାରେ ବର୍ଷ ବର୍ଷ ଧରି କଷ୍ଟ ପାଉଥିବା ବଣ୍ଡା ଘାଟି ବାସିନ୍ଦାଙ୍କ ଉପରେ କେବେ ପଡିବ ସରକାରଙ୍କ ନଜର।



# ଖରାଦିନ ପାନୀୟ

**ଦିନକୁ ଦିନ ବଢୁଛି ତାତି । ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ତତଲା ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ଏଭଳି ସ୍ଥିତିରେ ଲୋକମାନେ ସାମାନ୍ୟ ଥଣ୍ଡାର ସ୍ପର୍ଶରେ ବିମୋହିତ ହୋଇଉଠୁଛନ୍ତି । ଏଭଳି ସ୍ଥିତିରେ ଦେଶୀ ଓ ବିଦେଶୀ ଥଣ୍ଡାପାନୀୟ ବ୍ୟବସାୟୀମାନେ ଭେଳିକିଭେଳି ପସରା ରାସ୍ତାକଡରେ ମେଲିଦେଇଛନ୍ତି । ଥଣ୍ଡା ପାନୀୟ ଭାବରେ ଲସି, ଆଖୁରସ, ଘୋଳଦହି, ଚଲା, ସରବତ, ପଇଡପାଣି, ଜୁସ, ସୋଡା ଓ ଅନ୍ୟାନ୍ୟ ଥଣ୍ଡା ପାନୀୟର ଆଦର କାହିଁରେ କେତେ । ପ୍ରତିଟି ପାନୀୟରେ ଥାଏ ଭିନ୍ନ ଏକ ସ୍ୱାଦ ଓ ଭିନ୍ନ ଏକ ମହକ । ଖରାରେ ଶୋଷ ମେଣ୍ଟାଇବା ପାଇଁ ରାସ୍ତା କଡରେ ଥିବା ଏହି ଖରାଦିନିଆ ପାନୀୟ ଦୋକାନ ସାମ୍ନାରେ ଗ୍ରାହକ ଧାଡି ବାନ୍ଧୁଛନ୍ତି ।**



ପ୍ରେମାନନ୍ଦ ପାଣିଗ୍ରାହୀ

ଦିନକୁ ଦିନ ବଢୁଛି ତାତି । ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ତତଲା ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ଏଭଳି ସ୍ଥିତିରେ ଲୋକମାନେ ସାମାନ୍ୟ ଥଣ୍ଡାର ସ୍ପର୍ଶରେ ବିମୋହିତ ହୋଇଉଠୁଛନ୍ତି । ଏଭଳି ସ୍ଥିତିରେ ଦେଶୀ ଓ ବିଦେଶୀ ଥଣ୍ଡାପାନୀୟ ବ୍ୟବସାୟୀମାନେ ଭେଳିକିଭେଳି ପସରା ରାସ୍ତାକଡରେ ମେଲିଦେଇଛନ୍ତି । ଥଣ୍ଡା ପାନୀୟ ଭାବରେ ଲସି, ଆଖୁରସ, ଘୋଳଦହି, ଚଲା, ସରବତ, ପଇଡପାଣି, ଜୁସ, ସୋଡା ଓ ଅନ୍ୟାନ୍ୟ ଥଣ୍ଡା ପାନୀୟର ଆଦର କାହିଁରେ କେତେ । ପ୍ରତିଟି ପାନୀୟରେ ଥାଏ ଭିନ୍ନ ଏକ ସ୍ୱାଦ ଓ ଭିନ୍ନ ଏକ ମହକ । ଖରାରେ ଶୋଷ ମେଣ୍ଟାଇବା ପାଇଁ ରାସ୍ତା କଡରେ ଥିବା ଏହି ଖରାଦିନିଆ ପାନୀୟ ଦୋକାନ ସାମ୍ନାରେ ଗ୍ରାହକ ଧାଡି ବାନ୍ଧୁଛନ୍ତି ।

**ସମସ୍ତଙ୍କର ପସନ୍ଦର ପାନୀୟ ଲସି :** ଉଦୁଉଦିଆ ଖରା ସମୟରେ ହେଉ କି ସନ୍ଧ୍ୟା ସମୟରେ ହେଉ ଦହି, ନଡିଆ, କାଜୁ ଓ ରାବିଡିର ମିଶ୍ରଣରେ ପ୍ରସ୍ତୁତ ଲସିର ମଜା ଖରାଦିନେ ସବୁବେଳେ ବି ନେଇହେବ । ତେବେ ପ୍ରଚଣ୍ଡ ତାତିରୁ ରକ୍ଷା ପାଇବା ପାଇଁ ବିଶେଷ କରି ଯୁବପିଢି ଏହାକୁ ଅଧିକ ପସନ୍ଦ କରିଥାନ୍ତି । ଖରାତାପରୁ ମୁକ୍ତି ଦେବା ସହିତ ମନ ଖୁସି କରିଦିଏ ଲସି । କେବଳ ଓଡିଶା ନୁହେଁ ପ୍ରାୟ ହଜାରେ ବର୍ଷ ପୂର୍ବରୁ ଲସି ସାରା ଦେଶରେ ଏକ ପ୍ରମୁଖ ପାରମ୍ପରିକ ପାନୀୟର ମାନ୍ୟତା ପାଇଛି । ଉତ୍ତର ଭାରତ ତଥା ପଞ୍ଜାବରେ ଏହିଲସି ଅତିସାଧାରଣ । ଦହି ସାଥିରେ ପାଣି ଓ ସ୍ୱାଦ ଅନୁଯାୟୀ ଲୁଣ ବା ଚିନି ମିଶାଇ ସେମାନେ ମଧ୍ୟାହ୍ନ ଭୋଜନ ପରେ ଏହାକୁ ପିଇଥାନ୍ତି । ବିନା ଲସିରେ ଖାଦ୍ୟ ଖାଇବା ଅସମ୍ପୂର୍ଣ୍ଣ ବୋଲି ସେମାନେ ବିବେଚନା କରନ୍ତି । ପଞ୍ଜାବୀ ମାନଙ୍କର ଏହା ଏକ ପାରମ୍ପରିକ ପାନୀୟ ହୋଇଥିବାରୁ ସେମାନଙ୍କ ସହାୟତାରେ ଲସି ୧୯୫୦ ବେଳକୁ ଓଡିଶା ବଜାରରେ ପ୍ରବେଶ କରିଥିଲା । ପ୍ରଥମେ ଲସି ବେପାର କଟକରୁ ଆରମ୍ଭ ହୋଇ ୧୯୬୫ ବେଳକୁ ସାରା ଓଡିଶାକୁ ବ୍ୟାପିଯାଇଥିଲା । ସେତେବେଳେ କଟକର କଲିକତା ଲସି ଓ ଭୁବନେଶ୍ୱରର ଲିଙ୍ଗରାଜ ଲସିର ଚାହିଦା ଅନେକ ଥିଲା । ଏବେବି ଓଡିଶା ବଜାରରେ ବାହାର ରାଜ୍ୟର ଲସି ବ୍ୟବସାୟୀମାନଙ୍କର ପ୍ରବେଶ ରହିଛି । ସେମାନଙ୍କର ଲସି ପ୍ରସ୍ତୁତି ପ୍ରଣାଳୀ ଓଡିଶାର ବ୍ୟବସାୟୀଙ୍କ ଠାରୁ ଭିନ୍ନ ହୋଇଥିବାରୁ ଏସବୁ ଷ୍ଟଲ୍‌ରେ ଗରାଖଙ୍କ ବେଶ୍ ଭିଡ ଜମେ । ଲୋକଙ୍କ ଚାହିଦାକୁ ଆଖି ଆଗରେ ରଖି ଲସି ବେପାରୀମାନେ ଏହାର ଦାମ ନିର୍ଦ୍ଧାରଣ କରିଥାନ୍ତି । ଦହି ଲସି ଗ୍ଲାସ୍ ୩୦ରୁ ଆରମ୍ଭ କରି ୪୦ ଟଙ୍କା ଓ ରାବିଡି ଲସି ୫୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ରହିଥାଏ । ଦହି ଲସି ହେଉକି ରାବିଡି ଲସି ଦହି, ରାବିଡି, ଚିନିସିରା, ବରଫ, କାଜୁ କିସିମିସ୍, ଚେରି, ନଡିଆ କୋରା, ପେସ୍ତା, ବନ୍‌ଭିଟା, ଏସେନସ୍ ପ୍ରଭୃତିର ମିଶ୍ରଣରେ ପ୍ରସ୍ତୁତ ହୁଏ ଲସି । ମଧୁମେହ ରୋଗୀଙ୍କ ପାଇଁ ସୁଗାର ଫ୍ରି ଲସି ମଧ୍ୟ ପ୍ରସ୍ତୁତ ହେଲାଣି । ଖରାଦିନେ ଲସି ପିଇଲେ ଖାଦ୍ୟ ଶିଘ୍ର ହଜମ ହୋଇଥାଏ ।

**ମହୌଷଧୀ ଆଖୁରସ :** ଖରାଦିନେ ଦେଶୀ ପାନୀୟର ଚାହିଦା ବେଶୀ । ବର୍ଷକାଳି ବାରମାସ ମିଳୁଥିବା ଆଖୁରସ ଖରାଦିନେ ପିଇବାର ମଜା ଅଲଗା । ଅନ୍ୟ ପାନୀୟ ଅପେକ୍ଷା ଆଖୁରସର ଦାମ୍ କମ୍ ରହୁଥିବାରୁ ସବୁ ବର୍ଗର ଲୋକଙ୍କ ପାଇଁ ଏହା ଆଦୃତ ହୋଇଥାଏ । ବଜାରରେ ସାଧା ଆଖୁରସର ଦାମ୍ ୧୦ ଟଙ୍କା ରହିଥିବା ବେଳେ ସ୍ପେଶାଲ ଆଖୁରସର ଦାମ୍ ୧୫ ଟଙ୍କା ରହିଥାଏ । ଆଖୁରସ ଖରାଦିନେ ପିଇବା ଦ୍ୱାରା ପେଟ ଥଣ୍ଡା ରହିଥାଏ । ଆଖୁରସରେ ବରଫ, ଅଦାରସ, ଲେମ୍ବୁ ରସ, ପୋଦିନା ମିଶ୍ରଣ କଲେ ଏହା ଆହୁରି ସ୍ୱାଦଯୁକ୍ତ ହୋଇଥାଏ । ପାଟିକୁ ସୁଆଦ ଆଖୁରସ କେବଳ ପ୍ରବଳ ଗରମରୁ ରକ୍ଷା କରେ ନାହିଁ, ଏକାଧିକ ରୋଗରୁ ବି ସୁରକ୍ଷିତ ରଖିଥାଏ । ଏହା ଶରୀରକୁ ଶକ୍ତିଦେବା ସହିତ ପ୍ରବଳ ଗରମରୁ ସୁରକ୍ଷା ଦିଏ ।

**ପଇଡ :** ଫଳମାନଙ୍କ ମଧ୍ୟରେ ଶ୍ରେଷ୍ଠ ଫଳ ହେଉଛି ପଇଡ । ଏହାର ଜଳ ସୁସ୍ୱାଦୁ ଓ ଜୀର୍ଣ୍ଣକାରକ । ପଇଡ ଭିତରେ ଥିବା କୋମଳ ଶସ ବା ନାଳି ମଧ୍ୟ ଖାଇବାକୁ ରୁଚିକର । ଜଳରେ ଭରପୁର ଏହି ପଇଡ ପାଣି ପିଇବାକୁ ଗ୍ରାହକମାନେ ବେଶ ପସନ୍ଦ କରିଥାନ୍ତି । ଯେକୌଣସି କୃତ୍ରିମ ପାନୀୟ ଠାରୁ ପଇଡ ପାଣି ଅଧିକ ଉପଯୋଗୀ ପାଣି ଜଳୀୟଅଂସ ଯୁକ୍ତ ଖାଦ୍ୟ ମଧ୍ୟରେ ପଇଡ ଅନ୍ୟତମ । ଏହି ପଇଡର ଜଳ ହେଉଛି ଏକ ସର୍ବୋତ୍ତମ ପ୍ରାକୃତିକ ପାନୀୟ । ଏହା ଆମ ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ସହିତ ବିଭିନ୍ନ ରୋଗରୁ ରଖା କରିଥାଏ । ଡାକ୍ତରଙ୍କ ଠାରୁ ଆରମ୍ଭ କରି ବଇଦ ପର୍ଯ୍ୟନ୍ତ ସମସ୍ତେ ପଇଡ ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି । ପଇଡ ପାଣି ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ବିଶେଷ କରି ଜଣ୍ଡିସ ପରି ମାରାତ୍ମକ ରୋଗର ପ୍ରାଥମିକ ସ୍ତରରେ ପଇଡ ପାଣି ପିଇବା ଦ୍ୱାରା ଏହା ଭଲହୋଇଥାଏ । ଖରାଦିନେ ଦିନକୁ ଦୁଇରୁ ତିନି ଥର ପଇଡ ପାଣି ପିଇବା ଉଚିତ୍ । ଖରାଦିନେ ପଇଡର ଦାମ ୧୫ରୁ ୨୫ ଟଙ୍କା ରହିଥାଏ ।





**ବହୁ ରୋଗର ଉପକାରୀ ଲେମ୍ବୁ ପାଣି :** ଆମ ବାଡି ବଗିଚାରେ କଦଳୀ ପରେ ବାରମାସରେ ମିଳୁଥିବା ଫଳ ଭିତରେ ଲେମ୍ବୁ ହେଉଛି ଅନ୍ୟତମ । ଲେମ୍ବୁର ବ୍ୟବହାର ଆମ ସମାଜରେ ଏତେ ବେଶୀଯେ ଏହାକୁ ପରିବା ସାଙ୍ଗରେ ପ୍ରତିଦିନ କିଣାଯାଏ । କଦଳୀ ପରି ଲେମ୍ବୁ ଧନୀ ଓ ଗରିବ ସମସ୍ତଙ୍କ ପାଖରେ ଆଦରର ଫଳ । ଲେମ୍ବୁକୁ ଭଲ ପାଉନଥିବା ଲୋକ ବୋଧହୁଏ ଏ ସସଂସାରରେ କମ୍ ଥିବେ । ଲେମ୍ବୁରେ ଥିବା ଔଷଧୀୟ ଗୁଣ ଆମକୁ ବହୁ ରୋଗବ୍ୟାଧିରୁ ମୁକ୍ତି ଦେଇଥାଏ । ଖରାଦିନେ ଲେମ୍ବୁପାଣି ଶରୀରର ତାପମାତ୍ରାକୁ କମ୍ କରିବା ସହିତ ଖରାର ରକ୍ଷା କରିବାରେ ସାହାଯ୍ୟ କରିଥାଏ । ପାଣିରେ ଲେମ୍ବୁ,ଚିନି,ଲୁଣ ମିଶାଇ ସର୍ବତ କରି ପିଇଲେ ଏହା କେବଳ ପାଣିର ସ୍ୱାଦକୁ ବଢାଇଥାଏ ତାହା ନୁହେଁ ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ସକାଳୁ ଖାଲି ପେଟରେ ଲେମ୍ବୁ ପାଣି ପିଇବା ଦ୍ୱାରା ଶରୀରରେ ଥିବା ହାନିକାରକ ପଦାର୍ଥ ବାହାରି ଯାଇ ପୁରା ଶରୀରକୁ ଫୁର୍ତ୍ତି ମିଳିଥାଏ ।

**ସହଜରେ ହଜମ ହେଉଥିବା ପାନୀୟ ଘୋଳ ଦହି :** ଖରାଦିନେ ବହୁଲୋକଙ୍କ ଶରୀରରେ ଜଳୀୟ ଅଂଶର ଅଭାବ ଦେଖାଦେଇଥାଏ । ଏହି ଜଳୀୟ ଅଂଶର ଅଭାବକୁ ଦୂର କରିବା ପାଇଁ ଘୋଳ ଦହି ହେଉଛି ସବୁଠାରୁ ଉତ୍କୃଷ୍ଟ ପାନୀୟ । ଏହା ପେଟକୁ ଥଣ୍ଡା ରଖିଥାଏ । ଗରମ ଦିନେ ଏହାକୁ ଦେଶର ବିଭିନ୍ନ ଅଞ୍ଚଳର ଲୋକମାନେ ପନୀୟ ରୂପେ ବ୍ୟବହାର କରିଥାନ୍ତି । ଘୋଳ ଦହିରେ ଅଦା, ଗୋଲମରିଚ, ସୈନ୍ଧବ ଲବଣ, ପୋଦିନା ରସ ମିଶିଥିବାରୁ ସମସ୍ତ ଖାଦ୍ୟ ସହଜରେ ହଜମ ହୋଇଥାଏ । ଘୋଳ ଦହିରେ ସୁସ୍ଥ ବ୍ୟାକ୍ଟେରିଆ ଓ କାର୍ବୋହାଇଡ୍ରେଟ ଥାଏ ଫଳରେ ଏହାକୁ ପିଇବା ଦ୍ୱାରା ଶରୀରରେ ଶକ୍ତି ଆସିଥାଏ ।

**ଚିନ୍ତା ବଢାଏ ବିଦ୍ୟୁତକାଟ :** ଗ୍ରୀଷ୍ମ ଋତୁରେ ଜଳଭଣ୍ଡାର ଗୁଡିକରେ ଜଳସ୍ତର ଶୁଖିଯିବାରୁ ବିଦ୍ୟୁତ ଉତ୍ପାଦନ କମିଯାଇଥାଏ । ବେଳେବେଳେ କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ ତାର ଉପରେ ଗଛଡାଳ ପଡି ଛିଣ୍ଡି ଯିବାରୁ ବିଦ୍ୟୁତସେବା ସାମୟିକ ବନ୍ଦ ରହେ । ତେବେ ଫ୍ୟାନ,କୁଲର,ଏ.ସି ସହ ଅଭ୍ୟସ୍ତ ଲୋକେ ବିଦ୍ୟୁତ କାଟକୁ ସହଜରେ ହଜମ କରିପାରନ୍ତିନି । ତତଲା ପବନ ସାଙ୍ଗକୁ ଗୁଳୁଗୁଳିରେ ସେମାନେ ଅସ୍ତବ୍ୟସ୍ତ ହୋଇପଡନ୍ତି । ଗାଁ ଠାରୁ ସହରର ଅବସ୍ଥା ଦୁର୍ବିସହ ହୋଇଉଠେ । ନାଁ ଏଠି ଗଛର ଛାଇ ଅଛି ନାଁ ଜଳାଶୟ । କଂକ୍ରିଟ ଜଙ୍ଗଲରେ ଖାଲି କୋଠା ଆଉ କୋଠା ଯଦ୍ୱାରା ପବନ ବହିବାର ବାଟ ଏକ ପ୍ରକାର ବନ୍ଦ ।

**ବଢୁଛି ଖରା ଜମୁଛି ବେପାର :** ଖରାଦିନେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଗରମ ପବନ ଲୁ ପ୍ରବାହିତ ହୋଇଥାଏ । ଯେଉଁ ବ୍ୟକ୍ତି ଗରମ ବାତାବରଣରେ ଅଧିକ ସମୟ ଶାରିରୀକ ପରିଶ୍ରମ କରନ୍ତି ସେମାନେ ଏହାଦ୍ୱାରା ବେଶୀ ପ୍ରଭାବିତ ହୁଅନ୍ତି । ତେଣୁ ଖରାଦିନେ ପ୍ରଚୁର ଥଣ୍ଡାପାନୀୟ ପିଇବା ଦରକାର । ଏଭଳି ସ୍ଥିତିରେ ଦେଶୀ ଓ ବିଦେଶୀ ଥଣ୍ଡା ପାନୀୟ ବ୍ୟବସାୟୀମାନେ ଭଳିକି ଭଳି ପସରା ରାସ୍ତା କଡରେ ମେଲି ଦେଇଥାନ୍ତି । ବେପାରୀମାନେ ମଧ୍ୟ ଏହି ଖରାଦିନରେ ବେଶ୍ ଦିପଇସା ରୋଜଗାର ପାଇଁ ପ୍ରସ୍ତୁତ ହୋଇଥାନ୍ତି । ଆଇସ୍‌କ୍ରିମ ବେପାରୀ ମଧ୍ୟ ତା ବ୍ୟବସାୟକୁ ଜୋରଦାର କରିବା ପାଇଁ ଖରାତରାରେ ପ୍ରାଣମୂର୍ଚ୍ଛା ଉଦ୍ୟମ କରେ । ଋତୁକାଳୀନ ଫଳ, ଜଡିବୁଟି, ମସଲାକୁ ନେଇ ପ୍ରସ୍ତୁତ ଏହି ସବୁ ପାନୀୟ ଗରମ ଆଉ ତାତିରେ ପ୍ରକୃତ ମଜା ଦିଏ । ପ୍ରତିଟି ପାନୀୟରେ ଥାଏ ଭିନ୍ନ ସ୍ୱାଦ ଓ ଭିନ୍ନ ମହକ ।

ତେବେ ଯୁବ ପିଢିର ପସନ୍ଦର ପାନୀୟ ହେଉଛି ଲସି । ଦହି, ରାବିଡି, କାଜୁ, କିସମିସ, ଚେରି, ବରଫ ମିଶ୍ରିତ ଲସି ଅତି ସ୍ୱାଦିଷ୍ଟ ହୋଇଥାଏ । ଶୋଷ ମେଣ୍ଟାଇବାରେ ପଇଡ,ଲେମ୍ବୁପାଣି ଖରାଦିନେ ରାମବାଣ ପରି କାମକରେ । ଘୋଳ ଦହି, ଜଳଜିରା, ଆମ୍ବ ପଣା, ବେଲ ପଣା, ଆଖୁ ରସ.ଫଳ ରସ,କୋଲା ସୋଡା ବିଷେଶ କାର୍ଯ୍ୟ କରେ । ଟୋପି, ସନ୍ ଗ୍ଲାସ୍‌ର ବିକ୍ରି ବି କମ ନଥାଏ ।

**ଫଳର ସମ୍ଭାର :** ଗ୍ରୀଷ୍ମ ଋତୁ ହେଉଛି ଫଳର ଋତୁ । ନାନା ରକମର ସୁସ୍ୱାଦୁ ଫଳ ଓ କୋଳିର ସମ୍ଭାର ଦେଖିଲେ ଆଖି ଖୋସି ହୋଇଯାଏ । ଫଳ ମାନଙ୍କ ମଧ୍ୟରେ ଆମ୍ବ, ସପୁରୀ, ପଣସ, ତରଭୁଜ, ଲିଚୁ, ତାଳ, କେନ୍ଦୁ, ବେଲ ସାଙ୍ଗକୁ କୋଳିମାନଙ୍କ ମଧ୍ୟରେ ଜାମୁ, ଚାର, କୁସୁମ, ବଇଁଚ, ବେତ, ବଉଳ, ଖଜୁରୀ ବାରି ଠାରୁ ଆରମ୍ଭ କରି ବଣବୁଦାରେ ଭରପୁର ହୋଇଥାଏ ।

**ଗାଧୁଆ ମଜା :** ସ୍ନାନ ଶରୀର ପାଇଁ ଏକ ଆବଶ୍ୟକତା, ଯାହା ଶରୀର ଓ ମନକୁ ପବିତ୍ର କରିଥାଏ । ଶୀତଳ ଜଳରେ ସ୍ନାନ କରିବା ଦ୍ୱାରା ଦେହରେ ଜୀବନୀ ଶକ୍ତି ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଗ୍ରୀଷ୍ମ ଋତୁର ଶେଷ ମାସ ଜ୍ୟେଷ୍ଠ । ଆମ୍ବ ଓ ପଣସ ପାଚିବାର ମାସ ଜ୍ୟେଷ୍ଠ । ଜ୍ୟେଷ୍ଠ ମାନେତ ଅସହ୍ୟ ଗୁଳୁଗୁଳି । ଦେହ ପୋଡିବା ପରି ତାତି ଆଉ ଗାଧୋଇବା ପରି ଝାଳ । ଗୋଟିଏ ପଟେ ଯନ୍ତ୍ରଣା ଦେଉଥିବା ଏହି ଜ୍ୟେଷ୍ଠ ମାସ ଅନ୍ୟ ପଟେ ଦେଇଥାଏ ଶୀତଳତାର ସ୍ପର୍ଶ । ଜ୍ୟେଷ୍ଠ ମାସର ପ୍ରବଳ ଗୁଳୁଗୁଳିରେ ଅସହ୍ୟ ହୋଇପଡିଥିବା ମଣିଷ ଗାଧୋଇବାକୁ ଭଲ ପାଏ । ଦିନ ଗାଧୁଆ ଅପେକ୍ଷା ସନ୍ଧ୍ୟାବେଳର ଗାଧୁଆ ଆତ୍ମତୃପ୍ତି ଦେଇଥାଏ । ଦେହ ବହୁତ ଫୁର୍ତ୍ତି ଲାଗେ । କେବଳ ମଣିଷ ନୁହେଁ ଖରା ଓ ଗୁଳୁଗୁଳିରୁ ଶୀତଳତା ପାଇବା ପାଇଁ ବଡ ଦେଉଳ ଭିତରୁ ଭକ୍ତଙ୍କ ମେଳକୁ ବାହାରି ଆସନ୍ତି ବଡଠାକୁର । ଚତୁର୍ଦ୍ଧା ମୂର୍ତ୍ତି ୧୦୮ ଗରା ମନ୍ତ୍ର ଜଳରେ ସ୍ନାନ କରି ଜ୍ୱରରେ ବି ପଡନ୍ତି । ସନ୍ଧ୍ୟାବେଳେ ଟିକେ ଥଣ୍ଡା ଓ ନିର୍ମଳ ପବନ ପାଇବାକୁ ବିଭିନ୍ନ ପାର୍କ,ନଦୀ ଓ ସମୁଦ୍ର କୂଳ ଆଦି ସ୍ଥାନମାନଙ୍କରେ ଲୋକମାନଙ୍କର ବେଶ୍ ଭିଡ ଜମେ ।

*ଭୁଷଳ,ଭୁବନ,ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*







ଏକମାତ୍ର
ଭୁବନେଶ୍ୱର, ୧୨ - ୧୮ ମଇ, ୨୦୨୫





# ବିଜେପି ଓ କଂଗ୍ରେସକୁ ଘାରିଛି ସଂଗଠନ ଗଢିବା ଚିନ୍ତା



## ବିଜେପି ବାଛିପାରୁନି ମଙ୍ଗୁଆଳ
## କଂଗ୍ରେସ ଗଢ଼ିପାରୁନି ନୂଆ ଟିମ୍

**ଭୁବନେଶ୍ୱର :** ଦୁଇ ଜାତୀୟ ଦଳ ବିଜେପି ଓ କଂଗ୍ରେସକୁ ଘାରିଛି ସଂଗଠନ ଗଢିବା ଚିନ୍ତା। ଶାସକ ବିଜେପି ରାଜ୍ୟ ସଭାପତି ଚୟନ କରିବାର ଡେଡଲାଇନର ଡିସେମ୍ବରରୁ ଯାଇ ମେ'ରେ ପହଞ୍ଚିଲାଣି। ୫ ମାସ ହେବ ରାଜ୍ୟ ବିଜେପି ସଭାପତି ଚୟନ କରିପାରୁନି ଶାସକ ବିଜେପି। ବର୍ତ୍ତମାନର ରାଜ୍ୟ ସଭାପତି ମନମୋହନ ସାମଲ ନାଁ ନଆ ମୁହଁକୁ ଦଳ ଦାୟିତ୍ୱ ଦେବ ସେ ଅଙ୍କ ତୁଟୁନାହିଁ। ସଭାପତି ରେସ୍‌ରେ ରାଜ୍ୟ ସଭାପତି ମନମୋହନ ସାମଲ ଗୋଲକ ମହାପାତ୍ର, ସୁକାନ୍ତ ପାଣିଗ୍ରାହୀଙ୍କ ନାଁ ଚର୍ଚ୍ଚାରେ ରହିଛି। ଶାସକ ବିଜେପି ଦଳରେ ସଭାପତି ଚୟନ ନେଇ ଦଳୀୟ କନ୍ଦଳ ରହିଛି ନାଁ ଅନ୍ୟ କିଛି କାରଣ ଯୋଗୁଁ ଦଳ ସଭାପତି ଚୟନ କରିପାରୁନାହିଁ ତାହା ଏବେ ବଡ ପ୍ରଶ୍ନବାଚୀ। ଦଳର ଦୁଇ ବରିଷ୍ଠ ବିଧାୟକ ପ୍ରକାଶ ସୋରେନ ଓ ପଦ୍ମଲୋଚନ ପଣ୍ଡା କାହିଁକି ରାଜ୍ୟ ସଭାପତି ଚୟନ ହୋଇପାରୁନାହିଁ ତାହାକୁ ନେଇ ଭିନ୍ନ ଭିନ୍ନ ଯୁକ୍ତି ବାଢିଛନ୍ତି। ଦଳରେ ଆଶାୟୀ ଅଧିକ ଥିବାରୁ ସଭାପତି ଚୟନରେ ବିଳମ୍ବ ହେଉଥିବା କହିଛନ୍ତି। ଜାତୀୟ ଦଳରେ ସଭାପତି ଚୟନରେ ଟିକେ ବିଳମ୍ବ ହୁଏ ବୋଲି ବିଧାୟକମାନେ କହିଛନ୍ତି।

ଅନ୍ୟପଟେ ୮ମାସ ପରେ କଂଗ୍ରେସ ଫେବୃଆରୀ ୧୧ ତାରିଖରେ ଭକ୍ତ ଦାସଙ୍କ ପିସିସି ସଭାପତି ଭାବେ ନିଯୁକ୍ତ ଦେଇଥିଲା। ଦାୟିତ୍ୱ ନେବାର ୨ ମାସ ପରେ ବି ପିସିସି ସଭାପତି ନିଜର ନୂଆଟିମ ଗଠନ କରିପାରୁନାହାନ୍ତି। ଯାହାକୁ ନେଇ କଂଗ୍ରେସ ସଂଗଠନ ଶୀତଳ ପଡିଛି। ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ଲବି କି ଫାଇଲ ନୁହେଁ, ଫିଲଡ଼ରେ ଥିବା ନେତାଙ୍କୁ ସଂଗଠନର ଦାୟିତ୍ୱ ଦେବେ ପିସିସି ସଭାପତି। ସେହିପରି ବିଧାୟକ ଦାଶରଥୀ ଗମାଙ୍ଗ ଓ ବରିଷ୍ଠ ରାଜନେତା ସୁରେଶ କୁମାର ରାଉତରାୟ କହିଛନ୍ତି ସଂଗଠନରେ କାହାକୁ ଦାୟିତ୍ୱ ଦିଆଯିବ ସେନେଇ ପ୍ରକ୍ରିୟା ଜାରି ରହିଛି। ପିସିସି ସଭାପତି ସବୁ ଜିଲ୍ଲାରେ ସମ୍ବିଧାନ ବଞ୍ଚାଅ ସମାବେଶ କରି ସଂଗଠନ ସ୍ଥିତିର ସମୀକ୍ଷା କରୁଛନ୍ତି। ଖୁବଶୀଘ୍ର ପିସିସି ସଭାପତି ତାଙ୍କର ନୂଆ ଟିମ ଗଠନ କରିବେ ବୋଲି ନେତାଏ କହିଛନ୍ତି। ଦୁଇ ଜାତୀୟ ଦଳରେ ସଂଗଠନ ଟେନସନ ଲାଗି ରହିଥିବା ଦଳୀୟ କର୍ମୀ ଓ ନେତାମାନେ ନୂଆ ଟିମ୍‌କୁ ନେଇ ଆଶା ଓ ଆକାଂକ୍ଷାରେ ଅଛନ୍ତି। ନୂଆ ଟିମ୍ କିପରି ହେବ ଉଭୟ ବିଜେପି ଓ କଂଗ୍ରେସରେ ତାହାକୁ ନେଇ ଓଡିଶା ଦିଲ୍ଲୀଯାଏ ଚାଲିଛି ଦୁଇ ଦଳର ଘନଘନ କସରତ। ତଥାପି ସଂଗଠନ ଅଡୁଆ ତୁଟାଇ ପାରୁନଥିବାରୁ ଚିନ୍ତାରେ ରହିଛନ୍ତି ଦୁଇ ଜାତୀୟ ଦଳର ଶୀର୍ଷ ନେତୃତ୍ୱ।

### ରାତ୍ରି ଆଶ୍ରୟସ୍ଥଳ ପାଲଟିଛି ସ୍ଥାୟୀ ଥଇଥାନ କେନ୍ଦ୍ର

# ଗରିବ ନିରାଶ୍ରୟଙ୍କୁ ମିଳୁନି ଜାଗା



**ଭୁବନେଶ୍ୱର :** ରାଜଧାନୀରେ ଗରିବ ନିରାଶ୍ରୟଙ୍କୁ ନିସ୍ତାର ମିଳୁନି। ଏମାନେ ପ୍ରତିକୂଳ ପରିବେଶରେ ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ୍, ରାସ୍ତା କଡ଼ରେ, ଦୋକାନ ବଜାର ସମ୍ମୁଖରେ ରାତି ବିତାଉଛନ୍ତି। ଏହି ସବୁ ସ୍ଥାନ ନିରାଶ୍ରୟଙ୍କ ପାଇଁ ସ୍ଥାୟୀ ଠିକଣା ପାଲଟିଛି। ସହରରେ ଥିବା ୭ଟି ଆଶ୍ରୟସ୍ଥଳୀରେ ସବୁବେଳେ ପୂର୍ଣ୍ଣ ସଂଖ୍ୟାରେ ଲୋକ ଓ ବିଭିନ୍ନ ଅବ୍ୟବସ୍ଥା କାରଣରୁ ନିରାଶ୍ରୟମାନେ ଏଭଳି ଯାବତୀୟ ସମସ୍ୟାର ସମ୍ମୁଖୀନ ଭୋଗୁଛନ୍ତି। ବିଏମ୍‌ସି ପକ୍ଷରୁ ହୋଇଥିବା ରାତ୍ରି ଆଶ୍ରୟସ୍ଥଳୀରେ କିଛି ଲୋକ ନିଜକୁ ନିରାଶ୍ରୟ ବୋଲି ଦାବି କରି ବର୍ଷ ବର୍ଷ ଧରି ଡେରା ପକାଇ ରହିଛନ୍ତି। ଆଶ୍ରୟସ୍ଥଳ ଗୁଡ଼ିକ ଛଦ୍ମବେଶୀ ନିରାଶ୍ରୟଙ୍କ ସ୍ଥାୟୀ କବ୍ଜାରେ ରହିଛି। ଏଣେ ପ୍ରକୃତ ନିରାଶ୍ରୟମାନେ ରାଜପଥ କଡ଼ରେ ପଡ଼ି ରହିବାକୁ ବାଧ ହେଉଛନ୍ତି। ସୂଚନାନୁସାରେ ରାଜଧାନୀର ବିଭିନ୍ନ ସ୍ଥାନରେ ୭ଟି ସହରାଞ୍ଚଳ ବାସହୀନ ଆଶ୍ରୟସ୍ଥଳୀ ରହିଛି। ଏବେ ସବୁ ଆଶ୍ରୟସ୍ଥଳୀରେ ନିରାଶ୍ରୟ ଭର୍ତ୍ତି ହୋଇଥିବା ବିଏମ୍ସି ଦେଖାଉଛି। ଏଣେ କିନ୍ତୁ ବହୁ ନିରାଶ୍ରୟ ରାସ୍ତାକଡ଼ରେ ରାତି କଟାଉଛନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ପ୍ରତ୍ୟେକ ଲକ୍ଷେ ଜନସଂଖ୍ୟାରେ ଶହେ ଶଯ୍ୟା ବିଶିଷ୍ଟ ସହରାଞ୍ଚଳ ବାସହୀନଙ୍କ ପାଇଁ ରାତ୍ରି ରହଣି ବ୍ୟବସ୍ଥା କରିବା କଥା। ଭୁବନେଶ୍ୱର ସହରରେ ଏବେ ଜନସଂଖ୍ୟା ୧୨ଲକ୍ଷରୁ ଅଧିକରେ ପହଞ୍ଚିଛି। ଏହି ଅନୁସାରେ ସହରର ରାତ୍ରି ଆଶ୍ରୟସ୍ଥଳୀଗୁଡ଼ିକରେ ୧୨୦୦ ଶଯ୍ୟା ରହିବା କଥା। ମାତ୍ର ଏବେ ସହରର ୭ଟି ଆଶ୍ରୟସ୍ଥଳୀରେ ୪ ଶହରୁ କମ୍ ଶଯ୍ୟା ରହିଛି। ବରମୁଣ୍ଡା, ଗଙ୍ଗନଗର, ଚନ୍ଦ୍ରଶେଖରପୁର, ଅଶୋକନଗର, ଭୀମପୁର, ଘାଟିକିଆ ଓ ୟୁନିଟ୍-୩ରେ ଥିବା ଆଶ୍ରୟସ୍ଥଳୀଗୁଡ଼ିକୁ ବିଭିନ୍ନ ଠିକା ସଂସ୍ଥା ପରିଚାଳିତ କରୁଛନ୍ତି। ୟୁନିଟ୍-୩ରେ ଥିବା ଆଶ୍ରୟସ୍ଥଳୀର କ୍ଷମତା ୧୦୦ ଶଯ୍ୟା ହୋଇଥିବା ବେଳେ ଗଙ୍ଗନଗର, ଚନ୍ଦ୍ରଶେଖରପୁର, ଅଶୋକନଗର, ଘାଟିକିଆରେ ୫୦ ଲେଖାଏଁ, ଭୀମପୁର ଓ ବରମୁଣ୍ଡାରେ ୨୮ଟି ଲେଖାଏଁ ଶଯ୍ୟା ରହିଛି। ତେବେ ଏହା ଭିତରେ ଏକ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଛି। ନିୟମାନୁସାରେ ଏହି ରାତ୍ରି ଆଶ୍ରୟସ୍ଥଳରେ ନିରାଶ୍ରୟମାନେ ସର୍ବାଧିକ ୧୪ରୁ ୧୫ ଦିନ ପର୍ଯ୍ୟନ୍ତ ରହିବା କଥା। କିନ୍ତୁ କେତେକ ଲୋକ ଏଠାରେ ନିଜ ପରିବାର ସହ ବର୍ଷ ବର୍ଷ ଧରି ରହୁଛନ୍ତି। ରାତ୍ରି ଆଶ୍ରୟସ୍ଥଳକୁ ସ୍ଥାୟୀ ଥଇଥାନ କେନ୍ଦ୍ର ଭଳି ବ୍ୟବହାର କରୁଛନ୍ତି। ଏମାନଙ୍କ ମଧ୍ୟରେ କିଛି ଦିବ୍ୟାଙ୍ଗ ବ୍ୟକ୍ତି ରହିଛନ୍ତି। ରାଜଧାନୀରେ ସେମାନଙ୍କ ନିଜର ରହିବା ବ୍ୟବସ୍ଥା ଥିବା ସତ୍ତ୍ୱେ ସେମାନେ ଆଶ୍ରୟସ୍ଥଳ ଛାଡ଼ିବାକୁ ନାରାଜ। କେବଳ ରାତିରେ ରହିବାକୁ ନିୟମ ଥିବା ବେଳେ ସେମାନେ ଦିନରାତି ନିଜ ଘର ଭଳି ରହୁଛନ୍ତି। ପ୍ରାୟ ସମସ୍ତ ଆଶ୍ରୟସ୍ଥଳରେ ୪୦ଭାଗରୁ ଅଧିକ ଲୋକ ମାସ ମାସ ଧରି ରହୁଥିବା ଜଣାପଡ଼ିଛି। ତେଣୁ ନୂଆ କରି କୌଣସି ପରିସ୍ଥିତିରେ ପଡ଼ି ରାଜଧାନୀକୁ ଆସିଥିବା ଗରିବ ଲୋକଟି ରାଜପଥ କଡ଼ରେ ଶୋଇବାକୁ ବାଧ ହେଉଛି। ତେଣୁ ଏଭଳି ସମସ୍ୟା ଥିବାରୁ ପ୍ରକୃତ ନିରାଶ୍ରୟଙ୍କୁ ଆଶ୍ରୟସ୍ଥଳରେ ଜାଗା ମିଳୁନାହିଁ।

### ଭାରତ-ପାକ୍ ଉତ୍ତେଜନା

# ବଢିଲା ଶ୍ରୀମନ୍ଦିର, ହୀରାକୁଦ ଡ୍ୟାମ, ଓ ପାରାଦୀପ ବନ୍ଦରର ସୁରକ୍ଷା ବ୍ୟବସ୍ଥା



**ଭୁବନେଶ୍ୱର:** ଭାରତ-ପାକ୍ ଉତ୍ତେଜନାକୁ ଦୃଷ୍ଟିରେ ରଖି ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହାରି ମଧ୍ୟରେ ହୀରାକୁଦ ଡ୍ୟାମର ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। କଡ଼ା ସୁରକ୍ଷା ବଳୟରେ ହୀରାକୁଦ ଡ୍ୟାମର ଉଭୟ ପାର୍ଶ୍ୱ। ବନ୍ଧରେ ଅସ୍ଥାୟୀ ରକେଟ ଲଞ୍ଚର ସହ ଅତ୍ୟାଧୁନିକ ଏଲଏମଜି ସ୍ଥାପନ କରାଯାଇଛି। ହୀରାକୁଦ ଜଳଭଣ୍ଡାର ଅଞ୍ଚଳକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି। ହୀରାକୁଦ ଏବଂ ବୁର୍ଲା ଉଭୟ ଅଞ୍ଚଳରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ଏୟାର ଡିଫେନ୍ସ ସିଷ୍ଟମ ଅନୁଯାୟୀ ସମସ୍ତ ପଦକ୍ଷେପ ନିଆଯାଇଥିବା କହିଛନ୍ତି ସମ୍ବଲପୁର ଏସପି । ସେହିପରି- କଡ଼ା ସୁରକ୍ଷାରେ ଶ୍ରୀମନ୍ଦିର। ଭାରତ-ପାକ୍ ଉତ୍ତେଜନାକୁ ଦୃଷ୍ଟିରେ ରଖି ସୁରକ୍ଷା କଡ଼ାକଡ଼ି କରାଯାଇଛି। ଶ୍ରୀମନ୍ଦିର ଉଭୟ ପାର୍ଶ୍ୱରେ ପାଟ୍ରୋଲିଂ ବଢାଯାଇଥିବା ସୂଚନା ଦେଇଛନ୍ତି ପୁରୀ ଏସପି। ପ୍ରବେଶ ଓ ପ୍ରସ୍ଥାନ ରାସ୍ତାରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। ବିଭିନ୍ନ ହୋଟେଲ ଓ ଲଜରେ ଚେକିଂ କରାଯାଉଛି। ଓଡ଼ିଶାରେ ବିଭିନ୍ନ ସ୍ଥାନରେ ନାକା ଲଗାଯାଇ ଜୋରଦାର ଚେକିଂ ବ୍ଲକିଂ କରାଯାଇଥିଲା। ଆତଙ୍କି ଆକ୍ରମଣକୁ ପ୍ରତିହତ କରିବା ଲାଗି ପୁରୀ ପୁଲିସ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ପୁରୀ ରେ ଥିବା ବିଭିନ୍ନ ହୋଟେଲ ଗୁଡିକୁ ଚେକିଂ କରାଯାଇଛି। ସେହିପରି ଶ୍ରୀ ମନ୍ଦିର ସୁରକ୍ଷା ସହ ଭକ୍ତଙ୍କ ସୁରକ୍ଷା ଲାଗି ମୁତୟନ ଅଛନ୍ତି ସ୍ୱତନ୍ତ୍ର ସୁରକ୍ଷା ବାହିନୀ। ପାରାଦୀପରେ ମଧ୍ୟ ହାଇ ଆଲର୍ଟ ଜାରି ହୋଇଛି। ପାରାଦୀପ ବନ୍ଦର ସୁରକ୍ଷା ବଢ଼ାଇ ଦିଆଯାଇଛି। ବନ୍ଦର ସୁରକ୍ଷା ସ୍ତର ୨କୁ ବୃଦ୍ଧି କରାଯାଇଛି। ସୁରକ୍ଷା ସ୍ତର ବୃଦ୍ଧି ସହ ସବୁ ଜାହାଜ ଉପରେ ନଜର ରଖାଯାଇଛି। ସୁରକ୍ଷା କର୍ମୀ ସଂଖ୍ୟା ବୃଦ୍ଧି କରାଯିବା ସହ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

### ସୁପ୍ରିମକୋର୍ଟଙ୍କ ରାୟ ପରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବଡ଼ ସୂଚନା

# ଖୁବଶୀଘ୍ର ରାଜ୍ୟରେ ଆରମ୍ଭ ହେବ କୁଳପତି ଓ ପ୍ରଫେସର ନିଯୁକ୍ତି ପ୍ରକ୍ରିୟା



**ଭୁବନେଶ୍ୱର :** ଓଡ଼ିଶାରେ ବିଶ୍ୱବିଦ୍ୟାଳୟମାନଙ୍କରେ କୁଳପତି ଓ ଅଧ୍ୟାପକ ନିଯୁକ୍ତିକୁ ନେଇ ଲାଗିଥିବା ରୋକ୍‌କୁ ସୁପ୍ରିମକୋର୍ଟ ହଟାଇଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ନେଇ ରୁଜୁ ହୋଇଥିବା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଓଡ଼ିଶାର ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟାପକ ନିଯୁକ୍ତି ଉପରେ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ହଟାଇ ଦେଇଛନ୍ତି। ଏହା ସହିତ ବର୍ତ୍ତମାନ ନୂଆ ସଂଶୋଧନ ଆଇନ୍ ବା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଅନୁସାରେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟମାନଙ୍କରେ କୁଳପତି ଓ ଅଧ୍ୟାପକ ନିଯୁକ୍ତି ହୋଇପାରିବ। ସୁପ୍ରିମକୋର୍ଟଙ୍କର ଏହି ନିଷ୍ପତ୍ତିକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ କରିବା ସହିତ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ନେଇ ରୁଜୁ ହୋଇଥିବା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଓଡ଼ିଶାର ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟାପକ ନିଯୁକ୍ତି ଉପରେ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ହଟାଇ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କର ନିଷ୍ପତ୍ତି ପୂର୍ବ ସରକାରଙ୍କ ଦ୍ୱାରା ଅଣାଯାଇଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ଭୁଲ୍ ସାବ୍ୟସ୍ତ କରିବା ସହିତ ଏହା ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗର ନିୟମାବଳୀକୁ ଉଲଂଘନ କରୁଥିଲା ବୋଲି ସ୍ପଷ୍ଟ ପ୍ରତିପାଦିତ ହୋଇଛି। ବର୍ତ୍ତମାନ ସୁପ୍ରିମ କୋର୍ଟଙ୍କ ଦ୍ୱାରା ଅନ୍ତରୀଣ ରହିତାଦେଶ ହଟିବା ପରେ ବିଶ୍ୱବିଦ୍ୟାଳୟମାନଙ୍କରେ କୁଳପତି ଓ ଅଧ୍ୟାପକ ନିଯୁକ୍ତି ପ୍ରକିୟା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଆଧାରରେ କରାଯିବ। ଖାଲି ପଡ଼ି ରହିଥିବା ପଦବୀ ଗୁଡ଼ିକୁ ଯଥାଶୀଘ୍ର ପୂରଣ କରାଯିବାପାଇଁ ପଦକ୍ଷେପ ନିଆଯିବ। ଏଥିସହିତ ପୂର୍ବ ସରକାରଙ୍କ ଐତିହାସିକ ଭୁଲ୍ ନିଷ୍ପତ୍ତି ପାଇଁ ଉଚ୍ଚଶିକ୍ଷାରେ ନିଯୁକ୍ତି ଦିଗରେ ଆସିଥିବା ସ୍ଥାଣୁତାକୁ ଦୂର କରିବା ପାଇଁ କାର୍ଯ୍ୟ କରାଯିବ। ରାଜ୍ୟରେ ଶିକ୍ଷାର ସାମଗ୍ରିକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ରାଜ୍ୟରେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ। ଏହି ନୂତନ ଅଧିନିୟମକୁ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗର ନିୟମାବଳୀ ସହ ସମନ୍ୱୟ ରକ୍ଷା କରି ଅଣାଯାଇଛି। ବିଧାନସଭାରେ ରାତି ତମାମ୍ ଆଲୋଚନା ହେବାପରେ ବିଧେୟକ ପାରିତ ହେବା ଏବଂ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରି ଏହି ନୂତନ ଅଧିନିୟମ ଆସିବା ଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ସୂର୍ଯ୍ୟୋଦୟ ହୋଇଛି। ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତାକୁ ସୁନିଶ୍ଚିତ କରିବା, ଶୈକ୍ଷିକ ସଂସ୍କୃତିକୁ ବଜାୟ ରଖିବା ସହ ନିଯୁକ୍ତି ପ୍ରକିୟାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯିବ। ଏଥିସହ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଏକ ମାଇଲ୍ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି।

# ଇକୋ ଟୁରିଜିମ୍ ହବ୍ ହେବ 'ଗୁଲୁମୀ' ଜଳପ୍ରପାତ



**କୋରାପୁଟ:** ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର କୋରାପୁଟ। ଘଞ୍ଚ ଜଙ୍ଗଲ , ଜଳ ପ୍ରପାତ ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଲୋକଙ୍କୁ ଆକୃଷ୍ଟ କରିଥାଏ। ସେ ମଧ୍ୟରୁ 'ଗୁଲୁମୀ' ଜଳପ୍ରପାତ ଅନ୍ୟତମ। ଓଡିଶା ସୀମାନ୍ତ କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ଛତର୍ଲା ପଞ୍ଚାୟତରେ ରହିଛି 'ଗୁଲୁମୀ ଜଳପ୍ରପାତ'। କୋଲାବ ନଦୀ ଓ ଜହଁରା ନଦୀ ମିଶି ସୃଷ୍ଟି ହୋଇଛି ଏହି ଜଳପ୍ରପାତ। ଯାହା କୋଟପାଡ଼ ବ୍ଲକ ସଦର ମହକୁମାଠୁ ୩୦ କିଲୋମିଟର ଓ ଛତିଶଗଡ ସୀମାନ୍ତ ଠାରୁ ମାତ୍ର ୨୦ କିଲୋମିଟର ଦୂରରେ ରହିଛି। ସୁନ୍ଦର ପ୍ରାକୃତିକ ପରିବେଶ। ଘଞ୍ଚ ଜଙ୍ଗଲ ମଧ୍ୟରେ ପକ୍ଷୀ ମାନଙ୍କ କିଚିରି ମିଚିରି ଶବ୍ଦ, ଲାଲ ମୁଗୁନି ପଥର ପାହାଡ଼ର ଛାତି ଚିରି କୁଲୁ କୁଲୁ ଶବ୍ଦ କରି ବହିଯାଇଛି ଏହି ସୁନ୍ଦର ଜଳପ୍ରପାତ। ସତେ ଯେମିତି ପ୍ରକୃତି ରାଣୀ ତାର ସମସ୍ତ ସୌନ୍ଦର୍ଯ୍ୟକୁ ଏହି ସ୍ଥାନରେ ହିଁ ଢାଳି ଦେଇଛି। ଓଡିଶା, ଛତିଶଗଡ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ସହ ଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ମାନେ ଏଠାକୁ ଆସିଥାନ୍ତି। ବର୍ଷା ଦିନ ଛାଡ଼ି ସବୁ ସମୟରେ ପର୍ଯ୍ୟଟକଙ୍କ ଭିଡ ଜମିଥାଏ। ପୂର୍ବ ସରକାର ସମୟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଗୁଲୁମୀକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇସାରିଥିଲେ ମଧ୍ୟ ଅନ୍ୟ ପର୍ଯ୍ୟଟନ ସ୍ଥଳୀ ଭଳି ଏହାର ଆଖିଦୃଶିଆ ବିକାଶ ହୋଇପାରିନି। କେବଳ ସାଇନବୋର୍ଡରେ ସିମିତ ରହିଛି ଗୁଲୁମୀର ବିକାଶ। ମୋବାଇଲ ନେଟଓ୍ୱର୍କ, ଶୌଚାଳୟ, ଲାଇଟ, ଭ୍ରମଣରାସ୍ତା ବ୍ୟବସ୍ଥା ନଥିବାଯୋଗୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପର୍ଯ୍ୟଟକ। ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ ଓ ଫଟୋ ଉତୋଳନ ପାଇଁ ଭିଉ ପଏଣ୍ଟ ତିଆରି ହୋଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ପର୍ଯ୍ୟଟକଙ୍କ କାମରେ ଆସିପାରୁନି। ତେବେ ଗୁଲୁମୀର ବିକାଶ ପାଇଁ କୋଟପାଡ଼ ବିଧାୟକ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିବା ସହ ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୋରାପୁଟ ଗସ୍ତ ବେଳେ ଗୁଲମୀ ଜଳ ପ୍ରପାତକୁ ଇକୋ ଟୁରିଜିମ୍ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ପର୍ଯ୍ୟଟନ ବିଭାଗ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା। ନୂଆ ସରକାରଙ୍କ ଏ ପ୍ରୟାସରେ 'ଗୁଲୁମୀ' ବିକାଶର ଶୀର୍ଷ ଛୁଇଁବ ବୋଲି ଆଶା।।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

# ଜଗନ୍ନାଥଙ୍କ ଦାରୁକ୍ଷେତ୍ର ଦଧିମାଛ ଗାଡ଼ିଆରେ ବିଶ୍ୱଶାନ୍ତି ମହାଯଜ୍ଞ



**ଖୋର୍ଦ୍ଧା :** ଏହି ସ୍ଥାନ ହେଉଛି ମହାପ୍ରଭୁ ଜଗନ୍ନାଥଙ୍କ ଦାରୁ କ୍ଷେତ୍ର ଖୋର୍ଦ୍ଧାର ଦାଧିମାଛଗଡିଆର ଜଗନ୍ନାଥ ମନ୍ଦିର। କାକଟ ପୁରର ମା ମଙ୍ଗଳାଙ୍କ ସ୍ୱପ୍ନାଦେଶରେ ୧୯୯୬ ମସିହାରେ ଖୋର୍ଦ୍ଧା ନିକଟସ୍ଥ ଦଧିମାଛ ଗାଡ଼ିଆରୁ ମହାପ୍ରଭୁ ଜଗନ୍ନାଥଙ୍କ ଦାରୁ ପ୍ରାପ୍ତ ହେଇଥିଲା। ମହାପ୍ରଭୁଙ୍କ ଏହି ପବିତ୍ର ଦାରୁ ବୃକ୍ଷ ସ୍ଥାନାନ୍ତର ପରେ ବିଶ୍ୱଶାନ୍ତି ମହାଯଜ୍ଞ ହୋଇ ୧୯୯୮ ମସିହାରୁ ସେହି ସ୍ଥାନରେ ମହାପ୍ରଭୂ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଏଠାରେ ମହାପ୍ରଭୁ ଜଗନ୍ନାଥଙ୍କ ସହିତ ଅନ୍ୟ ଦେବାଦେବୀ ମାନେ ପୂଜା ପାଇ ଆସୁଛନ୍ତି। ପୁରୀ ଶ୍ରୀମନ୍ଦିର ରୀତିନୀତି ଅନୁସାରେ ଏହି ପବିତ୍ର ଦାରୁକ୍ଷେତ୍ର ଦଧିମାଛଗାଡ଼ିଆରେ ମହାପ୍ରଭୁ ପୂଜା ପାଇ ଆସୁଛନ୍ତି। ସ୍ଥାନୀୟ ଅଞ୍ଚଳ ଓ ଦୂର ଦୂରାନ୍ତରୁ ଆସିଥିବା ବହୁ ଭକ୍ତଙ୍କ ସମାରୋହରେ ପ୍ରତି ବର୍ଷ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ହୋଇଆସୁଛି। ଏହି ପବିତ୍ର ଜଗନ୍ନାଥଙ୍କ ମନ୍ଦିର ଦଧିମାଛ ଗାଡ଼ିଆରେ ପ୍ରତି ବର୍ଷ ବୈଶାଖ ମାସ ଶୁକ୍ଳ ଏକାଦଶୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରାସାଦ ସେବନ ହୋଇ ଆସୁଅଛି। ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ସେବକ ମାନସ ରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ୧୯୯୮ ମସିହାରୁ ଏପର୍ଯ୍ୟନ୍ତ ସମସ୍ତ ନୀତି କ୍ରାନ୍ତି କରାଯାଇଥାଏ। ବିଶ୍ୱଶାନ୍ତି ମହାଯଜ୍ଞରେ ମାନସିକ ଧାରୀ ବ୍ରତୀ ମାନଙ୍କ ଦ୍ୱାରା କଳସ ଯାତ୍ରା ହୋଇଥାଏ। ୪ ଦିନ ବ୍ୟାପି ପ୍ରାତଃ କାଳରୁ ସଂଧ୍ୟା ପର୍ଯ୍ୟନ୍ତ ଯଜ୍ଞଶାଳାରେ ଯଜ୍ଞ କାର୍ଯ୍ୟ ହୋଇଥାଏ। ବିଶ୍ୱଶାନ୍ତି ମହାଯଜ୍ଞର ୪ ଦିନ ବ୍ୟାପି ସଂଧ୍ୟା ଆଳତୀ ପରଠାରୁ ରାତ୍ର ଆଳତୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଜଗନ୍ନାଥ ଭଜନ, ଚଣ୍ଡୀପାଠ, ହନୁମାନ ଚାଳିଶା, ରାମଲୀଳା କାର୍ଯ୍ୟମାନ କରାଯାଇଥାଏ। ଚତୁର୍ଦ୍ଦଶୀ ଦିନ ତଥା ରବିବାର ଦିନ ଦଧିମାଛଗାଡ଼ିଆ ଜଗନ୍ନାଥ ମନ୍ଦିରରେ ପୂର୍ଣ୍ଣାହୂତି ହୋଇଥିଲା। ଏହି ଅବସରରେ ବହୁପରିମାଣରେ ଶ୍ରଦ୍ଧାଳୁ ଓ ଭକ୍ତମାନେ ଯଜ୍ଞକୁଣ୍ଡରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଏହାପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି